Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 201
Saturday, 26 September 2026
Balasore, Page : 8, ₹ 2/
ବାଲେଶ୍ୱର, ଶନିବାର, ୨୬ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପ˜ ତା'ର କ'ଣ କରିବ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଭୋଟ୍ ଚୋରି ପ୍ରସଙ୍ଗ : ସାରା ଦେଶରେ ଗର୍ଜିଲା କଂଗ୍ରେସ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ୧୩ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିବା ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିବାଦୀୟ ନିଷ୍ପତ୍ତି ବିରୋଧରେ ଶୁକ୍ରବାର ସାରା ଦେଶରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗୁଆହାଟୀଠାରେ ବିକ୍ଷୋଭ ସମୟରେ ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ପୁଲିସ ଅଟକ ରଖିଛି । ଅନ୍ୟପକ୍ଷରେ ଚଣ୍ଡୀଗଡ଼ ଏବଂ ପାଟନାରେ ଆନ୍ଦୋଳନକାରୀଙ୍କୁ ଛତ୍ରଭଙ୍ଗ କରିବା ପାଇଁ ପୁଲିସ ପାଣି ମାଡ଼ କରିଛି । ଦିଲ୍ଲୀର ଜନ୍ତରମନ୍ତର ସମେତ ନିର୍ବାଚନ କମିସନ (ଇସିଆଇ) କାର୍ଯ୍ୟାଳୟ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଯୁବ କଂଗ୍ରେସ ପକ୍ଷରୁ ରାଇସିନା ରୋଡ୍‌ରୁ ମାର୍ଚ୍ଚ ଆୟୋଜନ କରାଯାଇଥିଲା । ଭୋପାଳ, ଡେରାଡୁନ୍, ପଞ୍ଜାବ, କର୍ଣ୍ଣାଟକ ଏବଂ କୋଲକାତାରେ କଂଗ୍ରେସ କର୍ମୀମାନେ ରାଜପଥକୁ ଓହ୍ଲାଇ 'ଜ୍ଞାନେଶ କୁମାରଙ୍କୁ ଗିରଫ କର' ଏବଂ 'ଭୋଟ୍ ଚୋରି ମ୍ୟାଜିକ୍ ଟ୍ରିକ୍ ଧରାପଡ଼ିଲା' ଭଳି ପୋଷ୍ଟର ଧରି ପ୍ରତିବାଦ କରିଛନ୍ତି । କର୍ଣ୍ଣାଟକରେ କଂଗ୍ରେସ ପକ୍ଷରୁ ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟର ତାଲିକା ଜାଲିଆତି ଅଭିଯୋଗରେ ପୁଲିସ ଏତଲା ଦିଆଯାଇଛି । ସେପଟେ ଯୁବ କଂଗ୍ରେସ 'ଜ୍ଞାନେଶ, ଇଟ୍ ଇଜ୍ ଡନ୍ ବ୍ରୋ' ନାମକ ଏକ ଦେଶବ୍ୟାପୀ ଅନଲାଇନ୍ ସିଟିଜେନ୍ ପିଟିସନ୍ ଆରମ୍ଭ କରିଛି ।

ଅପରପକ୍ଷରେ 'ସିଜେପି' ସଂସ୍ଥାପକ ଅଭିଜିତ୍ ଦୀପକେ ଚେତାବନୀ ଦେଇଛନ୍ତି ଯେ ସିଇସି ଶନିବାର ସୁଦ୍ଧା ଇସ୍ତଫା ନଦେଲେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହେବ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ସିଇସିଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିବା ସହ ୨୦୨୪ ଲୋକସଭା ଓ ଅନ୍ୟ ନିର୍ବାଚନଗୁଡ଼ିକରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ କରିଛନ୍ତି । ରାହୁଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଛି ଏବଂ ନିର୍ବାଚନ ବ୍ୟବସ୍ଥାକୁ ନଷ୍ଟ କରିଥିବା ବ୍ୟକ୍ତି 'ଦେଶଦ୍ରୋହୀ' ଅଟନ୍ତି । କଂଗ୍ରେସ ପାର୍ଲାମେଂଟର ଉଭୟ ଗୃହରେ ସିଇସିଙ୍କୁ ପଦଚ୍ୟୁତ କରିବା ପାଇଁ ପ୍ରସ୍ତାବ ଆଣିବାକୁ ପ୍ରସ୍ତୁତ ହେଉଛି । ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବାକୁ ଥିବା କଂଗ୍ରେସ କାର୍ଯ୍ୟକାରିଣୀ (ସିଡବ୍ଲ୍ୟୁସି) ବୈଠକରେ ଏହି ନିଷ୍ପତ୍ତି ଉପରେ ଚୂଡ଼ାନ୍ତ ମୋହର ବାଜିବ । ତେବେ ସମସ୍ତ ଅଭିଯୋଗକୁ ନିର୍ବାଚନ କମିସନ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି । ଆୟୋଗ କହିଛନ୍ତି ଯେ ବହୁ-ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ସଂସ୍ଥାରେ ଆଲୋଚନା ଓପ୍ରଶାସନିକ ପ୍ରତିକ୍ରିୟା ଏକ ସାଧାରଣ ପ୍ରକ୍ରିୟା ଏବଂ ଏସ୍‌ଆଇଆର ସଂକ୍ରାନ୍ତ ସମସ୍ତ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି । ସେହିପରି 'ଇସିଆଇ-ନେଟ୍' ସୁରକ୍ଷିତ ଓ ବିକେନ୍ଦ୍ରୀକୃତ ଭାବେ କାର୍ଯ୍ୟ କରୁଛି ବୋଲି ସ୍ପଷ୍ଟ କରାଯାଇଛି । ଅନ୍ୟପକ୍ଷରେ, କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ୍ କହିଛନ୍ତି ଯେ, ସାମ୍ବିଧାନିକ ସଂସ୍ଥା ଉପରେ ଜନସାଧାରଣଙ୍କ ସନ୍ଦେହ ଦୂର କରିବା ପାଇଁ ସିଇସି ନିଜର ପକ୍ଷ ସ୍ପଷ୍ଟ ଭାବେ ଉପସ୍ଥାପନ କରିବା ଆବଶ୍ୟକ ।

ସିଇସିଙ୍କୁ ନେଇ ଏନ୍‌ଡିଏ ମେଂଟରେ ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଏସ୍‌ଆଇଆର (ସ୍ୱତନ୍ତ୍ର ସଘନ ସଂଶୋଧନ)କୁ ନେଇ ନିର୍ବାଚନ କମିସନରଙ୍କ ମଧ୍ୟରେ ତୀବ୍ର ମତଭେଦଜନିତ ଖବର ବଡ଼ ଧରଣର ବିବାଦ ସୃଷ୍ଟି କରିଥିବାବେଳେ ଏବେ ପୁଣି ଏହି ପ୍ରସଙ୍ଗ ଏନ୍‌ଡିଏ ମେଂଟରେ ଦ୍ୱନ୍ଦ୍ୱ ବଢ଼ାଇଥିବା ଚର୍ଚ୍ଚା ହେଉଛି । ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଅସନ୍ତୋଷ ବଢ଼ୁଥିବାବେଳେ ଏନ୍‌ଡିଏ ସହଯୋଗୀ ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ଏବଂ ଆରଏଲ୍‌ଏମ୍ (ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା) ମୁଖ୍ୟ ଉପେନ୍ଦ୍ର କୁଶୱାହା କହିଛନ୍ତି ଯେ ନିର୍ବାଚନ କମିସନ ଏହି ପ୍ରସଙ୍ଗରେ ସର୍ବସାଧାରଣରେ ସ୍ପଷ୍ଟୀକରଣ ଦେଇ ଲୋକଙ୍କ ସନ୍ଦେହ ଦୂର କରନ୍ତୁ । ସିଇସି ଜ୍ଞାନେଶ କୁମାର ଏହି ପ୍ରସଙ୍ଗରେ ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରନ୍ତୁ ବୋଲି ଉଭୟ ନେତା ଅନୁରୋଧ କରିଛନ୍ତି । ପାଟନାରେ ସାମ୍ବାଦିକଙ୍କ ସହ କଥା ହୋଇ ପାଶ୍ୱାନ କହିଛନ୍ତି, ନିର୍ବାଚନ କମିସନଙ୍କ ସ୍ଥିତି ସ୍ପଷ୍ଟ କରିବାର ଦାୟିତ୍ୱ କମିସନ୍‌ର ଏବଂ ନିର୍ଦ୍ଦିଷ୍ଟ ଭାବେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କର । ସେ କହିଛନ୍ତି, କେବଳ ବିରୋଧୀ ଦଳ ନେତାଙ୍କ ପ୍ରଶ୍ନର ଜବାବ ଦେବା ଲକ୍ଷ୍ୟରେ ସ୍ପଷ୍ଟୀକରଣ ଦେବା ଉଚିତ ନୁହେଁ ବରଂ ନିର୍ବାଚନୀ ବ୍ୟବସ୍ଥାର ବିଶ୍ୱସନୀୟତାକୁ ନେଇ ଭୋଟରଙ୍କ ମନରେ ସୃଷ୍ଟି ହୋଇଥିବା ସନ୍ଦେହ ଦୂର କରିବାପାଇଁ ଇସି ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦିଅନ୍ତୁ । ହାଜିପୁର ସାଂସଦ କହିଛନ୍ତି, ସରକାରର ଏକ ଅଂଶ ଭାବେ ମୁଁ ଏହା ସ୍ପଷ୍ଟ କରୁଛି ଯେ ମୁଁ ଏକ ସାମ୍ବିଧାନିକ ସଂସ୍ଥାର ପକ୍ଷ ନେବାକୁ ଚାହୁଁନି । ବିରୋଧୀମାନେ ଯେଉଁ ଅଭିଯୋଗ ଉଠାଇଛନ୍ତି ତାକୁ ନେଇ ମଧ୍ୟ ମୁଁ ବେଶୀ ଚିନ୍ତିତ ନୁହେଁ । ସିଇସି ଜନସାଧାରଣଙ୍କ ବିଶ୍ୱାସ ରଖିବାପାଇଁ ସ୍ପଷ୍ଟୀକରଣ ଦିଅନ୍ତୁ । ଚିରାଗ ପାଶ୍ୱାନ ପୁଣିଥରେ କହିଛନ୍ତି, ଯଦି ଲୋକମାନେ ନିର୍ବାଚନୀ ପ୍ରକ୍ରିୟାଉପରୁ ବିଶ୍ୱାସ ହରାଇବେ ଏବଂ ଏହାକୁ ସନ୍ଦେହ କରିବେ ତେବେ ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ହେବ ନାହିଁ । ତେଣୁ ମୁଁ ଭାବୁଛି ଯେ କମିସନ ନିଜର ସ୍ଥିତି ସ୍ପଷ୍ଟ କରିବା ଜରୁରୀ । ରାଜ୍ୟସଭା ସାଂସଦ ଉପେନ୍ଦ୍ର କୁଶୱାହା କହିଛନ୍ତି, ସମଗ୍ର ଘଟଣାକୁ ଭଲ ଭାବେ ସ୍ପଷ୍ଟ କରିବାର ଜରୁରୀ ଆବଶ୍ୟକତା ରହିଛି । ଭୋଟରମାନଙ୍କ ମନରୁ ଦ୍ୱନ୍ଦ୍ୱ ଦୂର କରିବାପାଇଁ କମିସନ୍ ତୁରନ୍ତ ଏକ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଆରଏଲଏମ୍ ମୁଖ୍ୟ ଏକ୍ସରେ ଏକ ପୋଷ୍ଟ୍ କରିଛନ୍ତି । ସେହିପରି ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱାଧୀନ ଟିଡିପି ମଧ୍ୟ ଏହି ସମାନ କଥା କହିଛି । ଟିଡିପିର ଲୋକସଭା ନେତା ଲାଭୁ ଶ୍ରୀକ୍ରିଷ୍ଣ କହିଛନ୍ତି, ଜ୍ଞାନେଶ କୁମାର ନିର୍ବାଚନ କମିସନ ସଂପର୍କିତ ବିବାଦୀୟ ସ୍ଥିତି ନେଇ ସ୍ପଷ୍ଟ କରିବା ଉଚିତ । ଲୋକଙ୍କ ମନରୁ ଦ୍ୱନ୍ଦ୍ୱ ଦୂର କରିବା ଉଚିତ ବୋଲି ସେ କହିଛନ୍ତି ।

ସୋମବାର ଯାଏଁ ବିଧାନସଭା ମୁଲତବୀ

ଭୁବନେଶ୍ୱର, ୨୫/୯ (ଆ.ପ୍ର) : ବିଧାନସଭା ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଏମଏମଡିଆର ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିବା ଯୋଗୁଁ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା । ଏହାପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପ୍ରଥମେ ଅପରାହ୍ନ ୪ଟା ଯାଏଁ ବିଧାନସଭା ମୁଲତବୀ କରିଥିଲେ । ପରେ ଉପବାଚସ୍ପତିଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ବୈଠକ ବିଫଳ ହେବାରୁ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଏମ୍‌ଏମଡିଆର (ଖଣି) ସଂଶୋଧନ ବିଲ୍ ନେଇ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ରତିବାଦ କରିଥି । ଶୁକ୍ରବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ଓ ବିଜେଡି ବିଧାୟକ ବାଚସ୍ପତିଙ୍କ ପୋଡ଼ିୟମ ସାମ୍ନାକୁ ଚାଲି ଆସିଥିଲେ । ଏମଏମଡିଆର ସଂଶୋଧନ ଆଇନ ପ୍ରତିବାଦରେ ବିଭିନ୍ନ ଲେଖା ଥିବା ବ୍ୟାନର ଓ ପୋଷ୍ଟର ଧରିଥିଲେ । କଂଗ୍ରେସ ସଭ୍ୟମାନେ ଏମଏମଡିଆର ସଂଶୋଧନ ଆଇନ ବିରୋଧରେ ଲେଖାଥିବା ବ୍ୟାନରକୁ ଗାଉନ ଭଳି ସାର୍ଟ ଉପରେ ପିନ୍ଧିଥିଲେ । ଏମଏମଡିଆର ସଂଶୋଧନ ଆଇନ ବିରୋଧରେ ନାରାବାଜି ଦେଇ ଗୃହକୁ କମ୍ପାଇଥିଲେ ବିରୋଧୀ ଦଳ । ଫଳରେ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଶେଷରେ ଉପବାଚସ୍ପତି ଗୃହକୁ ଅପରାହ୍ନ ୪ ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ ।

ବିବାଦର କେନ୍ଦ୍ରରେ ଜ୍ଞାନେଶ କୁମାର; ପ୍ରବଳ ହେଉଛି ରାଜନୈତିକ ଝଡ଼

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ମଧ୍ୟରେ ସୃଷ୍ଟି ହୋଇଥିବା ମତାନ୍ତରକୁ ନେଇ ଦେଶର ରାଜନୈତିକ ପାରା ବଢ଼ିଚାଲିଛି । ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାର ଏବେ ଏକ ବଡ଼ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଅନ୍ୟ ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଆୟୋଗର କେତେକ ନିଷ୍ପତ୍ତି, ବିଶେଷ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ଉପରେ ନିଜର ଲିଖିତ ଅସନ୍ତୋଷ ପ୍ରକାଶ କରିବା ପରେ ଏହି ସ୍ଥିତି ଉପୁଜିଛି । ବିଗତ ୧୦ ମାସ ମଧ୍ୟରେ ନୂଆ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬ରେ ପରିବର୍ତ୍ତନ, ଭୋଟର ତାଲିକା ପରିଚାଳନାର କେନ୍ଦ୍ରୀକରଣ ଏବଂ ପଶ୍ଚିମବଙ୍ଗରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ପୁନଃ ସାମିଲ କରିବା ନିର୍ଦ୍ଦେଶ ବିରୋଧରେ ଆୟୋଗ ପକ୍ଷରୁ କୋର୍ଟରେ ଆବେଦନ କରାଯିବା ଭଳି ସଂବେଦନଶୀଳ ପ୍ରସଙ୍ଗ ରହିଛି । ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଆୟୋଗର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ସିଇସିଙ୍କ ଇସ୍ତଫା ଦାବି ଜୋରଦାର କରିଛନ୍ତି । ଏସ୍‌ଆଇଆର ସଂକ୍ରାନ୍ତ ସମସ୍ତ ମାମଲାର ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ ଏବଂ ଚାଲୁ ରହିଥିବା ଏସ୍‌ଆଇଆର ପ୍ରକ୍ରିୟାକୁ ତୁରନ୍ତ ସ୍ଥଗିତ ରଖାଯାଉ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି ।

ଅପରପକ୍ଷରେ ଆଜି ଦେଶବ୍ୟାପୀ କଂଗ୍ରେସର ବିରୋଧ ପ୍ରଦର୍ଶନ ସରକାରଙ୍କ ଅଡୁଆ ବଢ଼ାଇ ଦେଇଛି । ବିରୋଧୀଙ୍କ ଏହି ଅଭିଯୋଗକୁ ବିଜେପି ଦୃଢ଼ ଭାବେ ଖଣ୍ଡନ କରିଛି । ଦଳର ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏସ୍‌ଆଇଆର ସମ୍ପର୍କରେ ଆୟୋଗ ନେଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ସର୍ବସମ୍ମତ ଓ ଆଇନଗତ । ସୁପ୍ରିମକୋର୍ଟ ମଧ୍ୟ ପୂର୍ବରୁ ଏହି ପ୍ରକ୍ରିୟା ପରିଚାଳନା ପାଇଁ ଆୟୋଗଙ୍କ କ୍ଷମତାକୁ କାଏମ୍ ରଖିଛନ୍ତି । ବିଜେପି ଗତ ୭୦ ବର୍ଷ ହେଲା କଠିନ ପରିଶ୍ରମ କରି ଜନସାଧାରଣଙ୍କ ସମର୍ଥନ ହାସଲ କରିଛି, ଯେତେବେଳେ କି କଂଗ୍ରେସ ନିରନ୍ତର ଜନମତ ହରାଉଛି । ରାହୁଲ ଗାନ୍ଧୀ ଭିତିହୀନ ତଥ୍ୟ ଆଧାରରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ବଦନାମ୍ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଆରୋପ ପ୍ରତ୍ୟାରୋପ କରିଛନ୍ତି । ଏହି ନିର୍ବାଚନୀ ସଂଶୋଧନ ପ୍ରକ୍ରିୟା ଜରିଆରେ ଏପର୍ଯ୍ୟନ୍ତ ପ୍ରାୟ ୧୩ କୋଟି ନାଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଥିବାରୁ ଏହାକୁ ନେଇ ଆଇନଗତ ଓ ରାଜନୈତିକ ଝଡ଼ ପ୍ରବଳ ହେବାରେ ଲାଗିଛି । ସୂଚନାଯୋଗ୍ୟ, ସିଇସି ଜ୍ଞାନେଶ କୁମାରଙ୍କ କାର୍ଯ୍ୟକାଳ ପ୍ରାରମ୍ଭରୁ ହିଁ ବିବାଦୀୟ ରହିଛି । ଜ୍ଞାନେଶ କୁମାରଙ୍କୁ ୨୦୨୪ ମାର୍ଚ୍ଚ ୧୪ରେ ନିର୍ବାଚନ କମିସନର ଏବଂ ୨୦୨୫ ଫେବ୍ରୁଆରି ୧୭ରେ ମୁଖ୍ୟ ନିର୍ବାଚନ କମିସନର ଭାବେ ନିଯୁକ୍ତି ଦିଆଯାଇଥିଲା । ''ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନର (ନିଯୁକ୍ତି, ସେବା ସର୍ତ୍ତାବଳୀ ଓ କାର୍ଯ୍ୟକାଳ) ଆଇନ, ୨୦୨୩ ଅନୁଯାୟୀ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ତିନିଜଣିଆ କମିଟି ଦ୍ୱାରା ଏହି ନିଯୁକ୍ତି ହୋଇଥିଲା । ଏହି ସିଲେକ୍ସନ କମିଟିରେ କେନ୍ଦ୍ର ସରକାରଙ୍କ ପ୍ରାଧାନ୍ୟ ରହୁଥିବାରୁ ରାହୁଲ ଗାନ୍ଧୀ ସେତେବେଳେ ନିଜର ଆପତି ଦାଖଲ କରିଥିଲେ । ପୂର୍ବରୁ ୨୦୨୬ ମାର୍ଚ୍ଚ ୧୨ରେ ବିରୋଧୀ ଦଳଗୁଡ଼ିକ ସିଇସିଙ୍କ ବିରୋଧରେ ସଂସଦର ଉଭୟ ଗୃହରେ ମହାଭିଯୋଗ ନୋଟିସ୍ ଆଣିଥିଲେ, ଯାହାକୁ ଗୃହର ଅଧ୍ୟକ୍ଷ ରଦ୍ଦ କରିଦେଇଥିଲେ । ପରେ ୨୦୨୬ ଏପ୍ରିଲ ୨୪ରେ ପୁନର୍ବାର ଆଗତ ହୋଇଥିବା ନୋଟିସ୍ ରାଜ୍ୟସଭା ସଚିବ ଜେନେରାଲଙ୍କ ନିକଟରେ ବିଚାରାଧୀନ ଅଛି । ଏବେ ତାଙ୍କ ବିରୋଧରେ ତୃତୀୟ ମହାଭିଯୋଗ ନୋଟିସ୍ ଆଣିବାକୁ ବିରୋଧୀ ପ୍ରସ୍ତୁତି ଚଳାଇଛନ୍ତି ।

କଂଗ୍ରେସ କର୍ମୀ-ପୁଲିସ ଧସ୍ତାଧସ୍ତି, ଲୋୟର ପିଏମ୍‌ଜିରେ ପିସିସିର ଧାରଣା

ଭୁବନେଶ୍ୱର, ୨୫/୯ (ଆ.ପ୍ର) : ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଆଜି ପ୍ରଦେଶ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଧ୍ୟାହ୍ନରେ ଏଡିଏମ୍ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ ପାଇଁ ଆଗକୁ ବଢ଼ିଥିଲା । ସେଚ ସଦନ ନିକଟରେ ପୁଲିସ ବ୍ୟାରିକେଡ୍‌ରେ କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା । ସେଠାରେ କଂଗ୍ରେସ କର୍ମୀ-ପୁଲିସ ଭିତରେ ଧସ୍ତାଧସ୍ତି ହୋଇଥିଲା । ବରିଷ୍ଠ କଂଗ୍ରେସ ନେତାଙ୍କ ସମେତ ବହୁ କର୍ମୀଙ୍କୁ ପୁଲିସ ଅଟକ ରଖିଥିଲା । ଏହି ଅବସରରେ ପିସିସି ସଭାପତି ଭକ୍ତଚରଣ ଦାସ କହିଲେ, ଗତ ୩ବର୍ଷ ହେଲା 'ଭୋଟ୍ ଚୋରି' ହେଉଥିବା ନେଇ ରାହୁଲ ଗାନ୍ଧୀ କହିଆସୁଛନ୍ତି । ଦେଶର ନିର୍ବାଚନ ପ୍ରକ୍ରିୟାକୁ 'ଚୋରି' କରିବାକୁ ମୋଦୀ ସରକାର ନିର୍ବାଚନ ଆୟୋଗକୁ ଅସ୍ତ୍ରଭାବେ ବ୍ୟବହାର କରୁଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ(ସିଇସି) ଜ୍ଞାନେଶ କୁମାର ବିଜେପି ସରକାରର ହାତବାରିସୀ ସାଜି ଦେଶବ୍ୟାପୀ ତ୍ରୁଟିପୂର୍ଣ୍ଣ ସଘନ ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର) କରାଇ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ହତ୍ୟା କରିବା ପ୍ରମାଣିତ ହୋଇଛି । କ୍ୟାବିନେଟ୍ ସଚିବଙ୍କୁ ଲେଖାଯାଇଥିବା ଦୁଇ କମିସନରଙ୍କ ଚିଠିରେ ଅଭିଯୋଗ କରାଯାଇଛି ଯେ ସିଇସି ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୦ ଓ ଭୋଟର ପଞ୍ଜୀକରଣ ନିୟମାବଳୀ, ୧୯୬୦ କୁ ଉଲ୍ଲଂଘନ କରିଛନ୍ତି । ସିଇସିଙ୍କୁ ଆଇନ ବିରୋଧରେ କାର୍ଯ୍ୟ କରିବା ପାଇଁ କିଏ ରାଜନୈତିକ ସୁରକ୍ଷା ପ୍ରଦାନ କଲା? ଅତ୍ୟନ୍ତ ହାସ୍ୟାସ୍ପଦ ଭାବେ ନିର୍ବାଚନ ଆୟୋଗ ପକ୍ଷରୁ ସଫେଇ ଦିଆଯାଉଛି । ଆୟୁକ୍ତମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଥିଲେ ମଧ୍ୟ ସର୍ବସମ୍ମତ ମତରେ ନିଷ୍ପତ୍ତିଗୁଡ଼ିକ ନିଆଯାଇଛି ବୋଲି ଆୟୋଗ ସଫେଇ ଦେଇଛନ୍ତି । ଯଦି କ୍ୟାବିନେଟ ସଚିବଙ୍କ ପାଖରେ ଦୁଇ ଆୟୁକ୍ତଙ୍କୁ ଫେରାଦ୍ ହେବାକୁ ପଡ଼ିଲା, ସଂପୃକ୍ତ ନିଷ୍ପତ୍ତି ସର୍ବସମ୍ମତ ହେଲା କିପରି? ଅପରାହ୍ଣରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଲୋୟର ପିଏମ୍‌ଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା । ତେବେ ଶ୍ରୀ ଦାସ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି । ତେବେ ସିଇସି ଶ୍ରୀ କୁମାର ବିଦା ନ ହେଲା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଚାଲିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି । ବିକ୍ଷୋଭରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ସାଂସଦ ଅନନ୍ତ ସେଠୀ, ରାମଚନ୍ଦ୍ର ଖୁଁଟିଆ, ନକୁଳ ନାଏକ, ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନଗୋ, ସୁରେଶ ରାଉତରାୟ, ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ ରାଜନ ଏକ୍କା, ଅଶୋକ ଦାସ, ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ମିନାକ୍ଷୀ ବାହିନୀପତି, ଅରବିନ୍ଦ ଦାସ, ସିଦ୍ଧାର୍ଥ ଦାସ, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ବିଭୂତି ଭୂଷଣ ମହାପାତ୍ର, କିଶୋର ଜେନା, ରାଜୀବ ପଟ୍ଟନାୟକ, ବିଶ୍ୱଜିତ ଦାଶ, ରଜନୀ ମହାନ୍ତି, ଶିଳ୍ପୀ ହରିଚନ୍ଦନ, ଶ୍ରୀୟା ପଣ୍ଡା, ଶିବାନନ୍ଦ ରାୟ, ବିଶ୍ୱରଞ୍ଜନ ମହାନ୍ତି, ଜୟଶ୍ରୀ ପାତ୍ର ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ବଢ଼ିଲା ବନ୍ୟା ଭୟ, ରାଜ୍ୟର ଅଧିକାଂଶ ନଦୀ ବିପଦ ସଂକେତ ଉପରେ

ଭୁବନେଶ୍ୱର, ୨୫/୯ (ଆ.ପ୍ର) : ବାତ୍ୟା ଭୟ ଟଳିବା ପରେ ଏବେ ଡରାଉଛି ବନ୍ୟା ଆଶଙ୍କା । ଲଗାଣ ବର୍ଷା ପ୍ରଭାବରେ ରାଜ୍ୟର ବିଭିନ୍ନ ନଦୀ ଫୁଲିଛି । ଦକ୍ଷିଣରେ ବହୁ ନଦୀର ଜଳସ୍ତର ବଢ଼ିଥିବାବେଳେ ଉପକୂଳ ଓ ଉତ୍ତର ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବ ବନ୍ୟାର ଦୁର୍ଦ୍ଦଶାରୁ ମୁକୁଳୁ ମୁକୁଳୁ ପୁଣି ପଶିଛି ବଢ଼ି ପାଣି । ଲଗାଣ ବର୍ଷା ପରେ ଅଧାରୁ ଅଧିକ ଓଡ଼ିଶାରେ ବନ୍ୟା ଭୟ । ଦକ୍ଷିଣ ଓଡ଼ିଶା ବେହାଲ ହୋଇଥିବାବେଳେ ଉତ୍ତର, ଉପକୂଳ ଓ ଆଭିନ୍ତରୀଣ ଓଡ଼ିଶା ଲୋକଙ୍କୁ ପୁଣି ଘାରିଛି ନଇ ବଢ଼ି ଚିନ୍ତା । ଉତ୍ତର ଓଡ଼ିଶା ଓ ଝାଡଖଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଫୁଲି ଉଠିଛି ନଦୀର ଜଳସ୍ତର । ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ଜଳକା ନଦୀର ଜଳସ୍ତର ବଢ଼ୁଥିବାରୁ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ଶିମିଳିପାଳ ପାହାଡ଼ ଆଡୁ ପ୍ରଖର ସ୍ରୋତରେ ସୁସୁ ଗର୍ଜନ କରି ମାଡି ଆସିଛି ବର୍ଷା ପାଣି । ଯାହାଫଳରେ ବୁଢ଼ାବଳଙ୍ଗ ସୁବର୍ଣ୍ଣରେଖା ଓ ଜଳକା ନଦୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ମୟୂରଭଞ୍ଜ ସମେତ ବାଲେଶ୍ୱର ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇରେ ନଦୀର ଜଳ ବନ୍ଧ ଡେଇଁ ଗାଁରେ ପଶିଛି । କେତେକ ସ୍ଥାନରେ ପୋଲ ଉପରେ ଚାଲିଛି ବଢ଼ି ପାଣି । ପ୍ରଭାବିତ ହୋଇଛି ଜୀବନ ଜୀବିକା । ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ଓ ବୈତରଣୀରେ ପୁଣି ଥରେ ବନ୍ୟା ଆସିଛି । ବ୍ରାହ୍ମଣୀ ଫୁଲୁଥିବାବେଳେ ବୈତରଣୀ ବିପଦ ସଂକେତ ପାଖରେ ପହଂଚିଛି । ଯାଜପୁର ଦଶରଥପୁର ଡୋରାବିଲ ପାଟଣାରେ ଘାଇ ପୁଣି ଭାଙ୍ଗି ଯାଇଛି । ଫଳରେ ଦଶରଥପୁର ବ୍ଲକର ତରପଦା, କସପା ପଂଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି । ଅଛିଆସ ବଜାର ଜଳମଗ୍ନ ହୋଇଛି । ଇନ୍ଦ୍ରାବତୀ, ବଂଶଧାରା, ଋଷିକୁଲ୍ୟା, ପୋଟେରୁ, ତେଲ ଓ ହାତୀ ନଦୀରେ ପାଣି ଗାଁରେ ପଶିଛି । ଜଳଭଣ୍ଡାରର ଜଳସ୍ତର ବଢୁଥିବାରୁ ଇନ୍ଦ୍ରାବତୀର ତିନୋଟି ଗେଟ୍ ଖୋଲାଯାଇଛି । ଫଳରେ ନଦୀର ତଳମୁଣ୍ଡରେ ରହୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି । ହେଲେ, ଏହି ସବୁ ନଦୀର ଜଳସ୍ତର ଖସୁଥିବାରୁ ବନ୍ୟା ଆଶଙ୍କା ଟଳିଛି ।



ପଣ୍ଡିତ ଦୀନଦୟାଲଙ୍କ ଏକାତ୍ମ ମାନବବାଦ ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୯ (ଆ.ପ୍ର) : ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ, ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟ ବିଚାରଧାରା ହିଁ ଶାସନ ବ୍ୟବସ୍ଥାର ମୂଳ ଆଧାର । ସମାଜର ସବା ଶେଷ ପାହାଚରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ବିକାଶର ସୁଫଳ ପହଂଚାଇବା ଏବଂ ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ରାଜ୍ୟ ଭାବେ ଗଢ଼ିତୋଳିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପଣ୍ଡିତ ଦୀନଦୟାଲଜୀ ଭାରତୀୟ ରାଜନୈତିକ ଦର୍ଶନରେ ଭାରତୀୟତାର ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ । ସେ ପାଶ୍ଚାତ୍ୟ କ୍ୟାପିଟାଲିଜିମ୍,

ସୋସିଆଲିଜିମ୍ କିମ୍ବା କମ୍ୟୁନିଜିମ୍ ପରି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଭାରତ ପାଇଁ ଏକ 'ସ୍ୱଦେଶୀ ଇଜିମ୍'ର ସୂତ୍ର ଦେଇଥିଲେ । ଏହି ସୂତ୍ର ହେଉଛି 'ଏକାତ୍ମ ମାନବବାଦ' । ପାଶ୍ଚାତ୍ୟ 'ନେସନ ଷ୍ଟେଟ' ବ୍ୟବସ୍ଥା ଅପେକ୍ଷା ଭାରତର ସନାତନ ପରମ୍ପରା, ସଂସ୍କୃତି ଓ ସଭ୍ୟତା ବହୁ ପ୍ରାଚୀନ ବୋଲି ସେ ଦୃଢ଼ତାର ସହ ପ୍ରତିପାଦିତ କରିଥିଲେ । କେବଳ ଭୌତିକ ସୁଖ ସ୍ୱଚ୍ଛନ୍ଦ ନୁହେଁ, ବରଂ ମଣିଷର ଶରୀର, ମନ, ବୁଦ୍ଧି ଓ ଆତ୍ମାର ସନ୍ତୁଳିତ ବିକାଶ ଏବଂ ନୈତିକ କର୍ତ୍ତବ୍ୟ ପାଳନ ହିଁ ମାନବ ସମାଜର ମୁଖ୍ୟ ମାର୍ଗ ବୋଲି ପଣ୍ଡିତଜୀ ଦର୍ଶାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ହୋଇଥିବା ହିତାଧିକାରୀଙ୍କ ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' କାର୍ଯ୍ୟକାରୀ କରାଯାଉଛି । ଏଥିସହିତ କଳିଙ୍ଗନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଭଳି ଶିଳ୍ପାଂଚଳରେ ଶ୍ରମିକମାନଙ୍କ ପାଇଁ 'ଶିଳ୍ପାଂଚଳରେ ଦୀନଦୟାଲ କର୍ମଚାରୀ ନିବାସ' ଯୋଜନାରେ ଆପାର୍ଟମେଂଟ ଓ ହଷ୍ଟେଲ ନିର୍ମାଣ କରାଯାଉଛି ବୋଲି ସେ କହିଥିଲେ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ରାଇକିଆ ସୁଧା କିରଣ ମହାବିଦ୍ୟାଳୟରେ ନିଶା ମୁକ୍ତ ଯୁବକ ପାଇଁ ମୋ ସ୍ୱାସ୍ଥ୍ୟ ମୋ ଗର୍ବ କାର୍ଯ୍ୟକ୍ରମ

ଟିକାବାଲି, ୨୫/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ରାଇକିଆ ସୁଧା କିରଣ ମହାବିଦ୍ୟାଳୟରେ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ନିଶା ମୁକ୍ତ ଯୁବକ ପାଇଁ ମୋ ସ୍ୱାସ୍ଥ୍ୟ ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀ ଯେଉଁ ଆଭିମୁଖ୍ୟ ରଖିଛନ୍ତି ଯୁବ ସମାଜ ନିଶାଗ୍ରସ୍ତ ନ ହୋଇ ସୁସ୍ଥ, ସବଳ ହେଲେ ଦେଶକୁ ଏମାନେ ସମୃଦ୍ଧ କରିପାରିବେ । ସକାଳ ୯ ଘଂଟି ଠାରୁ ଛାତ୍ର, ଛାତ୍ରୀଙ୍କ ହିମୋଗ୍ଲୋବିନ, ବିପି, ଉଚ୍ଚତା, ଓଜନ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ପରୀକ୍ଷା କରାଯାଇଥିଲା, ରାଇକିଆ ଡାକ୍ତର ଖାନାର ଡାକ୍ତର ଖୋଲକ ପ୍ରକାଶ ପ୍ରଧାନ, ଫାର୍ମାସିଷ୍ଟ ହର୍ଜିତ୍ ପାଲ୍, ନର୍ସ ଦୀପ୍ତି ମୟୀ ସେଠୀ ଯୋଗଦେଇ ପରୀକ୍ଷା ନିରୀକ୍ଷା କରିଥିଲେ । ପୂର୍ବାହ୍ନ ୧୨.୩୦ରୁ ନ୍ୟୁଟ୍ରେଶନକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଥିଲା ରାଇକିଆ ଡାକ୍ତର ଖାନାର ଡାକ୍ତର ଶ୍ରୀକାନ୍ତ ବିଶ୍ୱାଳ ଆଜିର ଯୁବପିଢ଼ି ନିଶାଗ୍ରସ୍ତ ହୋଇ ନିଜ ସ୍ୱାସ୍ଥ୍ୟକୁ ଖରାପ କରିବା ସଙ୍ଗେ ସଙ୍ଗେ ସମାଜକୁ କିପରି କଳଙ୍କିତ କରନ୍ତି ବକ୍ତବ୍ୟ ରଖିଥିଲେ । କନ୍ଧମାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଆମ ପାରମ୍ପରିକ ଖାଦ୍ୟକୁ ନ ଖାଇ ଅପୁଷ୍ଟିକର ଖାଦ୍ୟ ଯେପରିକି ଜମ୍ ଫୁଡ୍ ଖାଦ୍ୟଖାଇ ଶରୀରକୁ ରୋଗ । ଗ୍ରସ୍ତ କରୁଛନ୍ତି ବର୍ଣ୍ଣନା କରିଥିଲେ । ରାଇକିଆ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶିବରାମ ପ୍ରଧାନ ଯୋଗଦେଇ ସ୍ୱାସ୍ଥ୍ୟ କହିଲେ କଣ, ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ ଆମେ କିପରି ସୁସ୍ଥ ରହିବା ଆଲୋଚନ କରିଥିଲେ । ୨୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଏବଂ ଆଲୋଚନାରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ କର୍ମଚାରୀ ଯୋଗଦେଇଥିଲେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର୍ ନିଳାଂଚଳ ସାହୁ ଏବଂ ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ । ଯୁକ୍ତ ଦୁଇ ଅଧକ୍ଷ ଡ ଶ୍ୟାମ ସୁନ୍ଦର ଡାଙ୍ଗୁଆ, ଅଧ୍ୟାପକ ଆଲୋକ ପରିଚ୍ଛା, ଧର୍ମେନ୍ଦ୍ର ଦିଗାଲ, ମଂଚାସୀନ ଥିଲେ ଅଧ୍ୟାପକ ବିଭୂଷଣ ପ୍ରଧାନ, ଅଧ୍ୟାପିକା ରାଜଲକ୍ଷ୍ମୀ ହୋତା ସହଯୋଗ କରିଥିଲେ । ଅଧ୍ୟାପକ ଡ଼ ସନ୍ତୋଷ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ କାର୍ଯ୍ୟ କ୍ରମଟି ସଫଳ ହୋଇଥିଲା ।

ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଗତସିଂହପୁର, ୨୫/୦୯ (ଆ.ପ୍ର) : ୧୭ ସେପ୍ଟେମ୍ବର ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା "ସେବା ସଂକଳ୍ପ ଅଭିଯାନ-୨୦୨୬" ଅବସରରେ "ସେବାରେ ମୋର ଯୋଗଦାନ" କାର୍ଯ୍ୟକ୍ରମ ଅନ୍ତର୍ଗତ ଏରସମା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏରସମା ପ୍ରାଣୀ ଚିକିତ୍ସାଳୟର ନୂତନ ଭାବେ ନିର୍ମାଣ କରାଯାଉଥିବା ଗୃହ ଓ ଏହା ଅଧିନସ୍ଥ ବିଭିନ୍ନ ପ୍ରାଣୀଧନ ସହାୟକ କେନ୍ଦ୍ର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏରସମା ବ୍ଲକ ପ୍ରାଣିଚିକିତ୍ସା ଅଧିକାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ୍‌ର ବିଡିଓ ଦାଶରଥୀ ଜେନା, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଏରସମା ପ୍ରାଣୀ ଚିକିତ୍ସାଳୟର ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ, ଭ୍ରାମ୍ୟମାଣ ପ୍ରାଣିଚିକିତ୍ସା ଅଧିକାରୀ ତଥା କର୍ମଚାରୀ ମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଂଚଳର ବ୍ୟକ୍ତିମାନେ ଯୋଗଦେଇଥିଲେ । ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଏବଂ ସମାଜରେ ବୃକ୍ଷରୋପଣ ପ୍ରତି ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଉପସ୍ଥିତ ସମସ୍ତେ ଅଧିକରୁ ଅଧିକ ଗଛ ଲଗାଇବା ସହ ଲଗାଯାଇଥିବା ଗଛଗୁଡ଼ିକର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ ।

ଭାସ୍କେଲ ନଦୀ ମଝିରେ ଏକ ନୀଳଗିରି ଗଛର ଆଶ୍ରୟରେ ଦୀର୍ଘ ଦୁଇ ଘଂଟା ଫସି ରହିଲେ ବୃଦ୍ଧ

ଝରୀଗାଁ, ୨୫/୦୯ (ଆ.ପ୍ର) : ଭାସ୍କେଲ ନଦୀର ପ୍ରଖର ସ୍ରୋତ ମଧ୍ୟରେ ଜୀବନ ସହ ସଂଘର୍ଷ କରି ପ୍ରାୟ ଦୁଇ ଘଂଟା ଧରି ନଦୀ ମଝିରେ ଥିବା ଏକ ନୀଳଗିରି ଗଛକୁ ଆଶ୍ରୟ କରି ଫସି ରହିଥିବା ଜଣେ ବୃଦ୍ଧଙ୍କୁ ଶେଷରେ ଅଗ୍ନିଶମ ବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଘଟଣା ଝରୀଗାଁ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ, ଝରୀଗାଁ ବ୍ଲକ ଧୋଡ୍ରା ଗ୍ରାମପଂଚାୟତ ଅନ୍ତର୍ଗତ ତେଲକାନଡି ଗ୍ରାମର ୫୫ ବର୍ଷୀୟ ସୁବାଷ ଭଦ୍ରା କୌଣସି କାରଣବଶତଃ ଭାସ୍କେଲ ନଦୀ ବ୍ରିଜ ଉପରୁ ନଦୀ ମଧ୍ୟକୁ ଖସି ପଡ଼ିଥିଲେ । ନଦୀର ପ୍ରବଳ ସ୍ରୋତ ତାଙ୍କୁ ଭସାଇ ନେଇ ପ୍ରାୟ ଅଧ କିଲୋମିଟର ଦୂର ପର୍ଯ୍ୟନ୍ତ ନେଇଯାଇଥିଲା । ଚତୁର୍ଦ୍ଦିଗ ଜଳମଗ୍ନ ଅବସ୍ଥାରେ ଜୀବନ ରକ୍ଷା ପାଇଁ ସେ ନଦୀ ମଝିରେ ଥିବା ଏକ ନୀଳଗିରି ଗଛକୁ ଜାବୁଡ଼ି ଧରି ରହିଥିଲେ । ଗ୍ରାମବାସୀମାନେ ଘଟଣା ସମ୍ପର୍କରେ ଜାଣିବା ପରେ ତୁରନ୍ତ ପ୍ରଶାସନକୁ ସୂଚନା ଦେଇଥିଲେ । ଏହି ଖବର ପାଇ ସ୍ଥାନୀୟ ବିଧାୟକ ନରସିଂହ ଭତ୍ରା, ଝରୀଗାଁ ବିଡିଓ ମଧୁସୂଦନ ମାଝୀ ଏବଂ ତହସିଲଦାର ସୁମନ୍ତ ପାତ୍ର ଘଟଣାସ୍ଥଳରେ ପହଂଚି ପରିସ୍ଥିତିର ତଦାରଖ କରିବା ସହ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ସେମାନଙ୍କ ସୂଚନା ପାଇ ଉମରକୋଟ ଅଗ୍ନିଶମ ବିଭାଗର ଏକ ଦଳ ଘଟଣାସ୍ଥଳରେ ପହଂଚି ବୋଟ ସହାୟତାରେ ସାହସିକ ଉଦ୍ଧାର କାର୍ଯ୍ୟ ଚଳାଇ ବୃଦ୍ଧଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଦୀର୍ଘ ସମୟ ଧରି ପାଣି ମଝିରେ ଭୟଭୀତ ଅବସ୍ଥାରେ ରହିବା ସହ ଥଣ୍ଡାରେ ଥରୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୁର୍ବଳ ହୋଇପଡ଼ିଥିଲା । ଉଦ୍ଧାର ପରେ ବିଧାୟକ ନରସିଂହ ଭତ୍ରା ତାଙ୍କର ଖୋଜଖବର ନେବା ସହ ପ୍ରାଥମିକ ସହାୟତା ଯୋଗାଇଥିଲେ । ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ନିମନ୍ତେ ତାଙ୍କୁ ଉମରକୋଟ ଚିକିତ୍ସାଳୟକୁ ପଠାଯାଇଥିଲା । ପ୍ରଶାସନ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଏଡ଼ାଯାଇଥିବା ବେଳେ ଉଦ୍ଧାର କାର୍ଯ୍ୟକୁ ନେଇ ଅଂଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି ।

ନାବାଳିକା ଦୁଷ୍କର୍ମ ଅଭିଯୋଗ: ଜଣେ ଗିରଫ

ଦଶପଲ୍ଲା, ୨୫/୦୯ (ଆ.ପ୍ର) : ବାଣୀଗୋଛା ଥାନା ଅନ୍ତର୍ଗତ ଗୁଣ୍ଡୁରିବାଡ଼ି ଗ୍ରାମରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଜଣେ ୬୨ ବର୍ଷୀୟ ବୃଦ୍ଧଙ୍କୁ ଗିରଫ କରି ପୋକ୍ସୋ କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଗୁଣ୍ଡୁରିବାଡ଼ି ଗ୍ରାମର ସୁଦର୍ଶନ ପୃଷ୍ଟି (୬୨)ବୋଲି ଜଣାପଡିଛି । ସୂଚନା ଅନୁସାରେ ଗତ ୧୮ ତାରିଖ ସକାଳ ପ୍ରାୟ ୯ଟା ସମୟରେ ପୀଡ଼ିତା ନାବାଳିକା ଜଣକ ଶୌଚ ସାରି ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ସୁଦର୍ଶନ ତାଙ୍କୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ । ଏହା ପୂର୍ବରୁ ମଧ ଅଭିଯୁକ୍ତ ଘଟଣା ସମ୍ପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇ ବାରମ୍ବାର ତାଙ୍କ ସହ ଏଭଳି କାର୍ଯ୍ୟ କରିଆସୁଥିଲେ । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ବାଣୀଗୋଛା ଥାନାରେ କେସ୍ ନଂ ୧୨୩/୨୦୨୬, ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଧାରା ୬୪(୨)(ଏମ), ୬୫(୧), ୩୫୧(୩) ଏବଂ ପୋକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି । ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ ଆଇ ବୀରେନ୍ଦ୍ର କୁମାର ଦେହୁରୀ ଘଟଣାର ତଦନ୍ତ ଭାର ଗ୍ରହଣ କରିଥିବା ବେଳେ ଶୁକ୍ରବାର ସକାଳ ପ୍ରାୟ ୬ଟା ୩୦ରେ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ନୟାଗଡ଼ ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଚାଲାଣ କରିଥିବା ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।

ବାଣପୁର ଏନଏସି ଅଧ୍ୟକ୍ଷଙ୍କ ପ୍ରଚେଷ୍ଟାରେ ମୁଖ୍ୟ ରାସ୍ତାରୁ ନିଷ୍କାସିତ ହେଲା ବର୍ଷା ଜଳ

ବାଣପୁର, ୨୫/୦୯ (ଆ.ପ୍ର) : ଲଗାଣ ବର୍ଷା ଫଳରେ ବାଣପୁର ସହର ମୁଖ୍ୟ ରାସ୍ତା ହୋଇଛି ଜଳାର୍ଣ୍ଣବ । ବିଶେଷ କରି ପାଣ୍ଡିରୀପଦର ଛକରୁ ତିଆଙ୍କ ସାହି ଛକ ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି ମୁଖ୍ୟ ରାସ୍ତା । ପୂର୍ତ୍ତ ବିଭାଗ ପକ୍ଷରୁ ଗତବର୍ଷ ଉକ୍ତ ରାସ୍ତାର ପାର୍ଶ୍ୱରେ ଡ୍ରେନ ନିର୍ମାଣ ହୋଇଥିଲେ ସୁଦ୍ଧା ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇପାରୁନାହିଁ । ମୁଖ୍ୟ ରାସ୍ତାର ଉଚ୍ଚତା ଅନୁପାତରେ ଡ୍ରେନର ଉଚ୍ଚତା ଅଧିକ ରହୁଥିବାରୁ ଏବଂ ଡ୍ରେନରେ ଅବରୋଧ ରହୁଥିବାରୁ ବର୍ଷା ଜଳ ନିଷ୍କାସନ ହେଇପାରୁ ନ ଥିଲା । ବାରମ୍ବାର ଏ ନେଇ ଅଭିଯୋଗ ହେବାପରେ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ନିର୍ଦ୍ଦେଶକ୍ରମେ ବାଣପୁର ଏନଏସି ପ୍ରଶାସନ ଉକ୍ତ ସମସ୍ୟାର ସାମୟିକ ସମାଧାନ କରିଛି । ଏନଏସି ଅଧ୍ୟକ୍ଷ ମିଟୁ ନାୟକ ଗତକାଲି ରାତିତମାମ ନିଜେ ଘଟଣାସ୍ଥଳରେ ଉପସ୍ଥିତ ରହି ଜେସିବି ମେସିନ ସାହାଯ୍ୟରେ ଉକ୍ତ ରାସ୍ତାର ଡ୍ରେନ ଗୁଡିକ ସଫା କରାଇବା ସହ ଅବରୋଧ ଗୁଡିକ ହଟାଇଥିଲେ । ଫଳରେ ଉକ୍ତ ସ୍ଥାନରେ ବର୍ଷାଜଳ ସ୍ତର ଧୀରେ ଧୀରେ ହ୍ରାସ ପାଇବା ସହ ଯାତାୟାତ ପାଇଁ ପଥ ସୁଗମ ହୋଇଛି । ଅନ୍ୟ ପକ୍ଷରେ ଡ୍ରେନଗୁଡିକର ରକ୍ଷଣାବେକ୍ଷଣ ଦାଇତ୍ୱ ପୂର୍ତ୍ତ ବିଭାଗର ଥିଲେ ସୁଦ୍ଧା ଏନଏସି ପ୍ରଶାସନ ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱତଃପ୍ରବୃତ ଭାବେ ଉକ୍ତ କାର୍ଯ୍ୟକ୍ରମ ହାତକୁ ନେଇଛି ଏବଂ ମାନ୍ୟବର ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଡ୍ରେନରୁ ଅବରୋଧ ହଟାଇବା କାର୍ଯ୍ୟ ଜାରିରଖିଛି । ବାଣପୁର ସହରବାସି ଏଥି ନିମନ୍ତେ ମାନ୍ୟବର ମନ୍ତ୍ରୀ ଏବଂ ଏନଏସି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ଜିଲ୍ଲା ପରିଷଦ ରାୟଗଡ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାୟଗଡ, ୨୫/୦୯ (ଆ.ପ୍ର) : ଜିଲ୍ଲା ପରିଷଦ ରାୟଗଡ ଆନୁକୂଲ୍ୟରେ ଶୁକ୍ରବାର 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ରାୟଗଡ ବ୍ଲକ ହାଲୁଆ ଗ୍ରାମ ପଂଚାୟତର ଉପରଶାଙ୍କେଶ ନିକଟସ୍ଥ ପର୍ଯ୍ୟଟନ ସ୍ଥଳୀଠାରେ ବୃକ୍ଷ ରୋପଣ କରାଯାଇଥିଲା । ରାୟଗଡ ଜିଲ୍ଲାପାଳ ନିଜ ମାଁ ସୁପ୍ରିୟା କୁଲକର୍ଣ୍ଣୀଙ୍କ ନାମରେ ଗଛଟିଏ ରୋପଣ କରିଥିଲେ । ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ରାୟଗଡ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲ, ଉପଜିଲ୍ଲାପାଳ ସୁଶ୍ରୀ ମୃଣାଳିକା ରାଠୋଡ, ବନ ବିଭାଗର ଏସିଏଫ୍ ସଚ୍ଚିଦାନନ୍ଦ ସେଠୀ, ରାୟଗଡ ବ୍ଲକର ଅଧ୍ୟକ୍ଷା ସୁଶ୍ରୀ ବୃନି ହୁଇକା, ଉପାଧ୍ୟକ୍ଷ ହର ପ୍ରସାଦ ହେମ୍ବ୍ରକା, ବିଡିଓ ସୁଜିତ୍ କୁମାର ମିଶ୍ର, ଏବିଡିଓ କାଳୁ ଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସମୀର କୁମାର ରଥ, କନିଷ୍ଠ ଯନ୍ତ୍ରୀ ରଞ୍ଜିତ ଜେନା, ସାମାଜିକ କର୍ମୀ ତଥା ବିଧାୟକ ପାର୍ଥୀ ବସନ୍ତ କୁମାର ଉଲ୍ଲାକା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଶାନ୍ତ କୁଲେଶିକା, ସନ୍ଧ୍ୟା ପୁଲାକା, ହାଲୁଆ ସରପଂଚ ତାମାରାଓ ବିଡିକା ସମେତ ରାୟଗଡ ବ୍ଲକର କର୍ମକର୍ତ୍ତା, ହାଲୁଆ ଗ୍ରାମ ପଂଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ନିଜ ମା'ଙ୍କ ନାମରେ ପର୍ଯ୍ୟଟନ ସ୍ଥଳୀରେ ଚାରା ରୋପଣ କରିଥିଲେ । ନିଜ ମା'ଙ୍କ ଉଦ୍ଦେଶ୍ୟରେ ବୃକ୍ଷଟିଏ ଲଗାଇଲେ ଏକ ଭାବାତ୍ମକ ବନ୍ଧନ ସୁଦୃଢ଼ ହେବା ସହ ପରିବେଶ ସନ୍ତୁଳନ ହୋଇପାରିବ । ସ୍ୱଚ୍ଛ ବାୟୁ, ଜଳବାୟୁ, ବୃଷ୍ଟିପାତ ଆଦି ଦିଗରେ ବିଶେଷ ପରିବର୍ତ୍ତନ ସମ୍ଭବ ବୋଲି ଜିଲ୍ଲାପାଳ କହିଛନ୍ତି । ବର୍ଷର ବିଭିନ୍ନ ସମୟରେ ହାଲୁଆ ଅଂଚଳକୁ ଲୋକେ ଭୋଜି ତଥା ପର୍ଯ୍ୟଟନ ପାଇଁ ଆସନ୍ତି । ଝରଣାବତି ତଟରେ, ଜଙ୍ଗଲ, ଜଳ, ମୁକ୍ତ ପରିବେଶ ଭଳି ପ୍ରକୃତିର ଅନେକ ସମ୍ଭାର ପୂରି ରହିଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଆଦେଶ କ୍ରମେ ବିଜିବିଓ ଯୋଜନାରେ ଛଅ ଲକ୍ଷ ଟଙ୍କା ବିନିଯୋଗରେ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯାଉଛି । ପୁନଃ ପାଂଚ ଲକ୍ଷ ଟଙ୍କା ବିନିଯୋଗ କରି ଏହାର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଡିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି । ଜିଲ୍ଲାର ଚିହ୍ନଟିକୃତ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ଏକ ଅଭିନବ ଯୋଜନା ପ୍ରସ୍ତୁତ କରୁଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରକାଶ କରିଛନ୍ତି । ସେଠାରେ ରୋପଣ କରାଯାଇଥିବା ବୃକ୍ଷ ସହ ନିର୍ମିତ ସମ୍ପଦର ଯତ୍ନ ଓ ରକ୍ଷଣାବେକ୍ଷଣ ଦାୟୀତ୍ୱ ସମ୍ପୃକ୍ତ ଗ୍ରାମ ପଂଚାୟତ ବହନ କରିବେ ବୋଲି କହିଛନ୍ତି । ସରପଂଚ ତାମାରାଓ ବିଡ଼ିକା ଜିଲ୍ଲା ପ୍ରଶାସନର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

ଜାତୀୟ ରାଜପଥ କଡ଼ ବକ୍ସଡ୍ରେନ ଜାମ, ଡ୍ରେନ ପାଣି ରାଜରାସ୍ତାରେ



ଟାଙ୍ଗୀ /ଚୌଦ୍ୱାର, ୨୫/୦୯ (ଆ.ପ୍ର) : ଚୌଦ୍ୱାର ମଧ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥ କଡରେ ଥିବା ବକ୍ସ ଡ୍ରେନ ପ୍ରାୟ ସମସ୍ତ ସ୍ଥାନରେ ଜାମ ହୋଇ ଡ୍ରେନରୁ ପାଣି ଉଛୁଳି ରାସ୍ତାରେ ଖେଳୁଛି, ରାଜପଥ କର୍ତ୍ତୃପକ୍ଷ ତିଆରି କରି ଥିବା ବକ୍ସ ଡ୍ରେନର ଆଦିଅନ୍ତ କିଛି ନାହିଁ, କଳିଙ୍ଗ ଛକ ପେଟ୍ରୋଲ ଟାଙ୍କି ପଟ ଡ୍ରେନ ଆଉ ଆଗକୁ ନଥାଇ ରାସ୍ତା କଡରେ ନର୍ଦ୍ଦମା ପାଣି ଜମିରହୁଥିବା ବେଳେ କଳିଙ୍ଗଛକ ମଦ ଦୋକାନ ପଟେ ଡ୍ରେନ ପାଣି ଆଗକୁ ଯାଉଛି ନା ପଛକୁ, ଡ୍ରେନରୁ ପାଣି ଉଛୁଳି ଡ୍ରେନପାଣି ଦୋକାନ ଘରେ ଝରିକି ପଶୁଛି, ବର୍ଷା ସମୟରେ ରାସ୍ତାରୁ ଡ୍ରେନକୁ ପାଣି ଯିବା କଥା ଓଲଟା ଡ୍ରେନରୁ ମଇଳା ପାଣି ଆସି ରାଜରାସ୍ତାରେ, ଏହି ବକ୍ସ ଡ୍ରେନ କଡରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ଦୋକାନ ରହୁଥିବାରୁ କେତେବେଳେ ଯେ ଅଚିହ୍ନା ବେମାର ବ୍ୟାପିବ କିଛି କହିହେବନି, ସ୍ଥାନେ ସ୍ଥାନେ ବକ୍ସ ଡ୍ରେନ ସ୍ଲାବ ଭାଙ୍ଗି ଡ୍ରେନ ଜାମକରୁଛି ତ କେଉଁଠି ଆଗକୁ ଆଉ ଡ୍ରେନ ନଥିବାରୁ ଡ୍ରେନ ପାଣି ଆସି ରାଜରାସ୍ତାରେ ଲହଡି ମାରୁଛି, ସବୁଠାରୁ ମୁଖ୍ୟ ବିଷୟ ହେଉଛି ବିଦ୍ଧ ଡ୍ରେନରେ ବିଭିନ୍ନ ଅଳିଆ ଆବର୍ଜନା ପକାଇ ଡ୍ରେନର ଗତିପଥକୁ ଅବରୋଧ କରି ଡ୍ରେନ ଜାମ କରିଥିବାର ଦେଖିବାକୁ ମିଳୁଛି, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଡ୍ରେନ କରି ଲୁଟି ଚାଲିଗଲେ ତା ପରେ ପରେ ସ୍ଥାନୀୟ ପୌର ପ୍ରଶାସନ ଡ୍ରେନ କଡରେ ଝାଡୁ ମାରି ମାରି ସିଏ ମଧ ମାଲାମାଲ ହୋଇଗଲେ ଦୁର୍ଦ୍ଦଶା ଭୋଗିଲେ ସାଧାରଣ ଜନତା ।

ଶିକ୍ଷକ ସଂଘ ରାଜ୍ୟ ସଂପାଦକଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବାରିପଦା, ୨୫/୦୯ (ଆ.ପ୍ର) : ଓଡିଶାର ଅଗ୍ରଣୀ ଶିକ୍ଷକ ସଂଗଠନ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସଂପାଦକ ବିଭୁପ୍ରସାଦ ସାହୁଙ୍କ ଆକସ୍ମିକ ବିୟୋଗରେ ପିଷ୍ଟା, ମୟୂରଭଞ୍ଜ ଜିଲ୍ଲା ତରଫରୁ ଏକ ସ୍ମୃତିଚାରଣ ସଭା ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଶିକ୍ଷକ ସଂଗଠନର ରାଜ୍ୟ ଓ ଜିଲ୍ଲା ନେତୃତ୍ୱମାନେ ଉପସ୍ଥିତ ରହି ସ୍ୱର୍ଗୀୟ ଆତ୍ମାର ସଦଗତି କାମନା ସହିତ ବିଗତ ଦିନର ସ୍ମୃତିଚାରଣ କରିଥିଲେ । ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ମଣ୍ଡଳ, ରାଜ୍ୟ ମିଡିଆ ସେଲ ସଂଯୋଜକ ଚକ୍ରପାଣି ଦଳେଇ, ଜିଲା ସଭାପତି ସୁବଳ ଶଙ୍ଖୁଆ, ଜିଲ୍ଲା ସଂପାଦକ ସୌମ୍ୟ ଦାଶଙ୍କ ସହିତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ଓ ଜିଲ୍ଲା ସଭାପତି ହରେକୃଷ୍ଣ ବାରିକ ମଂଚାସୀନ ରହି ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଜିଲ୍ଲା ସଂଗଠନ ସଂପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଜିଲ୍ଲା ସାଧାରଣ ସଂପାଦକ ଭବାନୀ ଶଙ୍କର ଗିରି ଓ ରଞ୍ଜନ କୁମାର ସିଂ ଆଦି ସ୍ୱର୍ଗତ ବିଭୁପ୍ରସାଦ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷୟିତ୍ରୀ ରୂପାଲୀ ପଣ୍ଡା ଓ ମାନସ କୁମାର ବେହେରା ଆୟୋଜନରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ବିଭୁପ୍ରସାଦ ସାହୁଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ ପରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ସୂଚନାଯୋଗ୍ୟ ଯେ ନୟାଗଡ ଜିଲ୍ଲା ନିବାସୀ ସ୍ୱର୍ଗତ ସାହୁ ଗତ ୧୫ ତାରିଖ ଦିନ ହଠାତ ଅସୁସ୍ଥ ଅନୁଭବ କରିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବାର ଅଳ୍ପ ସମୟ ପରେ ହୃଦଘାତରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା । ଜଣେ କୁଶଳୀ ସଂଗଠକ ଭାବରେ ସମସ୍ତ ଶିକ୍ଷକ ସଂଗଠନ ମଧ୍ୟରେ ତାଙ୍କର ବିଶେଷ ଆଦର ଥିଲା ।

ଗାଈ ପରେ ଷଣ୍ଢ: ମୃତ୍ୟୁଫାନ୍ଦ ପାଲଟିଛି ନିର୍ମାଣାଧୀନ କୋଠାର ଗାତ

ବ୍ରହ୍ମପୁର, ୨୫/୦୯ (ଆ.ପ୍ର) : ବ୍ରହ୍ମପୁର ସହରରେ ନିର୍ମାଣାଧୀନ କୋଠା ପରିସରରେ ଅସୁରକ୍ଷିତ ଭାବେ ଖୋଲା ରହିଥିବା ଗଭୀର ଗାତ ପୁଣିଥରେ ପଶୁଙ୍କ ପାଇଁ ମୃତ୍ୟୁଫାନ୍ଦ ପାଲଟିଛି । ହରିଡ଼ାଖଣ୍ଡି ପୋଖରୀ ନିକଟ ଶନି ମନ୍ଦିର ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଆପାର୍ଟମେଂଟ ପରିସରରେ ଗଭୀର ଗାତରେ ପଡ଼ି ଏକ ଷଣ୍ଢ ଗୁରୁତର ଆହତ ହୋଇଥିବାବେଳେ, ଦୀର୍ଘ ସମୟର ଉଦ୍ୟମ ପରେ ଅଗ୍ନିଶମ ବାହିନୀ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ତେବେ ଏହି ଘଟଣା ଅଂଚଳରେ ଖୋଲା ଗାତର ସୁରକ୍ଷା ବ୍ୟବସ୍ଥା ଏବଂ ନିର୍ମାଣ ସ୍ଥଳର ନିରୀକ୍ଷଣକୁ ନେଇ ପୁଣିଥରେ ପ୍ରଶାସନ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି । ସୂଚନା ଅନୁଯାୟୀ, ଷଣ୍ଢଟି ଅର୍ଦ୍ଧନିର୍ମିତ କୋଠା ପରିସରରେ ଥିବା ଏକ ଗଭୀର ଗାତରେ ପଡ଼ିଯାଇଥିଲା । ଗାତରେ ପଡ଼ି ଆହତ ହେବା ସହ ସେଠାରେ ଦୀର୍ଘ ସମୟ ଧରି ଜମିଥିବା ପାଣିରେ ରହିଥିବାରୁ ତାହାର ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଥିଲା । ଘଟଣା ଜଣାପଡ଼ିବା ପରେ କିଛି ସ୍ଥାନୀୟ ଯୁବକ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ । ମାତ୍ର ଗାତଟି ଅତ୍ୟନ୍ତ ଗଭୀର ଓ ବିପଦପୂର୍ଣ୍ଣ ହୋଇଥିବାରୁ ସେମାନେ ସଫଳ ହୋଇନଥିଲେ । ପରେ ଅଗ୍ନିଶମ ବାହିନୀକୁ ଖବର ଦିଆଯିବାରୁ ଏସ୍‌କେ ଲେଙ୍କା, ଏସ୍ ଧଳ, ବିଜୟ ବେହେରା, କାହ୍ନୁଚରଣ ଗୋଛାୟତ ଓ ଦୁଷ୍ମନ୍ତ ମାଝୀଙ୍କ ସମେତ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିଥିଲେ । ବିପଦପୂର୍ଣ୍ଣ ପରିସ୍ଥିତିରେ ଦୀର୍ଘ ସମୟ ଧରି ଉଦ୍ୟମ କରିବା ପରେ ସେମାନେ ଷଣ୍ଢଟିକୁ ଗାତରୁ ବାହାର କରିଥିଲେ । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ନିର୍ମାଣାଧୀନ ପରିସରରେ ଦୀର୍ଘଦିନ ଧରି ଗାତ ଖୋଲା ରହିଛି । ଏହି ଗାତରେ ପଡ଼ି ପୂର୍ବରୁ ଅନେକ ପଶୁ ଆହତ ହୋଇଥିବାବେଳେ ଏକ ଗାଈ ଓ ୨୦ରୁ ଊର୍ଦ୍ଧ୍ୱ କୁକୁର ଛୁଆଙ୍କ ମୃତ୍ୟୁ ଘଟିଥିବା ମଧ ସେମାନେ ଅଭିଯୋଗ କରିଛନ୍ତି । ପୂର୍ବରୁ ଏନେଇ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ ଗାତ ଗୁଡ଼ିକୁ ଆବଦ୍ଧ କରାଯାଇନଥିବାରୁ ଅସନ୍ତୋଷ ବଢ଼ିଛି । ଏହି ଘଟଣାର ପୁନରାବୃତ୍ତି ନିର୍ମାଣ ସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ନିୟମିତ ଯାଂଚର ଆବଶ୍ୟକତାକୁ ସାମ୍ନାକୁ ଆଣିଛି ।ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ କହିଛନ୍ତି, ନିର୍ମାଣାଧୀନ ଆପାର୍ଟମେଂଟ ଓ କୋଠା ପାଇଁ ଫାଉଣ୍ଡେସନ୍, ବେସମେଂଟ ଓ ଲିଫ୍ଟ ନିମନ୍ତେ ଖୋଳାଯାଉଥିବା ଗଭୀର ଗାତଗୁଡ଼ିକୁ ସୁରକ୍ଷିତ ଭାବେ ଆବଦ୍ଧ କରାନଯିବାରୁ ନିରୀହ ପଶୁମାନେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି । ଏଭଳି ଘଟଣା ରୋକିବା ପାଇଁ ପ୍ରଶାସନ ନିର୍ମାଣ ସ୍ଥଳ ଗୁଡ଼ିକରେ ନିୟମିତ ଯାଂଚ କରିବା ସହ ଅସୁରକ୍ଷିତ ଭାବେ ଗାତ ଖୋଲା ରଖୁଥିବା ମାଲିକ ଓ ନିର୍ମାଣକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଛନ୍ତି ।

ଜଗତସିଂହପୁର ଠାରେ ନମାମି ଭାରତଂ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଗତସିଂହପୁର, ୨୫/୦୯ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଡ୍ରୁମା ଅଣ୍ଡେଇ ସାହି ଗ୍ରାମ ପଂଚାୟତର କୋର୍ଦଳ ସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ବିଦ୍ୟା ଭାରତୀ ଦ୍ୱାରା ନମାମି ଭାରତଂ କାର୍ଯ୍ୟକ୍ରମ ଅବସରରେ ଶିକ୍ଷାବିତ ତଥା ସଭାପତି ବଂଶୀଧର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି ଓ ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଏବଂ ଭାରତ ମାତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଓ ସଭାପତି ଶ୍ରୀ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ବନ୍ଦେ ମାତରଂ କବିତାର ୧୫୦ ବର୍ଷ ପୂର୍ତ୍ତି ପାଳନ ଏବଂ କବି ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଜୀବନୀ ସମ୍ପର୍କରେ କହିଥିଲେ ଓ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଜାତୀୟ ଗୀତି ବନ୍ଦେ ମାତରଂ କବିତାର ସମ୍ପୂର୍ଣ୍ଣ ଛଅ ପଦର ସାରମର୍ମ କହିବା ସହିତ ପ୍ରଥମ ଦୁଇ ପାଦ ଗାନ କରି ବନ୍ଦେ ମାତରଂ କବିତାର ଆଭିମୁଖ୍ୟ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ତାଙ୍କ ବକ୍ତବ୍ୟରେ ବନ୍ଦେ ମାତରଂ କବିତାଟି ସ୍ୱାଧୀନତା ସଂଗ୍ରାମରେ କିଭଳି ପ୍ରେରଣାଦାୟକ ଥିଲା ତାହା ବର୍ଣ୍ଣନା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ମହାନ୍ତି ସମ୍ପାଦକ, ବିଜୟ କୁମାର କାନୁନଗୋ ସହ ସମ୍ପାଦକ, ବିଜୟ କୁମାର ଦାସ କୋଷାଧ୍ୟକ୍ଷ ପ୍ରମୁଖ ଯୋଗଦେଇ ବନ୍ଦେ ମାତରଂ, କାରା କବିତା, ବନ୍ଦୀର ଆତ୍ମକଥା, ବନ୍ଦେ ଉତ୍କଳ ଜନନୀ, ଗଙ୍ଗା ଗୋଦାବରୀ, ବାଣୀପୀଠର ବିପ୍ଳବୀ ଗୀତ ଆଦି ସ୍ୱାଧୀନତା ଆନ୍ଦୋଳନକୁ କିପରି ପ୍ରେରଣା ଦେଇଥିଲା ବର୍ଣ୍ଣନା କରିଥିଲେ ଓ ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପରିଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ଓ ମମତା ନାଥ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ଶିଶୁ ଭାଇ ଭଉଣୀ, ଅଭିଭାବକ, ଅଭିଭାବିକାମାନେ ଉପସ୍ଥିତ ଥିଲେ ।

ସେଇଠୁ ଆରମ୍ଭ
SEITHO ARAMBHA

ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

AFFIDAVIT

By Virtue of an affidavit sworn before Excutive Magistrate gop on dated- 10/ 07/2026. C.F. no 1470/2. I sri Ranjan kumar sahoo S/o Bhagaban sahoo Resident of Vill:- Khadisa, Po Khadisa, Ps-Gop, Dist- Puri, Pin -752110, Odisha, Adhaar no 8442 5249 3289 . state that I have changed the name of my minor daughter old name SRITEE PRANGYA SAHOO to new name, STITEE PRANGYA SAHOO. Hence forth she will be known as STITEE PRANGYA SAHOO for all future purposes.

S/D-Ranjan kumar sahoo

ବାଲେଶ୍ୱରରେ ଶୁଭାରମ୍ଭ ହେଲା ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'

ବାଲେଶ୍ୱର, ୨୫/୦୯ (ଆ.ପ୍ର) : ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବା ତଥା ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ସଂସ୍ଥା ସହ ଯୋଡ଼ିବା ଲକ୍ଷ୍ୟରେ ସମବାୟ ବିଭାଗ ପକ୍ଷରୁ ଆୟୋଜିତ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଶୁକ୍ରବାର ବାଲେଶ୍ୱରରେ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍‌ରେ ପୂର୍ବାହ୍ନ ୧୧ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱରରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଭାବେ ମହାଅଭିଯାନର ଶୁଭାରମ୍ଭ କରିଥିଲେ । ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସହ ସଂଯୁକ୍ତ ହୋଇ ମୁଖ୍ୟମନ୍ତ୍ରୀ 'ସମ୍ବନ୍ଧ' ଅଭିଯାନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ବାଲେଶ୍ୱରର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତପନ କୁମାର ଖୁଂଟିଆ, ବାଲେଶ୍ୱର ଡିଭିଜନର ସମବାୟ ଡେପୁଟି ରେଜିଷ୍ଟ୍ରାର୍ ସରୋଜିନୀ ନାଏକଙ୍କ ସମେତ ସମବାୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । 'ସମ୍ବନ୍ଧ' ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ସମବାୟ ସଂସ୍ଥାଗୁଡ଼ିକର ସଦସ୍ୟତା ବୃଦ୍ଧି କରିବା ସହ ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା । ସମବାୟ ମାଧ୍ୟମରେ ଲୋକଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣକୁ ଅଧିକ ଗତିଶୀଳ କରିବା ଉପରେ ମଧ୍ୟ ଅଭିଯାନରେ ଗୁରୁତ୍ୱ ଦିଆଯାଉଛି । କାର୍ଯ୍ୟକ୍ରମରେ ସମବାୟ ବିଭାଗର ଅଧିକାରୀମାନେ ଅଭିଯାନର ବିଭିନ୍ନ ଦିଗ, ସଦସ୍ୟତା ପ୍ରକ୍ରିୟା ଏବଂ ଅଧିକ ସଂଖ୍ୟକ ଲୋକଙ୍କୁ ସମବାୟ ବ୍ୟବସ୍ଥା ସହ ଯୋଡ଼ିବା ପାଇଁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱର ଜିଲ୍ଲାରେ ଅଭିଯାନକୁ ସଫଳ କରିବା ପାଇଁ ସମବାୟ ସଂସ୍ଥା, ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଛି ।

ବାଲେଶ୍ୱର ବିଧାୟକ ମାନସ ଦତ୍ତଙ୍କ ପ୍ରୟାସକ୍ରମେ ଟିଆଖିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ୯୩ ଲକ୍ଷ ୬୯ ହଜାର ଟଙ୍କା ଅନୁମୋଦନ

ବାଲେଶ୍ୱର, ୨୫/୦୯ (ଆ.ପ୍ର) : ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଟିଆଖିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୯୩ ଲକ୍ଷ ୬୯ ହଜାର ଟଙ୍କା ଅନୁମୋଦନ କରାଯାଇଛି । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ନିରନ୍ତର ପ୍ରୟାସ ଓ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣର ଫଳସ୍ୱରୂପ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଟିଆଖିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ବର୍ତ୍ତମାନର କାର୍ଯ୍ୟାଳୟ ଗୃହର ଅବସ୍ଥା ଓ ଆବଶ୍ୟକ ଭିତ୍ତିଭୂମିର ଭାବ ସମ୍ପର୍କରେ ବିଧାୟକ ଶ୍ରୀ ଦତ୍ତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜନସାଧାରଣଙ୍କ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟକୁ ଅଧିକ ସୁବିଧାଜନକ, ସୁସଂଗଠିତ ଓ ଦ୍ରୁତ କରିବା ସହିତ ରାଜସ୍ୱ ବିଭାଗର କର୍ମଚାରୀମାନଙ୍କୁ ଉପଯୁକ୍ତ କାର୍ଯ୍ୟ ପରିବେଶ ଯୋଗାଇଦେବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ବିଧାୟକଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ନିରନ୍ତର ଉଦ୍ୟମ ପରେ ସରକାରଙ୍କ ପକ୍ଷରୁ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୯୩,୬୯,୦୦୦ ଟଙ୍କାର ଅନୁମୋଦନ କରାଯାଇଛି । ଏହା ଫଳରେ ଟିଆଖିଆ ଅଂଚଳବାସୀଙ୍କ ଦୀର୍ଘଦିନର ଏକ ଆବଶ୍ୟକତା ପୂରଣ ହେବାର ପଥ ପ୍ରଶସ୍ତ ହୋଇଛି । ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ହେବା ପରେ ଜମିଜମା, ରାଜସ୍ୱ, ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜମି ସମ୍ବନ୍ଧୀୟ ବିଭିନ୍ନ ରେକର୍ଡ ଓ ଅନ୍ୟାନ୍ୟ ରାଜସ୍ୱ ସେବା ପାଇଁ ଆସୁଥିବା ଲୋକମାନେ ଅଧିକ ସୁବିଧା ପାଇପାରିବେ । ଏହା ସହିତ ରାଜସ୍ୱ ବିଭାଗୀୟ କାର୍ଯ୍ୟର ସୁଚାରୁ ପରିଚାଳନାରେ ମଧ୍ୟ ଏହି ନୂତନ ଭିତ୍ତିଭୂମି ସହାୟକ ହେବ । ଏହି ଅନୁମୋଦନ ପାଇଁ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହିତ କହିଛନ୍ତି ଯେ, ବାଲେଶ୍ୱର ସଦର ଅଂଚଳର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ଓ ପ୍ରଶାସନିକ ସୁବିଧାକୁ ପ୍ରାଥମିକତା ଦେଇ ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଜାରି ରହିବ । ଟିଆଖିଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ମିଳିଥିବା ଏହି ଅନୁମୋଦନ ବାଲେଶ୍ୱର ସଦରର ପ୍ରଶାସନିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ନୀଳଗିରି ଡିଗ୍ରୀ କଲେଜର ଛାତ୍ର/ଛାତ୍ରୀ ଓଡ଼ିଶା ବିଧାନସଭା ପରିଭ୍ରମଣ କଲେ

ନୀଳଗିରି, ୨୫/୦୯ (ଆ.ପ୍ର) : ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ସଂସଦୀୟ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଯୁବପିଢ଼ିଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରାଇବା ପାଇଁ ଏକ ଅନନ୍ୟ ପଦକ୍ଷେପ ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଦ୍ୱାରା ଗ୍ରହଣ କରାଯାଇଛି । ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀ ଖଟୁଆଙ୍କ ତରଫରୁ ନୀଳଗିରି ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଶା ବିଧାନସଭା ପରିଭ୍ରମଣ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଆଜି ସକାଳେ ନୀଳଗିରି କଲେଜ ପାଖରୁ ଛାତ୍ର/ଛାତ୍ରୀ ମାନଙ୍କୁ ବସ ଯୋଗେ ବିଧାନସଭା ଅଭିମୁଖେ ନିଆଯାଇଥିଲା । ରାଜ୍ୟର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ଅନୁଷ୍ଠାନକୁ ପରିଦର୍ଶନ କରିବା ସହ ବିଧାନସଭାର କାର୍ଯ୍ୟଧାରା, ଗୃହର ପରିବେଶ ଏବଂ ସାମ୍ବିଧାନିକ ବ୍ୟବସ୍ଥା ସମ୍ପର୍କରେ ଛାତ୍ର/ଛାତ୍ରୀମାନେ ପ୍ରତ୍ୟକ୍ଷ ଅନୁଭୂତି ସାଉଁଟିଛନ୍ତି । ଛାତ୍ର/ଛାତ୍ରୀମାନଙ୍କର ଶିକ୍ଷାଗତ ବିକାଶ, ନେତୃତ୍ୱ ଗଠନ ଏବଂ ରାଜନୈତିକ ସଚେତନତା ବୃଦ୍ଧି ଦିଗରେ ବିଧାୟକଙ୍କ ଏହି ପ୍ରୟାସକୁ କଲେଜର ଅଧ୍ୟାପକ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ପରିଭ୍ରମଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି ।

ପାଣି ନିଷ୍କାସନ ଦାବିରେ କଂଗ୍ରେସର ଧାରଣା ଓ ରାସ୍ତା ରୋକ

ବାଲିଆପାଳ, ୨୫/୦୯ (ଆ.ପ୍ର) : ପାଣି ନିଷ୍କାସନ ଦାବିରେ କଂଗ୍ରେସ ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଡାକ୍ତରଖାନା ସମ୍ମୁଖରେ ୧୨ ଘଂଟିଆ ଧାରଣା ଓ ରାସ୍ତା ରୋକ ।ସୁଚନାରୁ ପ୍ରକାଶ ବାଲିଆପାଳ ବ୍ଲକରେ ଦ୍ୱିତୀୟ ମୁଖଶାଳା କୁହାଯାଉଥିବା ଲଙ୍ଗଳେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ପାଣି ନିଷ୍କାସନ ଓ ମୁଖ୍ୟ ରାସ୍ତାରୁ ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରି ପାଣି ନିଷ୍କାସନ ଦାବିରେ ବଣିଆଡିହା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ୧୨ ଘଂଟିଆ ଧାରଣା ଏବଂ ରାସ୍ତା ରୋକ କରାଯାଇଥିଲା । ଫଳରେ ରାସ୍ତାରେ ଶହ ଶହ ଗାଡି ଅଟକି ରହିଥିଲା । ସୁଚନାରୁ ପ୍ରକାଶ ପ୍ରବଳ ବର୍ଷା ପାଇଁ ଲଙ୍ଗଳେଶ୍ୱର ଡାକ୍ତରଖାନା ପରିସରରେ ପାଣି ଜମି ରହିଥିବାରୁ ଯୋଗୁଁ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଛାତ୍ର ଛାତ୍ରୀ ମାନେ ବିଶେଷ ଅସୁବିଧାର ସମ୍ମୁଖୀନ

ହେଉଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯିବା ପାଇଁ ହେଲେ ଆଣ୍ଠୁଏ ପାଣିରେ ଯିବା ପାଇଁ ପଡୁଛି । ସ୍ୱାସ୍ଥ୍ୟ ସେବା ବାଧା ପ୍ରାପ୍ତ ହେଉଛି । ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର ଡିମିଡିମ ପିଟୁଥିବା ବେଳେ ଏଠାରେ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ଦେଖିବାକୁ ମିଳିଛି । ଏନେଇ ସ୍ଥାନୀୟ ବାସିନ୍ଦା ଏବଂ କଂଗ୍ରେସ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପ୍ରଶାସନ ଏବଂ ସରକାର ନୀରବ ଦ୍ରଷ୍ଟା ସାଜିଛି । ତେବେ ଉଭୟ ସ୍ଥାନରୁ ପାଣି ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ ଦାବିରେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ଧାରଣା ଦାବିରେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ, , ତୀର୍ଥ କୁମାର ନାଗ ଉପସ୍ଥିତ ଥିଲେ ।

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବରେ ପ୍ରଫେସର ରଞ୍ଜନ କୁମାର ରାଏଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର, ୨୫/୦୯ (ଆ.ପ୍ର) : ଗିଖ ଅପରାହ୍ନ ୫ ଘଟିକା ସମୟରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ପ୍ରଫେସର ରଞ୍ଜନ କୁମାର ରାଏ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଫିରୋଜ କୁମାର ପାଢ଼ୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପୂର୍ବରୁ ଫକୀର ମୋହନ ଜନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟରତ ଥିଲେ । କିଛି ଦିନ ପୂର୍ବରୁ ସେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଗଣିତ ବିଭାଗର ଆସୋସିଏଟ ପ୍ରଫେସର ଭାବରେ ଯୋଗ ଦେଇଥିଲେ । ପ୍ରଶାସନିକ ସ୍ତରରେ ତାଙ୍କର ଗଭୀର ଅନୁଭୂତି ରହିଛି । ସେ ମହାବିଦ୍ୟାଳୟର ଗର୍ବ ଓ ଗୌରବକୁ ବଜାୟ ରଖି ଏହି ଅନନ୍ୟ ଶିକ୍ଷାନୁଷ୍ଠାନକୁ ଆଗେଇ ନେବେ ବୋଲି ସମସ୍ତେ ଆଶାବ୍ୟକ୍ତ କରିଛନ୍ତି । ସେଥିପାଇଁ ମହାବିଦ୍ୟାଳୟର ଷ୍ଟାଫ କ୍ଲବ ସମ୍ପାଦିକା ଡ଼ ମିନତୀ ସେଠୀ,ସହ ସମ୍ପାଦକ ଅବିନାଶ କୁମାର ପୃଷ୍ଟିଙ୍କ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

ନାରୀ କଲ୍ୟାଣ ମଂଚ ପକ୍ଷରୁ ମଦ ଲାଇସେନ୍ସ ବାତିଲ କରିବା ଦାବିରେ ବିକ୍ଷୋଭ

ଭୋଗରାଇ, ୨୫/୦୯ (ଆ.ପ୍ର) : ଭୋଗରାଇ ବ୍ଲକର ଜୟରାମପୁର ଗ୍ରାମ ସମେତ ମଦ ବିରୋଧୀ ମଂଚର ଶତାଧିକ ମହିଳାମାନେ ମଦର ଲାଇସେନ୍ସ ବାତିଲ କରିବା ଦାବିରେ ସୁଲତାନପୁର ଛକରୁ ଥାନାଛକ ପର୍ଯ୍ୟନ୍ତ ବିଶାଳ ରାଲି କରି ସରକାରୀ କାର୍ଯ୍ୟାଳୟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ମହିଳା ମଂଚର ଆବାହକ ଗୀତା କୁଅଁର ଏହି ରାଲିକୁ ପରିଚାଳନା କରି କହିଥିଲେ ଯେ ସରକାର ଯେଉଁ ପର୍ଯ୍ୟନ୍ତ ମଦର ଲାଇସେନ୍ସ ବାତିଲ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ । ଯଦି ସରକାର ମଦ ବନ୍ଦ ନ କରନ୍ତି ଆଗାମୀ ଦିନର ଆନ୍ଦୋଳନ ପାଇଁ ସରକାର ଦାୟୀ ରହିବେ ବୋଲି କମିଟିର ଅନ୍ୟତମ ଆବାହକ ସସ୍ମିତା ମହାନ୍ତି ଏବଂ କ୍ରିଷ୍ଣାରାଣୀ ସାହୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ଚିନାରାଣୀ ଜେନା, କବିତା ଦଳାଇ, କବିତା ଭୋଳ, ରୁମକି ଦଳାଇ, ସରୋଜିନୀ ମହାନ୍ତି, କବିତା ଦେହୁରୀ, ଆରତୀ କୁଆର ପ୍ରମୁଖ ଉପସ୍ଥିତ ହୋଇ ଭୋଗରାଇ ବିଡ଼ିଓ, ତହସିଲଦାର, ଭୋଗରାଇ ଥାନା ଆଇଆଇସିଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଶେଷରେ ସୁଲତାନପୁର, ଭୋଗରାଇ ହାଟ, ଟେଙ୍ଗରାମାରୀ, ଜୟରାମପୁର ଠାରେ ମଧ୍ୟ ରାଲି କରି ମଦ ବିରୋଧୀ ସ୍ଲୋଗାନ ଦେଇଥିଲେ ।

ସରକାରୀ ଜମିରେ ବେଆଇନ୍ ଘର ନିର୍ମାଣ, ଅଭିଯୋଗ ପରେବି ନିଦାବିଷ୍ଟ ସାଜିଛନ୍ତି ଅଧିକାରୀ

ବାଲିଆପାଳ, ୨୫/୦୯ (ଆ.ପ୍ର) : ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କ ତହସିଲଦାର ମାନଙ୍କୁ କଡା ନିର୍ଦ୍ଦେଶ ଥିଲେବି, ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ମାନୁନାହାଁନ୍ତି ଅଧିକାରୀ ଓ ରାଜସ୍ୱ କର୍ମଚାରୀ । ତେବେ ପୁରୁଣା ଜବରଦଖଲ ଉଚ୍ଛେଦ ଦୂରେ ଥାଉ, ରାଜସ୍ୱ ଅଧିକାରୀଙ୍କ ସଫାସୁତୁରା ରେ, ଏବେ ଏକର ଏକର ସରକାରୀ ଜମି ଜବରଦଖଲ କରି ସ୍ଥାଇ ପକ୍କାଘର ନିର୍ମାଣ କରୁଥିବା ନଜରକୁ ଆସୁଛି । ଏମିତି କି ଅଧିକାରୀଙ୍କ ଠାରେ ସରକାରୀ ଜାଗାରେ ବେଆଇନ୍ ନିର୍ମାଣ ବାବଦରେ ଲିଖିତ ଅଭିଯୋଗ ପରେବି, ଜବରଦଖଲ କାରୀ ବେଧଡକ୍ ସ୍ଥାଇ ପକ୍କାଘର ନିର୍ମାଣ କରୁଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ପ୍ରଶାସନ ଚୁପ କାହିଁକି ? ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମାନ୍ଧାତା ବଜାରରେ ସରକାରୀ ଜାଗାରେ ଘର ନିର୍ମାଣ ହେଉଥିବା ନେଇ ଅଭିଯୋଗ ହୋଇଥିବା ବେଳେ ମଧ୍ୟ ନିର୍ମାଣ କାମ ଜାରି ରହିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଯଦି ତଦନ୍ତ କିମ୍ବା ଯାଂଚ କରାଯାଇଥାଏ, ତେବେ ସେହି ସ୍ଥାନରେ ନିର୍ମାଣ କାମ କିପରି ଚାଲିଛି ? ଏନେଇ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠିଛି । ତେବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନିର୍ଦ୍ଦେଶକୁ ଫୁ କରି ଉଡେଇ ଦେବାର କାରଣ ଜଣା ହେଉପାରେ । ଏଠି ସରକାରଙ୍କ କବ୍ଜାରେ ଅଧିକାରୀ ବା ପ୍ରଶାସନ ନଥିବାର ଅନୁମାନ । ତେବେ ଦେଖିବାକୁ ବାକି ରହିଲା ସରକାରୀ ଜମି ଜବରଦଖଲ ଉଚ୍ଛେଦ କେବେ ହେଉଛି ନା ଜବରଦଖଲ କାରୀଙ୍କ କଳାଟଙ୍କାର ମୋହରେ ଅଧିକାରୀ ସୁରକ୍ଷା ଦେଉଛନ୍ତି, ଦେଖିବାକୁ ବାକି ରହିଲା ।

ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗରେ ଅନୁଷ୍ଠିତ ହେଲା ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ 'ପ୍ରୀତିପୁଷ୍ପ' ସ୍ୱାଗତ ଉତ୍ସବ

ଭୁବନେଶ୍ୱର, ୨୫/୦୯ (ଆ.ପ୍ର) : ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ନୂତନ ଭାବେ ନାମ ଲେଖାଇଥିବା ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜି 'ପ୍ରୀତିପୁଷ୍ପ' ନାମରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସକାଳ ୧୦ଟାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜସୁନ୍ଦର ମିଶ୍ର ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ମନୋରଞ୍ଜନ ସେନାପତି, ଡ. ନିରଞ୍ଜନ ଶବର, ଡ. ଧର୍ମେନ୍ଦ୍ର ଦାଶ, ପ୍ରଫେସର ପ୍ରତିଭା ମଞ୍ଜରୀ ରଥ, ଡ. ସୁଶାନ୍ତ ପ୍ରଧାନ ଏବଂ ଡ. ମନସ୍ୱିନୀ ଷଡ଼ଙ୍ଗୀ ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଔପଚାରିକ କାର୍ଯ୍ୟକ୍ରମ ଦିବା ୧.୩୦ ମିନିଟରେ ସମାପ୍ତ ହେବା ପରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବିଜୟିନୀ' ନାମକ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶେଷରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା ।

ଜାଲ ଶ୍ରମକାର୍ଡ କରି ଲୁଟିଲେ, ସହାୟତା ରାଶି

ଭୋଗରାଇ, ୨୫/୦୯ (ଆ.ପ୍ର) : ଭୋଗରାଇ ବ୍ଲକରେ ଜାଲ ଶ୍ରମକାର୍ଡ କରି ସହାୟତା ରାଶି ହାତେଇବା ପାଇଁ ବଡ଼ ଚଂଚକତା ହୋଇଛି । ଜନ୍ମ, ମୃତ୍ୟୁ ଓ ଶ୍ରମକାର୍ଡ ପର୍ଯ୍ୟନ୍ତ ସମସ୍ତ କାଗଜ ପତ୍ର ଜାଲ କରି ସରକାରୀ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ମୃତ୍ୟୁ ସହାୟତା ରାଶି ହାତେଇ ନେବାରେ ସକ୍ଷମ ହେଉଛନ୍ତି । ଭତା ଟଙ୍କା ପାଉଥିବା ବୃଦ୍ଧଙ୍କ ନାଁରେ କେମିତି ଶ୍ରମକାର୍ଡର ମୃତ୍ୟୁ ସହାୟତା ରାଶି ମିଳିଲା ତାକୁ ନେଇ ଏବେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି ? ଏଭଳି ଘଟଣା ପରେ ଏବେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉପରେ ସନ୍ଦେହ ବଢ଼ାଉଛି । ଏମିତି ଘଟଣା ଦେଖିବାକୁ ମିଳିଛି ଭୋଗରାଇ ବ୍ଲକ ନାଉଦୋଳି ଗ୍ରାମର ରବୀନ୍ଦ୍ର ମଣ୍ଡଳ(୭୦)ଙ୍କ କ୍ଷେତ୍ରରେ । ହେଲେ କେମିତି ବୃଦ୍ଧ ଜଣଙ୍କ ନାଁରେ ଶ୍ରମକାର୍ଡ ହୋଇ ମୃତ୍ୟୁ ସହାୟତା ରାଶି ମିଳିଲା । ଆଧାର କାର୍ଡ ଓ ଭୋଟର କାର୍ଡରୁ ରବୀନ୍ଦ୍ରଙ୍କ ଜନ୍ମ ୧୯୫୬ ମସିହା ବୋଲି ସ୍ପଷ୍ଟ ହୋଇଛି । ସେହିପରି ମୃତ୍ୟୁ ପ୍ରମାଣ ପତ୍ର ଓ ସାନ ପୁଅ ଏବେ ସ୍ଥାନୀୟ ଆଶା କର୍ମୀଙ୍କ କହିବା ଅନୁଯାଇ ରବୀନ୍ଦ୍ରଙ୍କ ମୃତ୍ୟୁ ୧୧/୦୧/୨୦୨୬ ରେ ହୋଇଛି । ଆଉ ଏହାକୁ ହିସାବ କଲେ ରବୀନ୍ଦ୍ରଙ୍କ ବୟସ ୭୦ ବର୍ଷ । ତେବେ ୭୦ ବର୍ଷ ବୟସରେ କେମିତି ରବୀନ୍ଦ୍ର ନାଁରେ ଶ୍ରମକାର୍ଡ କରାଗଲା ତାହା ବି ଦେଖିଲେ ଆପଣ ବି ଚକିତ ହୋଇଯିବେ । ଶ୍ରମକାର୍ଡ ଆବେଦନ ବେଳେ ରବୀନ୍ଦ୍ରଙ୍କ ପ୍ରକୃତ ଜନ୍ମ ତାରିଖ ଛପାଇ ୧/୧/୧୯୬୯ ରେ ଦର୍ଶାଯାଇ ମୃତ୍ୟୁ ହୋଇଥିବା ବର୍ଷ ୨୦୨୬ କୁ ହିସାବ କରି ୫୭ ବର୍ଷ କରାଯାଇଛି । ଖାଲି ସେତିକି ନୁହେଁ ଜନ୍ମ ତାରିଖ ସହ ମୃତ୍ୟୁ ତାରିଖରେ ବି ପରିବର୍ତ୍ତନ କରାଯାଇଛି । ଆଉ ଏହି ମୃତ୍ୟୁ ତାରିଖ ପରିବର୍ତ୍ତନ ପଛରେ ରହିଛି ଜାଲ ଶ୍ରମକାର୍ଡ କରିବା । ରବୀନ୍ଦ୍ର ଜଣେ କର୍କଟ ରୋଗୀ ଥିଲେ ଏବେ ବଂଚିଥିବା ଅବସ୍ଥାରେ ତାଙ୍କର କୌଣସି ଶ୍ରମକାର୍ଡ ନ ଥିଲା । ଆଉ ମୃତ୍ୟୁ ପରେ ଶ୍ରମକାର୍ଡ କରିବା ପାଇଁ ପ୍ରକୃତ ମୃତ୍ୟୁ ତାରିଖ ୧୧/୧/୨୬ ଛପାଇ ୫/୨/୨୬ ମୃତ୍ୟୁ ସାର୍ଟିଫିକେଟ ବାହାର କରି ୧୯/୧/୨୬ ରେ ଶ୍ରମ କାର୍ଡ ଆବେଦନ କରାଯାଇଛି । ତେବେ ଏତେ ସବୁ ଜାଲିଆତି କେମିତି କରାଗଲା ଏବଂ ଜିଲ୍ଲା ଶ୍ରମ ଅଧିକାରୀ ଓ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ କେମିତି ଜାଣି ପାରିଲେ ନାହିଁ ନା ଉଭୟଙ୍କ ସଲାସୁତୁରାରେ ଏଭଳି ରାଜକୋଷ ଲୁଟା ଯାଉଛି ତାହା ଏବେ ସମସ୍ତଙ୍କ ମନରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ସରକାରୀ ରେକର୍ଡରୁ ଜଣା ପଡ଼ିଛି ଏହି ମୃତ୍ୟୁ ସହାୟତା ରାଶି ରବୀନ୍ଦ୍ରଙ୍କ ପୁଅ ପ୍ରଭାକର ମଣ୍ଡଳଙ୍କ ୟୁକୋ ବ୍ୟାଙ୍କ ଆକାଉଂଟକୁ ଯାଇଛି । ତେବେ ପ୍ରଭାକର କେମିତି ବାପାଙ୍କ ମୃତ୍ୟୁ ପରେ ଶ୍ରମ କାର୍ଡ ଜାଲିଆତି କରି ଟଙ୍କା ହଡ଼ପ କଲେ ତାହା ତଦନ୍ତ ସାପେକ୍ଷ । ଏହାର ଉଚ୍ଚ ସ୍ତରୀୟ ତଦନ୍ତ କଲେ ତାଙ୍କ ସହିତ ଆଉ କେଉଁମାନେ ସାମିଲ ଅଛନ୍ତି ତାହା ଜଣାପଡିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସକୁ ଭୋଟର ଖୋଜୁଥିବା ବେଳେ ଭୋଟରଙ୍କୁ ଦଳ ଖୋଜୁନି

ବାଲିଆପାଳ, ୨୫/୦୯ (ଆ.ପ୍ର) : ରାଜ୍ୟସରକାର ୨୦୨୭ ରେ ଗ୍ରାମପଂଚାୟତ ନିର୍ବାଚନ କରିବା ପାଇଁ ଘୋଷଣା କରି ସାରିଲେଣି । ଭୋଟର ତାଲିକା ମଧ୍ୟ ଚୂଡାନ୍ତ ସରିଛି ଏଭିଭଳି ସମ୍ବେଦନଶୀଳ ପରିସ୍ଥିତି ଆଗକୁ ଆସୁଥିବା ପଂଚାୟତ ନିର୍ବାଚନ ବେଳେ ବିଜେଡି ଓ ବିଜେପି ପକ୍ଷରୁ ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜବୁତ କରିବା ପାଇଁ ତୃଣମୂଳସ୍ତରରୁ ଦଳୀୟ ନେତା ଓ କର୍ମୀଙ୍କ ସହିତ କ୍ଷମତାସୀନ ସରକାରୀ ଦଳର ନେତା, ବିଧାୟକ ଓସାଂସଦମାନେ ମଧ୍ୟ କସରତ ଆରମ୍ଭ କରିଦେଇଛନ୍ତି । ବିଗତ ଚବିଶ ବର୍ଷର ବିଜେଡିସରକାରର ଶାସନରେ ଲୋକେ ଅତିଷ୍ଠ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସ୍ୱୀକାର କରି ପ୍ରଥମ ଥର ପାଇଁ ଓଡ଼ିଶାରେ ବିଜେପିକୁ କ୍ଷମତାକୁ ଆଣିଥିଲେ । ମାତ୍ର ଅଢ଼େଇ ବର୍ଷର ଶାସନ କାଳ ମଧ୍ୟରେ ରାଜ୍ୟରେ ଏକ ସକ୍ରିୟ ସରକାର ଓ ବାଲିହାନ ସରକାର ଶାସନରେ ସାଧାରଣ ଲୋକେ ହନ୍ତସନ୍ତ ହୋଇପଡିଛନ୍ତି । ଏହି ସରକାରକୁ ଡବଲ ଇଞ୍ଜିନର ଏକ ଗତିଶୀଳ ସରକାର ବୋଲି କୁହାଯିବା ସତ୍ୱେ କ୍ଷମତାର ଅଢେଇ ବର୍ଷ ମଧ୍ୟରେ ଭୋଟରଙ୍କ ପ୍ରତିକ୍ରିୟା ବାଲିଆପାଳ ବ୍ଲକ ଏବଂ ବସ୍ତା ନିର୍ବାଚନ ମଣ୍ଡଳୀର ଭୋଟରଙ୍କୁହତାଶ କରିଛି । ଏହାର ବିକଳ୍ପ ଲାଗି ଲୋକେ ମନସ୍ଥ କରିଥିବାବେଳେ ତାହା ସମ୍ଭବ ହୋଇ ପାରୁନାହିଁ । ବସ୍ତା ନିର୍ବାଚନ ମଣ୍ଡଳୀରେ ଭୋଟର କଂଗ୍ରେସ ପ୍ରତି ନିକଟତର ହେଉଥିବା ବେଳେ କଂଗ୍ରେସ ଭୋଟରଙ୍କ ନିକଟତର ହୋଇପାରୁ ନଥିବା ଦେଖାଯାଉଛି । ଦରଦାମ ନିୟନ୍ତ୍ରଣରେ ବିଫଳତା ସ୍କୁଲ ଓ ଡାକ୍ତରଖାନାରେ ଶିକ୍ଷକ ଓଡାକ୍ତର ଅଭାବ ଥାନା ମାନଙ୍କ ରେ ପୋଲିସ ଦଳୀୟ ନେତାଙ୍କ ଇଙ୍ଗିତରେ ଆଇନଶୃଙ୍ଖଳା ରକ୍ଷା କରିବା, ରାସ୍ତାଘାଟର ଦୁରାବସ୍ଥା ସରକାରୀ ଅଫିସରେ ଦୁର୍ନୀତି ଯୋଜନା ଲୋକଙ୍କ ଠାରେ ପହଂଚି ନ ପାରିବା, ଭେଜାଲ ସାମଗ୍ରୀର ଅବାଧକାରବାର ସାଙ୍ଗକୁ କଳା ବଜାର ମାପ ଓଜନ ରେ ଠକେଇ ଭଳି ଅନେକ ପ୍ରକାରର ସରକାରୀ କୁଶାସନରେ ଲୋକେ ଅତିଷ୍ଠ ହୋଇ ପଡିଥିବା ଯୋଗୁଁ ବିକଳ୍ପ ଖୋଜୁଛନ୍ତି । ବିକଳ୍ପ ଜନଜନ ହୋଇ ସାମନାରେ ଦେଖାଯାଉଥିରେ ଦିଗର ନେତୃତ୍ୱ ନେବା ପାଇଁ ଭୋଟରଙ୍କ ସାମନାରେ କଂଗ୍ରେସ ହାତଖାଲି ତାକୁ ଥିବା ସତ୍ୱେ ବସ୍ତା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ନଥିବା କାରଣରୁ ଭୋଟରମାନେ ଆଉ ଭୁଲ କରିବାକୁ ଚାହୁଁ ନଥିଲେ ବି ସୁଯୋଗ ଶତପ୍ରତିଶତ ଥାଉ ସୁଦ୍ଧା ଦୁର୍ବଳ ନେତୃତ୍ୱହୀନ ସଙ୍ଗଠନର ଅଭାବରୁ ହତାଶ ହୋଇ କଂଗ୍ରେସ ଠାରୁ ମୁହଁ ଫେରାଇ ନେବାକୁ ଚାହୁଁ ଥିଲେ । ଆମ ଆଦମୀ ବା ଅପରିପକ୍ୱ ଅବସ୍ଥାରେ ଥିବା ସିଜେପିକୁ ଭରସା କରି ପାରୁନାହାନ୍ତି ।

ପାଣିରେ ବୁଡ଼ି ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ସିମୁଳିଆ, ୨୫/୦୯ (ଆ.ପ୍ର) : ପୋଖରୀକୁ ଶୌଚ ହେବାକୁ ଯାଇ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଂଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଦିବାକାର ସାହୁଙ୍କ ପୁଅ ନିତ୍ୟାନନ୍ଦ ସାହୁ(୩୩)ବର୍ଷ ଗୁରୁବାର ରାତିରେ ଘର ନିକଟରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ପଡିଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଅବସ୍ଥାରେ ନିତ୍ୟାନନ୍ଦଙ୍କୁ ଉଦ୍ଧାର କରିଥିଲେ । ସଙ୍ଗେ ସଙ୍ଗେ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ମାତ୍ର କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

ସିଥୋ ଆରମ୍ଭ
SEITHO ARAMBHA
ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ବ୍ୟାଙ୍କ ଠକେଇ ଚିନ୍ତାଜନକ

ଦେଶରେ ଏବେ ଯେପରି ବର୍ଷକୁ ବର୍ଷ ବ୍ୟାଙ୍କ ଠକେଇ ବୃଦ୍ଧି ପାଉଛି, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତାର ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଗଭୀର ଚିନ୍ତାପ୍ରକଟ କରିଛି । ଦେଶରେ ୨୦୨୩-୨୪ରେ ୧୨,୨୩୦କୋଟି ଟଙ୍କାର ବ୍ୟାଙ୍କ ଠକେଇ ହୋଇଥିବାବେଳେ ୨୦୨୪-୨୫ରେ ତାହା ୩୬,୦୧୪କୋଟିକୁ ବୃଦ୍ଧି ପାଇଥିବା ରିପୋର୍ଟ କୁହାଯାଇଛି । ଯାହାକି ଗୋଟିଏ ବର୍ଷରେ ୩ଗୁଣ ଠକେଇ । ଏଥିରୁ ଦେଶରେ ଦ୍ରୁତ ଗତିରେ କିପରି ବ୍ୟାଙ୍କ ଠକେଇ, ଜାଲିଆତି ବଢିବାରେ ଲାଗିଛି, ତାହା ସ୍ପଷ୍ଟ ଅନୁଭବ କରାଯାଇପାରେ । ବ୍ୟାଙ୍କ ଠକେଇ ଘଟଣାରେ ୨୦୨୩ରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ବଳରେ ୧୨୨ଟି ପୁରୁଣା ଠକେଇ ମାମଲା, ଚଳିତ ଆର୍ଥିକ ବର୍ଷରେ ଫଂଜୀକରଣ କରାଯାଇଛି । ଯାହାକି ଏହି ବୃଦ୍ଧି ପାଇଥିବା ଠକେଇର ଅଂଶବିଶେଷ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ୩୬,୦୧୪କୋଟି ଟଙ୍କରେ ଠକେଇ କେହି ନେଇନାହାଁନ୍ତି, ଯାହା ବ୍ୟାଙ୍କରୁ ଗାଏବ ହୋଇଯାଇଛି । ଅଧିକନ୍ତୁ ଠକେଇରେ ଟଙ୍କାର ପରିମାଣ ବୃଦ୍ଧି ପାଇଥିବାବେଳେ ମାମଲା ସଂଖ୍ୟା ୩୬,୦୬୦ରୁ ୨୩,୯୫୩ କୁ ହ୍ରାସ ପାଇଛି । ଏହାର ଅର୍ଥ ହେଉଛି, ଠକେଇଗୁଡିକର ଆକାର ବା ପରିମାଣ ଅଧିକରୁ ଅଧିକ ହୋଇଛି । ସେହିପରି ଘରୋଇ ବ୍ୟାଙ୍କଗୁଡିକ ତୁଳନାରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକରେ ଅଳ୍ପ ସଂଖ୍ୟକ ଠକେଇ ନେଇ ମାମଲା ଫଂଜୀକରଣ କରିଥିବାବେଳେ ଦେଶରେ ମୋଟ ବ୍ୟାଙ୍କ ଜାଲିଆତିର ୭୧.୩ ପ୍ରତିଶତ ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକରେ ହୋଇଥିବା ବାର୍ଷିକ ରିପୋର୍ଟରୁ ଜଣାଯାଇଛି । ଏହି ଠକେଇ ମଧ୍ୟରେ ବିପୁଳ ପରିମାଣର ଋଣ ସମ୍ପର୍କିତ ଜାଲିଆତି ରହିଛି । ବାସ୍ତବରେ ଋଣ ସମ୍ପର୍କିତ ଠକେଇ କେବଳ ନିୟମର ଉଲଂଘନ ଯୋଗୁଁ ହୋଇଥିବାବେଳେ ଦେଶର ସମସ୍ତ ବ୍ୟାଙ୍କରେ ହୋଇଥିବା ଆର୍ଥିକ କ୍ଷତି ୯୨ ପ୍ରତିଶତ ବୋଲି ରିପୋର୍ଟ କହେ । ଏହା ମଧ୍ୟରେ ଜାଣିଶୁଣି କିସ୍ତି ପଇଠ ନକରିବା, ପାଣ୍ଠି ଅନ୍ୟତ୍ର ସ୍ଥାନାନ୍ତର, ଏବଂ ଜାଲ ଋଣ ଆଦି ଅନ୍ତର୍ଭୁକ୍ତ ରହିଛି । ଅବଶ୍ୟ ଏ କ୍ଷେତ୍ରରେ ତ୍ରୁଟି, ଦୁର୍ବଳତା ସୁଧାରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ସକ୍ରିୟ ଉଦ୍ୟମ ଦେଶରେ ବ୍ୟାପକ ଭାବେ ବ୍ୟାଙ୍କ ଠକେଇ ଅବ୍ୟାହତ ରହିଛି, ଯାହାକି କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ଭାବେ ଉଭା ହୋଇଛି । ଉଦାହରଣ ସ୍ୱରୂପ, ଗଲା ଫେବୃୟାରୀ ମାସରେ ନୂଆଦିଲ୍ଲୀ କୋ-ଅପରେଟିଭ୍ (ସମବାୟ) ବ୍ୟାଙ୍କର ଜଣେ ମ୍ୟାନେଜର ବିପୁଳ ପରିମାଣର ଅର୍ଥ ଅନ୍ୟତ୍ର ନେଉଥିବାବେଳେ ଟଙ୍କା ଭର୍ତି ବ୍ୟାଗ ନେଇ ବ୍ୟାଙ୍କରୁ ଚାଲିଯାଇଥିଲେ । ଏଥିପାଇଁ କେବଳ ବ୍ୟାଙ୍କିଂ ଆଇନରେ ଥିବା ଗଳାବାଟ ଦାୟୀ ନୁହେଁ, ଜମାକାରୀ ଏବଂ ନିବେଶକମାନଙ୍କୁ ସୁରକ୍ଷା କ୍ଷେତ୍ରରେ ବ୍ୟାଙ୍କର ମ୍ୟାନେଜର, ବ୍ୟାଙ୍କ ବୋର୍ଡଗୁଡିକ ଏବଂ ଦୁର୍ନୀତି ମନୋଭାବ ଦାୟୀ ବୋଲି କୁହାଯାଇପାରିବ । ଅନ୍ୟପକ୍ଷରେ ଘରୋଇ ବ୍ୟାଙ୍କଗୁଡିକ ସର୍ବାଧିକ ସଂଖ୍ୟକ ମାମଲା ରୁଜୁ କରିଛନ୍ତି । ଯାହାକି ଦେଶରେ ଦେଶରେ ମୋଟ ବ୍ୟାଙ୍କିଂ ମାମଲାର ୫୯.୪ ପ୍ରତିଶତ । ଘରୋଇ ବ୍ୟାଙ୍କରେ ଏହି ଠକେଇ ନା ଜାଲିଆତି ମୁଖ୍ୟତଃ ଡିଜିଟାଲ ନେଣଦେଣ ଭାୟା କ୍ରେଡିଟ୍, ଡେବିଟ କାର୍ଡ ଓ ଇଂଟରନେଟ ଜରିଆରେ ହୋଇଥିବା ରିପୋର୍ଟରେ କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଏବେ ଡିଜିଟାଲ କାରବାର ବୃଦ୍ଧି ପାଇବାରେ ଲାଗିଛି । ବ୍ୟାଙ୍କଗୁଡିକ ମଧ୍ୟ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବାରେ ସମର୍ଥ ହୋଇଥିବାବେଳେ ଜାଲିଆତି, ଠକେଇ ବୃଦ୍ଧି ପାଇବା ଆରବିଆଇ ଆଶଙ୍କା ପ୍ରକାଶ କରିଛି । ତେବେ ଦେଶରେ ବ୍ୟାଙ୍କ ଠକେଇ ନିୟନ୍ତ୍ରଣ କରିବା ଏବଂ ଠକଙ୍କୁ ଠାବ କରିବା ପାଇଁ ଆରବିଆଇ କୃତ୍ରିମ ବୁଦ୍ଧିମତା(ଏଆଇ)ର ଉପଯୋଗ ପରୀକ୍ଷାମୂଳକ ଭାବେ କରିଛି । ଏହା ବ୍ୟତୀତ ଆରବିଆଇ ମଧ୍ୟ ପରୀକ୍ଷାମୂଳକ ଭାବେ କରିଛି । ଏହା ବ୍ୟତୀତ ଆରବିଆଇ ମଧ୍ୟ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରିଛି । ତେବେ ଦେଶରେ ବ୍ୟାଙ୍କ ଠକେଇ ରୋକିବାକୁ ଆରବିଆଇ କେତେଦୂର ସଫଳ ହେବ, ତାହା ଭବିଷ୍ୟତ କହିବ । କିନ୍ତୁ ଏହା ନିସନ୍ଦେହ ଯେ, ପରିଚାଳନାଗତ ତଥା ଆଇନରେ ତ୍ରୁଟି, ଦୁର୍ବଳତା ଯୋଗୁଁ ଜାଲିଆତି, ଠକେଇ ଦ୍ୱାରା ଦେଶର ଅର୍ଥ କ୍ଷତି ଘଟିବା ସହ ବ୍ୟାଙ୍କ ଉପରୁ ଲୋକଙ୍କ ଆସ୍ଥା, ବିଶ୍ୱାସ ତୁଟି ଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଉଲ୍ଲେଖଯୋଗ୍ୟ ଯେ, କିଛି ବର୍ଷ ପୂର୍ବରୁ ବିଜୟ ମାଲ୍ୟା, ନୀରବ ମୋଦୀ, ଚୋକସୀଙ୍କ ପରି ଶିଳ୍ପପତି, ବ୍ୟବସାୟୀ ବିଭିନ୍ନ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଠକେଇ କରି ଦେଶଛାଡି ପଳାଇଛନ୍ତି । ସେମାନଙ୍କୁ ଠାରୁ ଅର୍ଥ ଆଦାୟ ଲାଗି ସରକାର ଏବେ ବି ଅସମର୍ଥ । ଠକେଇ ଓ ଜାଲିଆତି ପ୍ରତି ବ୍ୟାଙ୍କଗୁଡିକ ସଚେତନ ସଜାଗ ହେବା ସମୟ ଏବେ ଆସିଛି ।

ବୟସ ଅନୁସାରେ ଡାଏଟ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ସାଧାରଣତଃ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ସ୍ୱାସ୍ଥ୍ୟକର ତଥା ସନ୍ତୁଳିତ ଖାଦ୍ୟ ବେଶ ଜରୁରୀ ହୋଇଥାଏ । ସ୍ୱାସ୍ଥ୍ୟକର ଡାଏଟ ଅର୍ଥ ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ । ଏକ ରିପୋର୍ଟ ଅନୁଯାୟୀ ଶରୀର ବିକାଶ ତଥା ସନ୍ତୁଳନ ରଖିବା ପାଇଁ ଛଅଟି ପୋଷକ ତତ୍ୱ ଯଥା ଭିଟାମିନ, ପ୍ରୋଟିନ, ମିନେରାଲ୍ସ, ଫ୍ୟାଟ, ପାଣି ଏବଂ କାର୍ବୋହାଇଡ୍ରେଟ ଆବଶ୍ୟକ ହୋଇଥାଏ । ତେଣୁ ସୁସ୍ଥ ରହିବା ପାଇଁ ଦୈନିକ ଆହାରରେ ଏହି ସବୁ ପୋଷକ ତତ୍ୱ ରହିବା ଜରୁରୀ । ୩୦-୪୦ ବର୍ଷ ବୟସ ମଧ୍ୟରେ ଶରୀରରେ ବିଭିନ୍ନ ପ୍ରକାର ପରିବର୍ତନ ହୋଇଥାଏ । ଏହି ବୟସରେ ପୁରୁଷ ଓ ମହିଳା ଉଭୟଙ୍କର ମେଟାବୋଲିଜିମ ଧିମା ହୋଇଯାଏ । ଫଳରେ ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢ଼ିଯାଏ । ତେଣୁ ଏହି ବୟସରେ ଖାଦ୍ୟ ଉପରେ ସନ୍ତୁଳନ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଯାହା କେତେ ଗୁଡ଼ିଏ କ୍ରୋନିକ ଡିଜିଜ ବା ଦୀର୍ଘକାଳୀନ ରୋଗର କାରଣ ବୋଲି କୁହାଯାଏ । ତେଣୁ ଏହି ବୟସରେ ଠିକ ଡାଏଟ ନ ରଖିଲେ ଶରୀରରେ ମେଦ ବହୁଳତା ବୃଦ୍ଧି ପାଏ । ଫଳରେ ବିଭିନ୍ନ ପ୍ରକାର କ୍ରୋନିକ ଡିସଅର୍ଡ଼ର ହୋଇଥାଏ । ତେଣୁ ସନ୍ତୁଳିତ ଖାଦ୍ୟ ଖାଇବା ବେଶ ଜରୁରୀ ବୋଲି ଡାଏଟିସିଆନମାନେ ପରାମର୍ଶ ଦେଇଥାନ୍ତି । ଏହି ପରିପ୍ରେକ୍ଷୀରେ ଜାଣିବା ବୟସ ଅନୁସାରେ କିପରି ରଖିବା ନିଜର ଡାଏଟ ପ୍ଲାନ ।

ପାଂଚରୁ ଦଶ ବର୍ଷ ବୟସର ପିଲାଙ୍କ ପାଇଁ ଡାଏଟ ସମ୍ପର୍କରେ ଉଲ୍ଲେଖ କରୁଛୁ : ପାଂଚରୁ ଦଶ ବର୍ଷ ବୟସର ପିଲାଙ୍କୁ କ୍ୟାଲସିୟମର ଆବଶ୍ୟକତା ଅଧିକ ରହିଥାଏ । ସେମାନଙ୍କୁ ଦୈନିକ ୫୦୦-୬୫୦ ମିଲିଗ୍ରାମ କ୍ୟାଲସିୟମ ଶାରୀରିକ ବିକାଶ ପାଇଁ ଆବଶ୍ୟକ ହୁଏ ବୋଲି ବିଶେଷଜ୍ଞମାନେ କହନ୍ତି । ତେଣୁ ପିଲାଙ୍କ ଠାରେ କ୍ୟାଲସିୟମ ଅଭାବକୁ ଦୂର କରିବା ପାଇଁ ଡାଏଟରେ ଦୁଗ୍ଧ, ଦହି, ପନିର, ବାଦାମ, ଟୋଫୁ, ସୋୟା, ବ୍ରୋକଲି ଚିୟାସିଡସ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି ।

ସେହିପରି ଦଶରୁ ବାର ବର୍ଷ ପିଲାଙ୍କ ପାଇଁ ଡାଏଟର ସ୍ୱତନ୍ତ୍ରତା ଦରକାର : ଦଶ ବର୍ଷର ପିଲାଙ୍କ ପାଇଁ ପୋଷକ ତତ୍ୱ ଥିବା ଡାଏଟ ଦେବା ଜରୁରୀ । କାରଣ ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ । ୧୦-୧୨ ବର୍ଷ ବୟସରେ ପିଲାଙ୍କୁ ଦିନରେ ଚାରି ଥର ଖାଦ୍ୟ ଖୁଆଇବା ଜରୁରୀ । ସେହିପରି ପିଲାଙ୍କ ଡାଏଟରେ ସତେଜ ଫ୍ରୁଟ ଜୁସ, ପ୍ରୋବାୟୋଟିକ ଦହି, ପନିପରିବା, ଜୁସ ସାମିଲ କରନ୍ତୁ । ସେହିପରି ପିଲାଙ୍କୁ ପରଟା ଓ ରୁଟି ମଧ୍ୟ ଖୁଆଇପାରିବେ ।

ତେରରୁ ପନ୍ଦର ବର୍ଷ ଅର୍ଥାତ୍ ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧିର ବୟସ : ଏହି ବୟସରେ ପିଲାଙ୍କ ଠାରେ ଶାରୀରିକ ବିକାଶ ହୋଇଥାଏ । ତେଣୁ ଏହି ବୟସରେ ବୌଦ୍ଧିକ ଏବଂ ଶାରୀରିକ ବିକାଶ ପାଇଁ ସେମାନଙ୍କୁ ଡାଏଟରେ କ୍ୟାଲସିୟମ, ଦୁଗ୍ଧ, ଚିଜ, ଦହି ସୋୟାବିନ, ଟୋଫୁ, ମଞ୍ଜି ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ । ଏଥିସହ ଭିଟାମିନ-ଡି ଯୁକ୍ତ ଖାଦ୍ୟ, ମାଛ, ପ୍ରାକୃତିକ ପ୍ରୋଟିନ ଯୁକ୍ତ ଖାଦ୍ୟ, ମାଂସ, ଡାଲି ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଶରୀରକୁ ଆବଶ୍ୟକ ପୋଷକ ତତ୍ୱ ମିଳିଥାଏ । ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା, ଅର୍ଥାତ୍ କୋଡିଏରୁ ତିରିଶ ବର୍ଷ ବୟସ ପାଇଁ ଡାଏଟ ନିର୍ଦ୍ଧାରଣ ହେଉଛି : ସାଧାରଣତଃ ୨୦ରୁ ୩୦ ବର୍ଷ ବୟସର ଲୋକମାନେ ଅଧିକ ମାତ୍ରାରେ ଜଙ୍କଫୁଡ ଖାଉଥାନ୍ତି । ଏହାଦ୍ୱାରା ପେଟ ପୂରି ଯାଇଥାଏ ସତ, କିନ୍ତୁ ଶରୀରକୁ ଆବଶ୍ୟକ ମାତ୍ରାର ପୋଷକତତ୍ୱ ମିଳିପାରେ ନାହିଁ । ତେଣୁ ଏ ବୟସରେ ଶରୀରକୁ ପର୍ଯ୍ୟାପ୍ତ ପରିମାଣରେ ପ୍ରୋଟିନ ଓ ଆଇରନର ଆବଶ୍ୟକତା ଥାଏ । ତେଣୁ ଖାଦ୍ୟରେ ଆଇରନ, କ୍ୟାଲସିୟମ ସାମିଲ କରିବା ଜରୁରୀ । କ୍ୟାଲସିୟମ ସେବନ ଦ୍ୱାରା ହାଡ଼ ମଜଭୁତ ହୋଇଥାଏ ଏବଂ ମସ୍ତିଷ୍କ ଦ୍ରୁତ ଗତିରେ କାର୍ଯ୍ୟ କରିଥାଏ । ଆଇରନ ଶରୀରରେ ମେଟାବୋଲିଜିମ୍‌କୁ ଦୃଢ଼ କରିଥାଏ । ତେଣୁ ୨୦ରୁ ୩୦ ବର୍ଷର ଲୋକେ ଡାଏଟରେ ଦହି, ବାଦାମ, ଓ ପାଳଙ୍ଗ ଖାଇବାକୁ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି ।

ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୟସ କୁହାଯାଉଥିବା ତିରିଶରୁ ଚାଳିଶ ବର୍ଷ ବୟସର ଡାଏଟ ଯୋଜନା ହେଉଛି : ଏହି ବୟସରେ ବିଶେଷ କରି ମ୍ୟାଗ୍ନେସିୟମ ଉପରେ ଅଧିକ ଧ୍ୟାନ ଦିଆଯାଇଥାଏ । ଏହି ବୟସରେ ମାଂସପେଶୀ କମିବାକୁ ଲାଗିଥାଏ । ତେଣୁ ଡାଏଟରେ ମ୍ୟାଗ୍ନେସିୟମ ମାତ୍ରା ବୃଦ୍ଧି କରିବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ତେଣୁ ଏ ବୟସରେ ଅଧିକାଂଶ ଲୋକେ ଡାଏଟର ବାଦାମ, କାଜୁ, ଦୁଗ୍ଧ, ଦହି ଏବଂ ପାଳଙ୍ଗ ଆଦି ଖାଇବା ଜରୁରୀ ।

ଚାଳିଶରୁ ପଚାଶ ବର୍ଷ ଅର୍ଥାତ୍ ଶରୀରର ଏକ ଘଡ଼ିସନ୍ଧି ବୟସ ପାଇଁ ଡାଏଟ ଯୋଜନା ହେଉଛି : ୪୦ରୁ ୫୦ ବର୍ଷ ବୟସରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ଶରୀର ଶୀଘ୍ର ଦୁର୍ବଳ ହୋଇଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ସ୍ୱାସ୍ଥ୍ୟକର ଡାଏଟ ଏକାନ୍ତ ଆବଶ୍ୟକ ହୋଇଥାଏ । ଡାଏଟରେ କ୍ୟାଲସିୟମ ସେବନ କରିବା ଦ୍ୱାରା ଶରୀର ହାଡ଼ ମଜଭୁତ ହୋଇଥାଏ । ତେଣୁ ଏହି ବୟସରେ ଲୋକେ ନିଜ ଖାଦ୍ୟରେ ସାଗ ଜାତୀୟ ଖାଦ୍ୟ, ମାଛ ଆଦି ସାମିଲ କରିବା ଉଚିତ । ପଚାଶରୁ ଉର୍ଦ୍ଧ୍ୱ ବୟସର ଡାଏଟ ଯୋଜନା ହେଉଛି : ପଚାଶ ବର୍ଷ ବୟସରେ ଶରୀର ଦୁର୍ବଳ ହୋଇଯାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ । ତେଣୁ ଏ ବୟସରେ ଶରୀରକୁ ସୁସ୍ଥ ରଖିବା ପାଇଁ ଡାଏଟରେ ଫଳମୂଳ, ସବୁଜ ପନିପରିବା, ଦୁଗ୍ଧ ଜାତୀୟ ଦ୍ରବ୍ୟ ଖାଇବା ଆବଶ୍ୟକ ହୋଇଥାଏ । ସେହିପରି ମସ୍ତିଷ୍କ ସଂଚାଳନକୁ ଠିକ ରଖିବାକୁ ହେଲେ ବି-୧୨ ଅଧିକ ମାତ୍ରାରେ ସେବନ କରିବାକୁ ପଡ଼ିଥାଏ । ଏଥିସହ ଭିଟାମିନ ଡି ଓ ଏ ସି ଯୁକ୍ତ ଖାଦ୍ୟ ଖାଇପାରିବେ । ଏ ପ୍ରକାର ଡାଏଟ ଶରୀରର ପୋଷଣ ସମ୍ବନ୍ଧୀୟ ଆବଶ୍ୟକତାକୁ ପୂର୍ଣ୍ଣ କରି ଶରୀରକୁ ସୁସ୍ଥ ରଖିଥାଏ । ତେବେ ଡାଏଟ ପୂର୍ବରୁ କୌଣସି ବରିଷ୍ଠ ଡାଏଟିସିଆନଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ ।

ବର୍ତମାନ ମେଦବୃଦ୍ଧି ବା ମୋଟାପା ଏକ ବଡ଼ ଚିନ୍ତାର କାରଣ ପାଲଟିଛି । କେହି ବି ଚାହାଁନ୍ତି ନାହିଁ ନିଜ ଶରୀର ପୃଥୁଳକାୟ ହୋଇ କେବଳ ଶରୀରର ସୌନ୍ଦର୍ଯ୍ୟକୁ ନଷ୍ଟ ନକରୁ କିମ୍ବା ବିଭିନ୍ନ ରୋଗର କାରଣ ନ ପାଲଟୁ । ତେଣୁ ସନ୍ତୁଳିତ ଖାଦ୍ୟ ଖାଇ ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତେ ଇଚ୍ଛୁକ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶରୀରର ଓଜନ ସନ୍ତୁଳନ ରକ୍ଷା କରିବା ପାଇଁ ଥଣ୍ଡା ପାନୀୟ, ଜୁସ୍, ଫାଷ୍ଟଫୁଡ, ଆମିଷ, ବିଭିନ୍ନ ବିସ୍କୁଟ, ନିଶାଦ୍ରବ୍ୟ ବଡ଼ କାରଣ ପାଲଟିଥାଏ । ଓଜନ ହ୍ରାସ ପାଇଁ ଡାଏଟ ସହିତ ବ୍ୟାୟାମ ଅତି ଜରୁରୀ । ଏହା ସହିତ ଯୋଗାସନ, ପ୍ରାତଃ ଭ୍ରମଣ ଖୁବ ଭଲ ଅଭ୍ୟାସ । ଦିନକୁ ସର୍ବନିମ୍ନ ପାଂଚ ଲିଟର ବିଶୋଧିତ ପାଣି ପିଅନ୍ତୁ । ଅଳ୍ପ ବ୍ୟବଧାନରେ ହାଲକା ଖାଦ୍ୟ ଖାଇବା ଭଲ ଅଭ୍ୟାସ । ଶୋଇବା ପୂର୍ବରୁ ଖାଇବାରୁ ଦୂରେଇ ରୁହନ୍ତୁ ଓ କମ ଚିନ୍ତା କରନ୍ତୁ । ଫିଟ ରହିବା ଏକ ରାତାରାତି ସମ୍ଭାବନାର ସୂତ୍ର ନୁହଁ କିମ୍ବା କୌଣସି ବଜାରରେ ବିକ୍ରି ହେଉଥିବା ବଟିକା ବା ଔଷଧ ଖାଇ ପତଳା ହେବା ଆଦୌ ଠିକ ନୁହେଁ । ତେଣୁ ସନ୍ତୁଳିତ ଆହାର ହିଁ ସନ୍ତୁଳିତ ଜୀବନ ଏହାକୁ ଆଦୌ ଭୁଲନ୍ତୁ ନାହିଁ । ଯେଉଁ ଖାଦ୍ୟ ପଦାର୍ଥ ପାଇଁ ଆମ ଦୈନନ୍ଦିନ ଜୀବନ ସୁସ୍ଥତାରେ ପରିପୂର୍ଣ୍ଣ ହୁଏ ଓ ଆମ ଶରୀରକୁ ସୁସ୍ଥ ରଖିଥାଏ ଏହାକୁ ସୁଷମ ଖାଦ୍ୟ କୁହାଯାଏ । ଏହା ହିଁ ଆମ ଶରୀରିକ ଓ ମାନସିକ କ୍ଷେତ୍ରକୁ ସୁସ୍ଥତାରେ ପୂର୍ଣ୍ଣ କରିଥାଏ । ତେଣୁ ବୟସ ଅନୁଯାୟୀ ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

କି ହେବ ପ୍ରାଣୀ ପୋଷିଲେ ?

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ବାସ୍ତୁ ଶାସ୍ତ୍ରରେ ଜୀବନଧାରାର ପ୍ରତି ଦିଗର ବିଶେଷ ମହତ୍ୱ ସଂପର୍କରେ ଆଲୋଚନା କରାଯାଇଛି । ବାସ୍ତୁ ଅନୁଯାୟୀ ଘରେ ପଶୁପକ୍ଷୀ ପାଳନ ଶୁଭ ହୋଇଥାଏ । ଖାଲି ଏତିକି ନୁହେଁ ପୋଷା ପ୍ରାଣୀ ରହିବା ଦ୍ୱାରା ଗୃହକର୍ତାଙ୍କର ଅନେକ ଅସୁବିଧା ଟଳି ଯାଇଥାଏ । ତେବେ ପୋଷା ପଶୁପକ୍ଷୀଙ୍କୁ ସୁନିର୍ଦ୍ଦିଷ୍ଟ ସ୍ଥାନରେ ରଖିଲେ ଏହି ସୁଫଳ ମିଳିଥାଏ । ଆସନ୍ତୁ ଜାଣିବା କେଉଁ ପଶୁପକ୍ଷୀ ପାଳନ ଶୁଭଙ୍କର ହୋଇଥାଏ ।

ଗାଈ : ଓଡ଼ିଶାରେ ଏକ ସମୟରେ ଘରେ ଗାଈ ପାଳିବା ଏକ ଲୋକପ୍ରିୟ ପରମ୍ପରା ଥିଲା । ଗାଁ ଗଣ୍ଡାରେ ଗୁହାଳ ଥିଲା ଘରର ଅଂଶବିଶେଷ । ସହରରେ ବି ଲୋକେ ଗାଈ ରଖୁଥିଲେ । କାରଣ ଗୋ-ସେବା ଧର୍ମପରାୟଣ କାର୍ଯ୍ୟ ଭାବେ ବିବେଚନା କରାଯାଉଥିଲା । କ୍ରମେ ଏହି ଧାରା ଦୁର୍ବଳ ହୋଇଯାଇଛି । କେବଳ କ୍ଷୀର ନୁହେଁ, ଗୋମୂତ୍ର ଓ ଗୋମୟ ମଧ୍ୟ ବହୁ ଉପକାରୀ । ବାସ୍ତୁ ଅନୁସାରେ ଗାଈକୁ ଗୃହର ଦକ୍ଷିଣ ଓ ପଶ୍ଚିମ ଦିଗରେ ରଖିବା ଉଚିତ । ଏପରିକି ଘରର ପ୍ରବେଶ ଦ୍ୱାରରେ ଗାଈ ବାନ୍ଧିଲେ କୁନଜର ଦୂର ହୋଇଥାଏ ଏବଂ ବାସ୍ତୁଦୋଷ ଲୋପ ପାଇଥାଏ । ଗୋପାଳନ ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇଥାଏ ବୋଲି କୁହାଯାଏ ।

କୁକୁର : କୁକୁର ସବୁଠାରୁ ବିଶ୍ୱସ୍ତ ପ୍ରାଣୀ ବୋଲି ବିବେଚନା କରାଯାଏ । ଆଜିକାଲି ଘରେ ଗାଈ ପାଳିବା କମିବା ସହ କୁକୁର ପାଳିବା ବଢ଼ିଛି । କୁକୁର ମଣିଷ ସହଚର ଓ ବନ୍ଧୁ । କୁକୁରଙ୍କୁ ଅନେକ ଘର ଭିତରେ ବାନ୍ଧିବା ଦେଖାଯାଉଛି । କିନ୍ତୁ ବାସ୍ତୁ ଅନୁସାରେ କୁକୁର ଠାରୁ ନକାରାତ୍ମକ ଶକ୍ତି ଆସୁଥିବାରୁ ଘରେ ବେଳେ ବେଳେ ସମସ୍ୟା ଦେଖାଯାଇଥାଏ । ଘରଜଗା କାମ କରୁଥିବାରୁ କୁକୁରକୁ ଘର ଦ୍ୱାରବନ୍ଧରେ ବାନ୍ଧିବା ଉଚିତ ଘରେର କୁକୁର ରଖିଲେ ବାସ୍ତୁଦୋଷ ଦେଖା ଦେଇଥାଏ । ପୁଣି ରଙ୍ଗ ଅନୁସାରେ କୁକୁର ବିଭଗିନ୍ନ ଗ୍ରହର ପ୍ରତିନିଧିତ୍ୱ କରିଥାଏ । କାଳୀ କୁକୁର ଶନି, ରାହୁ ଓ କେତୁଙ୍କ ପ୍ରତୀକ ହୋଇଥାଏ । କଳା କୁକୁରଙ୍କୁ ଖାଦ୍ୟ ଦେଲେ ଗ୍ରହ ରିଷ୍ଟ ଖଣ୍ଡନ ହୁଏ ବୋଲି ବିଶ୍ୱାସ ରହିଛି । ମାଟିଆ ଓ ଧଳା କୁକୁର ଘର ପାଇଁ ଶୁଭ କାରକ ହୋଇଥାନ୍ତି ।

ବିଲେଇ : ବିଲେଇ ବାଟ କାଟିଲେ ଅଶୁଭ ବୋଲି କୁହାଯାଏ । କିନ୍ତୁ ଅନେକ ଘରେ ବିଲେଇ ପାଳୁଛନ୍ତି ଏବଂ ଶୋଇବା ଘର ପର୍ଯ୍ୟନ୍ତ ବିଲେଇର ପ୍ରବେଶ ବି ରହୁଛି । ଅନ୍ୟପକ୍ଷରେ ବାସ୍ତୁ ଅନୁସାରେ ବିଲେଇ ନକାରାତ୍ମକ ଶକ୍ତିବାହକ । ପୁଣି ବିଲେଇ ଖାଦ୍ୟରେ ମୁହଁ ମାରିଲେ ସଂକ୍ରମଣର ଶିକାର ହେବାକୁ ପଡ଼ିଥାଏ । ତେବେ ବିଲେଇ ରଖିବା ଖରାପ ନୁହେଁ । କେତେକ କହନ୍ତି ବିଲେଇର ଫୁଲ ସଂଗ୍ରହ କରି ରଖି ତାକୁ ପୂଜା କଲେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାଆନ୍ତି । କିନ୍ତୁ ଘରର ସନ୍ତାନ ସନ୍ତତିଙ୍କ ପାଇଁ ଏହା ଶୁଭଙ୍କର ନୁହେଁ ।

ମାଛ : ଘରର ଉତର ଦିଗରେ ଆକ୍ୱାରିୟମ୍ ରଖିବା ଉଚିତ । ଏଥିରେ ୧, ୩, ୬ ପରି ସଂଖ୍ୟାରେ ମାଛ ରଖିବା ଶୁଭକାରକ ବୋଲି କୁହାଯାଇଥାଏ । ତେବେ ଆକ୍ୱାରିୟମରେ ଥାଇ ମାଛ ଯଦି କୌଣସି କାରଣରୁ ମରେ ତେବେ ଘରକୁ ବିପଦ ଆସିଲା ବୋଲି ସୂଚନା ମିଳେ । ବିନା କାରଣରେ ଯଦି ଆକ୍ୱାରିୟମ ପାଣି ଖରାପ ହୋଇଯାଏ ତେବେ ଜାଣି ରଖିବା ଉଚିତ କି ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରୁଛି । ତେଣୁ ସେଥିପ୍ରତି ସର୍ବଦା ସତର୍କ ହେବା ଉଚିତ । କଳା ମାଛ ଘର ପରିବାରର ସଙ୍କଟ ଦୂର କରିଥାଏ ।

ଶୁଆ : ଘରେ ଶୁଆ ପାଳିବା ବି ଏକ ଲୋକପ୍ରିୟ ଧାରା ଥିଲା । ବାସ୍ତୁ ଅନୁସାରେ ଶୁଆକୁ ଘରେ ଉତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ । ଏହି ଦିଗରେ ରଖିଲେ ଶୁଭ ଫଳାଫଳ ପ୍ରଦାନ କରିଥାଏ । ଉତର ଦିଗକୁ ବୁଧଙ୍କ ଦିଗ କୁହାଯାଉଥିବାରୁ ସବୁଜ ରଙ୍ଗର ପକ୍ଷୀ ବୁଧକାରକ ଭାବରେ ବିବେଚିତ ଶୁଆର ରଙ୍ଗ ସବୁଜ ଏବଂ ଏହାକୁ ଉତର ଦିଗରେ ରଖିବା ଦ୍ୱାରା ଶୁଭଫଳ ମିଳିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଶୁଆ ମାତା ଲକ୍ଷ୍ମୀ ଓ କୁବେରଙ୍କ ସହ ଜଡ଼ିତ । ତେଣୁ ଘରେ ଶୁଆ ରଖିବା ଦ୍ୱାରା ଧନବୃଦ୍ଧି ସହ ବିଚାର ଶକ୍ତି ତୀକ୍ଷଣ ହୁଏ ବୋଲି ବିଶ୍ୱାସ ରହିଛି ।

ପଶୁ ପକ୍ଷୀ ମାନଙ୍କ ପ୍ରତି ଶ୍ରଦ୍ଧା ଓ ଭଲ ପାଇବା ତଥା ସ୍ନେହ ଏକ ମନୁଷ୍ୟୋଚିତ କର୍ତବ୍ୟ । ଏମାନଙ୍କ ପ୍ରତି ଭଲ ପାଇବା, ଆଦର ଯତ୍ନ ରଖିଲେ ସେହି ମୁକ ପ୍ରାଣୀମାନଙ୍କର ପ୍ରାର୍ଥନା ଭଗବାନ ଶୁଣିଥାଆନ୍ତି ବୋଲି ବିଶ୍ୱାସ ରହିଛି । ଏମିତିରେ ଅନେକ ଦେବାଦେବୀଙ୍କ ବାହନ ପଶୁ ଓ ପକ୍ଷୀ ହୋଇଥିବାବେଳେ ଅନେକ ମନ୍ଦିରର ସାମ୍ନାରେ ସେମାନଙ୍କର ଛୋଟ ଛୋଟ ମୂର୍ତି ମଧ୍ୟ ରହିଛି । ତେବେ ମନରେ କୌଣସି ସ୍ୱାର୍ଥ ନରଖି ନିଃସ୍ୱାର୍ଥପର ଭାବରେ ପଶୁପକ୍ଷୀ ମାନଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ରଖିଲେ ଏହା ଆମ ମାନଙ୍କ ପାଇଁ ଅମୃତତମ ଆଶୀର୍ବାଦ ସାବ୍ୟସ୍ତ ହୋଇଥାଏ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଏନଏଫଏସ ମେଧାର ପ୍ରତିବନ୍ଧକ

॥ ଅଧ୍ୟାପକ ଗୋପବନ୍ଧୁ ॥

ସଂରକ୍ଷଣ ବ୍ୟବସ୍ଥା ସମାଜରେ ତଳେ ପଡିଥିବା ଅବହେଳିତ ଓ ଅନଗ୍ରସର ଜାତିସମୂହର କ୍ଷିପ୍ର ବିକାଶ ପାଇଁ ଉଦ୍ଦିଷ୍ଟ । ଏହା ସମତାଭିତିକ ସମାଜ ଗଠନ ଓ ସମାନ ଭାଗିଦାରୀର ଅବସର ତିଆରି କରେ । ଏପରି ଏକ ମହାନ ବ୍ୟବସ୍ଥାର ସଫଳତା ସକାରାତ୍ମକ ଆଭିମୁଖ୍ୟ ଉପରେ ନିର୍ଭର କରେ । ଯେଉଁମାନଙ୍କ ହାତରେ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ, ସେମାନେ ଆନ୍ତରିକତାର ସହିତ ଏ ଦାୟିତ୍ୱ ପାଳନ କଲେ ଏହାର ସୁଫଳ ଦୃଷ୍ଟିଗୋଚର ହୁଏ । ଅନେକ ସମୟରେ ଦେଖାଯାଏ ଏ ବ୍ୟବସ୍ଥାର ସଠିକ କାର୍ଯ୍ୟକାରୀ ହୁଏ ନାହିଁ । ବିଭିନ୍ନ ଆଳରେ ସଂରକ୍ଷିତ ବର୍ଗଙ୍କୁ ସଂରକ୍ଷଣ ଲାଭ ପାଇବାରୁ ବଂଚିତ କରାଯାଏ । ଚାକିରୀ କ୍ଷେତ୍ରରେ ବିଭିନ୍ନ ବର୍ଗର ନିର୍ଦ୍ଧାରୀତ ସଂରକ୍ଷଣ ହାରଠାରୁ କମ୍ ଆସନ ଦେବା, କାରିଗରୀ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ମଧ୍ୟ ତଦ୍ରୂପ କମ୍ ଆସନ ଦେବାର ଅଭିଯୋଗ ଅନେକ ଆସିଛି । ଅନେକ ରାଜ୍ୟରେ ଏହା ଏକ ସାଧାରଣ ଘଟଣା । ଉତର ଭାରତର ରାଜ୍ୟ ମାନଙ୍କରେ ଏପରି ଘଟଣା ଅଧିକ । ଅନେକ ସମୟରେ ଏହା ପଛରେ ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ହାତ ଥାଏ । ବିରୋଧୀଙ୍କ ମଧ୍ୟ ନୀରବ ସମର୍ଥନ ଥାଏ ।

ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ । ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଏହା ସ୍ପଷ୍ଟ ପରିଲକ୍ଷିତ ହୁଏ । ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି । ୪୫ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର(୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି) । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି । ସହଯୋଗୀ ପ୍ରଫେସର ପଦରେ ମଧ୍ୟ ସମାନ ଅବସ୍ଥା । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ । ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି । ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ୍ । ୟୁଜିସି ତଥ୍ୟ ଅନୁଯାୟୀ ପ୍ରୋଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି । ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନ ପରିସ୍ଥିତି । ଓଡିଶାର ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ତଦ୍ରୂପ ଅବସ୍ଥା ଦେଖିବାକୁ ମିଳେ ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଚ୍ଚ ପଦପଦବୀ ଚୟନ ପ୍ରକ୍ରିୟାରେ ମଧ୍ୟ ଏନଏଫଏସର ପ୍ରୟୋଗ ହୁଏ । କେନ୍ଦ୍ରୀୟ ନିଯୁକ୍ତି କ୍ଷେତ୍ରରେ ଆଇଏଏସ ଓ ଆଇପିଏସକୁ ସର୍ବୋଚ୍ଚ ଚାକିରୀ ଭାବେ ବିବେଚନା କରାଯାଏ । ଏହା ବାଦେ ଅନ୍ୟାନ୍ୟ ପ୍ରଥମ ଶ୍ରେଣୀ ନିଯୁକ୍ତି ମଧ୍ୟ ରହିଛି । ସାମ୍ବିଧାନିକ ଭାବେ ଏ ସମସ୍ତ କ୍ଷେତ୍ରରେ ଏସଟିଙ୍କ ପାଇଁ ୭.୫%, ଏସସିଙ୍କ ପାଇଁ ୧୫% ଓ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥା ରହିଛି । ହେଲେ ଏଯାଏଁ ଆଇଏଏସ କ୍ଷେତ୍ରରେ ଏସଟିମାନଙ୍କୁ ୧.୨୦%, ଏସସିମାନଙ୍କୁ ୨.୪୨% ଓ ଓବିସିମାନଙ୍କୁ ୪.୩୯% ସ୍ଥାନ ପୂରଣ କରିବାକୁ ଦିଆଯାଇଛି । ସେହିପରି ଆଇପିଏସ କ୍ଷେତ୍ରରେ ଏସସିମାନେ ୩.୦୬%, ଏସଟିମାନେ ୧.୫୪% ଓ ଓବିସିମାନେ ୫.୫୦% ସ୍ଥାନରେ ଅଛନ୍ତି । କେନ୍ଦ୍ରସରକାରଙ୍କ ୮୫ ଜଣ ସଚିବଙ୍କ ମଧ୍ୟରୁ ଜଣେ ଏସସି, ତିନି ଜଣ ଏସଟି ଓ ଓବିସିରୁ କେହି ନାହାଁନ୍ତି । ଅନ୍ୟ ସମସ୍ତେ ସାଧାରଣ ବର୍ଗର । ଅନ୍ୟାନ୍ୟ ଚାକିରୀ କ୍ଷେତ୍ରରେ ଏସଟି ଓ ଏସସିମାନେ ନିର୍ଦ୍ଧାରିତ ହାର ପାଖାପାଖି ପ୍ରତିନିଧିତ୍ୱ କରୁଛନ୍ତି, କିନ୍ତୁ ୫୨% ଓବିସି ମାତ୍ର ୧୯.୧୪% ସ୍ଥାନରେ ପ୍ରତିନିଧିତ୍ୱ କରୁଛନ୍ତି । ଆମ ରାଜ୍ୟରେ ମଧ୍ୟ ସମାନ ଅବସ୍ଥା । ଓଡିଶା ସରକାର ଜାଣିଶୁଣି ଏଦିଗରେ ପରିସଂଖ୍ୟାନ ସଂଗ୍ରହ କରି ନାହାଁନ୍ତି । ଫଳରେ ଏହି ବର୍ଗର ଲୋକମାନେ ଅନ୍ଧାରରେ ଅଛନ୍ତି । ଏଦିଗରେ ତଥ୍ୟ ସାର୍ବଜନୀନ ଭାବେ ଉପଲବ୍ଧ ହେବା ଉଚିତ୍ ।

ବିଭିନ୍ନ ପର୍ଯ୍ୟାୟରେ ପରୀକ୍ଷାରେ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଜାଣିଶୁଣି କମ୍ ନମ୍ବର ଦିଆଯିବାର ଅଭିଯୋଗ ହୁଏ । ଶିକ୍ଷା ଜୀବନ ପ୍ରାରମ୍ଭରୁ ଏକଥା ଚାଲେ । ସମସ୍ତ ଶିକ୍ଷକ ସମାନ ନୁହଁନ୍ତି । ଅନେକେ ନମ୍ବର ଦେବାରେ ବି ପାତର ଅନ୍ତର ମନୋଭାବ ପୋଷଣ କରନ୍ତି । ପ୍ରାତଃ ଭ୍ରମଣ ସମୟରେ ମୋର ଜଣେ ବନ୍ଧୁ ଦିନେ ଗର୍ବର ସହିତ କହୁଥିଲେ ଯେ ତାଙ୍କ କକା ହାଇସ୍କୁଲ ଖାତା ଦେଖା ସମୟରେ ଦୁଇଟି କଲମ ରଖୁଥିଲେ । ଗୋଟିଏ ନମ୍ବର ଦେବାପାଇଁ ନାଲି ଓ ଅନ୍ୟଟି ବ୍ଲୁ । କୌଣସି ଅସବର୍ଣ୍ଣ ଜାତିର ପିଲା ଖାତା ଆସିଲେ ସେ ଦୁଇଚାରି ପୃଷ୍ଠା ବ୍ଲୁ ପେନରେ କାଟି ଦେଉଥିଲେ । ତାଙ୍କ ଯୁକ୍ତିଥିଲା ମୂଳୁ ମାରିଦେଲେ ସବୁ ସରିବ । ଆଉଥରେ ଜଣେ ଅଧ୍ୟାପିକା କହୁଥିଲେ ଏହି ତଳସ୍ତରର ଲୋକମାନେ ପାଠ ପଢି ଯଦି ଚାକିରୀ କରିବେ ତେବେ ଆମ ପିଲାମାନେ କୁଆଡେ ଯିବେ । ମୋର ଜଣେ ସମ୍ପର୍କୀୟ ଭାଇ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ମାଟ୍ରିକ୍ ପାସ କଲାପରେ ଉଚ୍ଚଶିକ୍ଷା ପାଇଁ ପ୍ରଧାନ ଶିକ୍ଷକଙ୍କ ପରାମର୍ଶ ନେବା ପାଇଁ ତାଙ୍କ ବାପାଙ୍କୁ ପଠାଇଲେ । ସେ ପରାମର୍ଶ ଦେଲେ ଆଉ ଅଧିକ ପଢ଼ାଇବ କାହିଁକି । ହଳେ ବଳଦ କିଣିଦିଅ ଚାଷ କରିବ କିମ୍ବା କେଉଁଠାରେ ପିଅନ ଚାକିରି ପାଇଁ ଚେଷ୍ଟା କର । ପରେ ସେ ପାଠପଢି ଜଣେ ସ୍ୱନାମଧନ୍ୟ ଡାକ୍ତର ହୋଇଥିଲେ । ଏପରି ମାନସିକତା ଏବେବି ପ୍ରବଳ ରହିଛି । ଏହା ଏନଏଫଏସ ପ୍ରୟୋଗର ପୁରୁଣା ଫର୍ମୁଲା । ମୂଳରୁ ପ୍ରତିଯୋଗୀତାକୁ ନଗଲେ ଏନଏଫଏସ ପ୍ରୟୋଗ କରିବାର ଅବକାଶ ରହିବ ନାହିଁ ।

ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଆଙ୍ଗୁଠି କାଟି ତାର ମେଧାକୁ ନଷ୍ଟ କରିବା କଥା ସମସ୍ତେ ଜାଣିଛୁ । ତାର ଦୋଷଥିଲା ଯେ କ୍ଷତ୍ରିୟ ନଥିଲା ସେ ଆଦିବାସୀ ଥିଲା । ସେ ଚାହୁଁଥିଲେ ଅର୍ଜୁନ ତୁଲ୍ୟ ଧନୁର୍ଦ୍ଧର ଆଉ କେହି ନରହନ୍ତୁ । ସେ ସମୟରେ ଗୁରୁକୁଳମାନଙ୍କରେ କେବଳ ସବର୍ଣ୍ଣମାନଙ୍କୁ ଶିକ୍ଷାଦାନ ଦିଆଯାଉ ଥିଲା । ରାମାୟଣରେ ଶମ୍ବୁକ ମୁନୀଙ୍କ ହତ୍ୟା ଅନ୍ୟ ଏକ ଉଦାହରଣ । ତାଙ୍କ ଦୋଷଥିଲା ସେ ଶୁଦ୍ର ଥିଲେ । ଯାହାଙ୍କ ଶିକ୍ଷାଲାଭ କରିବା ଓ ଜ୍ଞାନଚର୍ଚ୍ଚା କରିବା ଅଧିକାର ନଥିଲା । ହଜାର ହଜାର ବର୍ଷଧରି ଶୁଦ୍ର ଅସବର୍ଣ୍ଣମାନଙ୍କୁ ପାଠ ପଢିବାର ଓ ଜ୍ଞାନଚର୍ଚ୍ଚା କରିବାର ଅଧିକାର ନଥିଲା । ଏମାନେ ବେଦ ପଢିବା ତ ଦୂରର କଥା ଏହାକୁ ଶୁଣିବା ପାଇଁ ମଧ୍ୟ ଯୋଗ୍ୟ ନଥିଲେ । ବେଦପାଠ କଲେ ଜିଭ କରିଦେବାର ଓ ଶୁଣିଲେ କାନରେ ଗରମ ସୀସା ଢାଳିଦେବାର ବ୍ୟବସ୍ଥା ଥିଲା । ସଂସ୍କୃତକୁ ଦେବଭାଷା କୁହାଯାଉଥିଲା । ଗୋଟିଏ ବର୍ଗର ଲୋକ ଏହା ପଢୁଥିଲେ, ଏହା ସାର୍ବଜନୀନ ନଥିଲା । ଏ ସମସ୍ତ ଯୋଗ୍ୟ ପ୍ରାର୍ଥୀର ଅଭାବ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା । ଉଦ୍ଦେଶ୍ୟ ଥିଲା ଗୋଟିଏ ସମାଜକୁ ଏପରି ବଂଚିତ କରାଯିବ ଯେ ସେମାନଙ୍କ ଭିତରୁ କେହି ଯୋଗ୍ୟ ପ୍ରାର୍ଥୀ ବାହାରିବେ ନାହିଁ । ଫଳରେ ଚୟନ ସମୟରେ ଏମାନେ ପ୍ରତିଯୋଗୀତାକୁ ଆସିପାରିବେ ନାହିଁ । ଏହା ଏକ ପରୋକ୍ଷ ପ୍ରକ୍ରିୟା ଏନଏଫଏସର ଯାଥାର୍ଥ୍ୟତା ପ୍ରମାଣ ପାଇଁ ।

ଯୋଗ୍ୟ ପ୍ରାର୍ଥୀର ଅଭାବ ବା ଏନଏଫଏସକୁ ନେଇ ବିବାଦ ଦେଖିବାରେ ଲାଗିଛି । ଯୋଗ୍ୟ ପ୍ରାର୍ଥୀ ଚୟନ ବୋର୍ଡ଼ରେ ପ୍ରାୟତଃ ସବର୍ଣ୍ଣ ସଦସ୍ୟମାନେ ସଂଖ୍ୟାଧିକ ଥାଆନ୍ତି, କେତେକ କ୍ଷେତ୍ରରେ ସମସ୍ତେ ଥାଆନ୍ତି । ଏମାନଙ୍କ ମନରେ ଏକପ୍ରକାର ସାମାଜିକ ଚେତନା ରହିଛି ଯେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ କୋଉ କାମକୁ ନୁହଁନ୍ତି, ଏମାନେ ଅଯୋଗ୍ୟ । ଅନେକ ସମୟରେ ଜାଣିଶୁଣି ଏମାନଙ୍କୁ ଏପରି ପ୍ରଶ୍ନ କରନ୍ତି ଯାହା ଅତ୍ୟନ୍ତ ଜଟିଳ । ଅନ୍ୟପକ୍ଷରେ ସାଧାରଣ ବର୍ଗର ପ୍ରାର୍ଥୀଙ୍କୁ ସହଜ ପ୍ରଶ୍ନ ପଚରା ଯାଏ । ଏହାବି ଦେଖାଯାଇଛି ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଖୁବ୍ ଭଲ ନମ୍ବର ରଖୁଥିବା ବେଳେ ମୌଖିକ ପରୀକ୍ଷାରେ କମ୍ ନମ୍ବର ପାଉଛନ୍ତି । ପକ୍ଷାନ୍ତରରେ ଲିଖିତ ପରୀକ୍ଷାରେ କମ୍ ନମ୍ବର ରଖିଥିବା ସାଧାରଣ ବର୍ଗର ପିଲା ମୌଖିକ ପରୀକ୍ଷାରେ ଅଧିକ ନମ୍ବର ରଖୁଛି । ଚୟନକର୍ତାମାନଙ୍କ ଏନଏଫଏସ ପ୍ରୟୋଗ ପାଇଁ କୌଣସି ପ୍ରତିବନ୍ଧକ ନାହିଁ କିମ୍ବା ଇଚ୍ଛାକୃତ ପ୍ରୟୋଗ ପାଇଁ ଉତରଦାୟୀ କରିବାର କୌଣସି ବ୍ୟବସ୍ଥା ନାହିଁ । ଏହାର ପ୍ରୟୋଗ ଅନାୟାସରେ ହୋଇଆସିଛି । ଫଳରେ ସଂରକ୍ଷିତ ବର୍ଗ ସଂରକ୍ଷଣ ହାର ମୁତାବକ ସ୍ଥାନ ପୂରଣ କରିପାରୁ ନାହାଁନ୍ତି । ଏହା ଦୁର୍ଭାଗ୍ୟଜନକ ।

ଏହା ଏକ ଯୋଜନାବଦ୍ଧ ସୋପାନ ଯେ ପ୍ରଥମେ ଏନଏଫଏସ ମାଧ୍ୟମରେ ସଂରକ୍ଷିତ ବର୍ଗର ଆସନକୁ ଫାଙ୍କା ରଖ ଓ ପରେ ଏହି ପଦବୀରେ ସାଧାରଣ ବର୍ଗର ପିଲାଙ୍କୁ ନିଯୁକ୍ତି ଦିଅ । ଏପରି କ୍ଷେତ୍ରରେ ସଂରକ୍ଷଣ ଏକ ପ୍ରହସନରେ ପରିଣତ ହୁଏ । ତେଣୁ ଅନେକ ସଂଗଠନ ଓ ରାଜନେତା ଏନଏଫଏସ ବିରୁଦ୍ଧରେ ସ୍ୱରଉତୋଳନ କରିବା ଆରମ୍ଭ କରିଛନ୍ତି । ଏହାକୁ ସମ୍ପୂର୍ଣ୍ଣରୂପେ ହଟାଇ ଦିଆଯାଉ, ମୌଖିକ ପରୀକ୍ଷାକୁ ଉଠାଇ ଦିଆଯାଇ ଲିଖିତ ପରୀକ୍ଷା ଉପରେ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଉ ଅଥବା ଚୟନ କମିଟିରେ ସମସ୍ତ ବର୍ଗର ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ରହୁ । ଏହା ସହିତ ଫାଙ୍କା ପଦବୀଗୁଡ଼ିକରେ ସାଧାରଣ ପ୍ରାର୍ଥୀଙ୍କୁ ନିଯୁକ୍ତି ନଦେଇ ସଂରକ୍ଷିତ ବର୍ଗ ପାଇଁ ତାହା ଉଦ୍ଦିଷ୍ଟ ରହୁ(ବେକ୍ ଲୋଗ) ବୋଲି ଦାବି ହେଉଛି । ସମସ୍ତ କ୍ଷେତ୍ରରେ ଉଦ୍ଦିଷ୍ଟ ସଂରକ୍ଷଣ ହାରକୁ ପୂରଣ କରିବାର ପ୍ରୟାସ ହେଲେ ସଂରକ୍ଷଣ ବ୍ୟବସ୍ଥାର ଉପଯୋଗୀତା ସ୍ପଷ୍ଟ ଉପଲବ୍ଧି ହୋଇପାରିବ ଓ ଅନଗ୍ରସର ସମାଜ ଆଗକୁ ବଢିବାର ସୁଯୋଗ ପାଇବ ।

ବାରିପଦା, ମୟୂରଭଞ୍ଜ- ୭୫୭୦୦୨

ଆରମ୍ଭ
SEITHO ARAMBHA

ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୨୫/୦୯ (ଆ.ପ୍ର) : ଅକ୍ଟୋବର ୨ ତାରିଖରେ ପୁରୀ ଜିଲ୍ଲାସ୍ତରୀୟ ଗାନ୍ଧିଜୀଙ୍କ ୧୫୭ ତମ ଓ ଶାସ୍ତ୍ରୀଜୀଙ୍କ ୧୨୨ ତମ ଜୟନ୍ତୀ ପାଳିତ ହେବ । ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ବିସ୍ତୃତ ଆଲୋଚନା ପରେ ନିଷ୍ପତି ନିଆଗଲା ଯେ ଗାନ୍ଧୀ ଜୟନ୍ତୀ ଦିନ ଅର୍ଥାତ ଅକ୍ଟୋବର ୨ ତାରିଖ ଦିନ ପ୍ରତ୍ୟୁଷ ୪.୩୦ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ । ସକାଳ ୭.୩୦ ଘଟିକା ରେ ଗାନ୍ଧୀଘାଟ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତମୂର୍ତିରେ ମାଲ୍ୟାର୍ପଣ କରାଯିବ । ପରେ ପରେ ସଦଭାବନା ସଭାଗୃହ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଜୟନ୍ତୀ ସଭା ଅନୁଷ୍ଠିତ ହେବ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବା ସହ ମିଷ୍ଟାନ୍ନ ବଂଟନ କରାଯିବ । ପୁରୀ ମହାନଗର ନିଗମ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିକୁ ସଫା କରିବା ସହ ଉତ୍ସବ ସ୍ଥଳକୁ ସଫା ସୁତୁରା କରିବା, ୱାଟକୋ ପକ୍ଷରୁ ପାନୀୟ ଜଳର ବ୍ୟବସ୍ଥା କରିବା, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଫୁଲ, ଧୂପ, ଦୀପ, ନିମନ୍ତ୍ରଣ ପତ୍ର, ସାର୍ଟିଫିକେଟ, ଫଟୋ ଉତ୍ତୋଳନ, ଜଳଯୋଗ, ପୁରସ୍କାର ପାଇଁ ଟ୍ରଫି ଇତ୍ୟାଦି ବ୍ୟବସ୍ଥା କରାଯିବ । ବୈଠକରେ ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଶିଶୁ ସୁରକ୍ଷାର ଲିଗାଲ ତଥା ପ୍ରୋବେସନ ଅଧିକାରୀ ସନ୍ତୋଷ କୁମାର ସାହୁ, ସର୍ବୋଦୟ ମେଳା ସମିତିର ସମ୍ପାଦକ ଶିବ ପ୍ରସାଦ ମିଶ୍ର, ୱାଟକୋ ମ୍ୟାନେଜର ସୁଧାକର ନାଏକ, ସମାଜ କଲ୍ୟାଣ ର ପ୍ରୋଗ୍ରାମ ଅଧିକାରୀ ସୁହାଗୀ ହେମ୍ବ୍ରମ୍, ସି ବିଚ ଥାନା ଏସ ଆଇ ସନ୍ତୋଷ କୁମାର ସିଂହ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଡିଓଙ୍କୁ ଫୋନରେ ଧମକ ଓ ଗାଳିଗୁଲଜ ଅଭିଯୋଗ, ଜଣେ ଗିରଫ

ଦଶପଲ୍ଲା, ୨୫/୦୯ (ଆ.ପ୍ର) : ଦଶପଲ୍ଲା ବିଡିଓ ଶରତ କୁମାର ମଲିକଙ୍କୁ ଫୋନ୍ ମାଧ୍ୟମରେ ଧମକ ଦେବା ସହ ଗାଳିଗୁଲଜ କରିବା ଏବଂ ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ କହୁଥିବା ପରିଚୟ ଦେଇଥିବା ଅଭିଯୋଗରେ ଦଶପଲ୍ଲା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ହେଲେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ର ପୁର ଥାନା ଅନ୍ତର୍ଗତ ମକାଲୋ ଗ୍ରାମର ଅର୍ଜୁନ ଚରଣ ପାଣିଗ୍ରାହୀ (୬୭)ବୋଲି ଜଣାପଡିଛି । ଏହି ଘଟଣା ସମ୍ପର୍କରେ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଅଧିକ ଜାରି ରଖିଛନ୍ତି ।

ପ୍ରାଣୀ ଚିକିତ୍ସାଳୟର ଅବ୍ୟବସ୍ଥା

ବ୍ରହ୍ମପୁର, ୨୫/୦୯ (ଆ.ପ୍ର) : ବ୍ରହ୍ମପୁର ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ବିଭିନ୍ନ ଅବ୍ୟବସ୍ଥା ପ୍ରତି ଜିଲ୍ଲା ପ୍ରଶାସନର ଆବଶ୍ୟକ ଦୃଷ୍ଟି ନପଡ଼ିବା ଦୁର୍ଭାଗ୍ୟଜନକ ବୋଲି ମାନବ ଅଧିକାର ସୁରକ୍ଷା ମଂଚ ପକ୍ଷରୁ କୁହାଯାଇଛି । ଗତ ୨୨ ତାରିଖରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁଁ ପ୍ରାଣୀ ଚିକିତ୍ସାଳୟର ସମସ୍ୟା ଆହୁରି ଗୁରୁତର ହୋଇଛି । ଏହାର ପ୍ରଭାବରେ ଅସୁସ୍ଥ, ଆହତ ଓ ଦୁର୍ଘଟଣାଗ୍ରସ୍ତ ପଶୁଙ୍କ ଚିକିତ୍ସା ମଧ୍ୟ ପ୍ରଭାବିତ ହେଉଛି । ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟରେ ୧୫୦ ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ ତୁରନ୍ତ ଖୋଲିବା ପାଇଁ ମାନବ ଅଧିକାର ସୁରକ୍ଷା ମଂଚ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଛି । ମଂଚ ର ସାଙ୍ଗଠନିକ ସମ୍ପାଦକ ତଥା ସାମାଜିକ କର୍ମୀ ମନୋଜ କୁମାର ତରାଇ କହିଛନ୍ତି ଯେ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ବିଭିନ୍ନ ଅବ୍ୟବସ୍ଥାରେ ଜର୍ଜରିତ । ଏଭଳି ପରିସ୍ଥିତିରେ ପଶୁସମ୍ପଦର ସୁରକ୍ଷା ଓ ଉପଯୁକ୍ତ ଚିକିତ୍ସା ପାଇଁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ । ପ୍ରାଣୀ ଚିକିତ୍ସାଳୟର ଅବ୍ୟବସ୍ଥା ତୁରନ୍ତ ଦୂର କରିବା ସହ ୧୫୦ ଶଯ୍ୟା ବିଶିଷ୍ଟ ଅନ୍ତଃବିଭାଗ ଶୀଘ୍ର ଖୋଲିବା, ଆହତ ଓ ଦୁର୍ଘଟଣାଗ୍ରସ୍ତ ପଶୁଙ୍କ ପାଇଁ ତ୍ୱରିତ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବା, ଆବଶ୍ୟକ ଡାକ୍ତର, କର୍ମଚାରୀ, ଔଷଧ ଓ ଚିକିତ୍ସା ଉପକରଣ ଯୋଗାଇଦେବା, ବର୍ଷା ଜନିତ ସମସ୍ୟାର ତୁରନ୍ତ ସମାଧାନ କରିବା ଆଦି ଏକ ପ୍ରେସ ବିବୃତିରେ ଉପସ୍ଥାପନ କରି ପଶୁସମ୍ପଦର ସୁରକ୍ଷା ମଧ୍ୟ ପ୍ରଶାସନର ଦାୟିତ୍ୱ ବୋଲି ଜିଲ୍ଲା ପ୍ରଶାସନ ମନେ ରଖିବା ଦରକାର ତେଣୁ ଏହି ସମସ୍ୟାକୁ ଅବହେଳା ନକରି ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବାକୁ ଶ୍ରୀ ତରାଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଠାରେ ଦାବୀ କରିଛନ୍ତି ।

ନବରଙ୍ଗପୁରରେ 'ମେଗା ସଦସ୍ୟତା ଅଭିଯାନ ସମ୍ବନ୍ଧ ଯୋଜନା'ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ନବରଙ୍ଗପୁର, ୨୫/୦୯ (ଆ.ପ୍ର) : ସମବାୟ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ମେଗା ସଦସ୍ୟତା ଅଭିଯାନ ସମ୍ବନ୍ଧ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅଭିଯାନର ଶୁଭାରମ୍ଭ କରାଯାଇଛି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ସମବାୟ ସଂସ୍ଥା ପକ୍ଷରୁ ନିର୍ମିତ ଭିତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରାଯିବା ସହ ନୂତନ ଭିତିଭୂମି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । ଏଥିସହ ସମବାୟ ବିଭାଗରେ ନିଯୁକ୍ତି ପାଇଁ ଚୟନିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ଉତ୍ସବ ସ୍ଥାନୀୟ ମିଶନ ଶକ୍ତି ହଲ୍‌ଠାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ପୂର୍ବତନ ମାନ୍ୟବର ସାଂସଦ ପର୍ଶୁରାମ ମାଝୀ, ସମବାୟ ବିଭାଗର ଅଧିକାରୀବୃନ୍ଦ, ବିଭିନ୍ନ ସମବାୟ ସମିତିର କର୍ମକର୍ତା ଓ ସଦସ୍ୟ ସଦସ୍ୟା, ବିଭିନ୍ନ ବିଭାଗର ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପୂର୍ବରୁ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀମାନେ ସମବାୟ ଆନ୍ଦୋଳନର ଗୁରୁତ୍ୱ, ଏହାର ଉଦ୍ଦେଶ୍ୟ ଏବଂ ସାମାଜିକ ଓ ଆର୍ଥିକ ବିକାଶରେ ସମବାୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅଧିକରୁ ଅଧିକ ଯୋଗ୍ୟ ବ୍ୟକ୍ତିଙ୍କୁ ସମବାୟ ବ୍ୟବସ୍ଥା ସହିତ ଯୋଡ଼ିବା, ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ସୁଦୃଢ଼ କରିବା ଏବଂ ସଦସ୍ୟମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣକୁ ତ୍ୱରାନ୍ୱିତ କରିବା ଦିଗରେ 'ମେଗା ସଦସ୍ୟତା ଅଭିଯାନ'ର ଗୁରୁତ୍ୱ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ନିଜ ଅଂଚଳର ସ୍ଥାନୀୟ ସମବାୟ ସମିତିରେ ସଦସ୍ୟତା ଗ୍ରହଣ କରି ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ ଓ ସୁଦୃଢ଼ କରିବାରେ ସହଭାଗୀ ହେବା ପାଇଁ ଆହ୍ୱାନ କରାଯାଇଥିଲା । ସମବାୟ ମାଧ୍ୟମରେ ସାମୂହିକ ଅଂଶଗ୍ରହଣ, ପରସ୍ପର ସହଯୋଗ, ଆର୍ଥିକ ସଶକ୍ତିକରଣ ଓ ସ୍ଥାନୀୟ ବିକାଶକୁ ଆଗକୁ ବଢ଼ାଇବା ଦିଗରେ ଏହି 'ମେଗା ସଦସ୍ୟତା ଅଭିଯାନ' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ ।

ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ନୂଆପଡ଼ା ଜିଲ୍ଲାରେ 'ଏକ ପେଡ୍ ମା' କେ ନାମ୍ ୩.୦'

ନୂଆପଡ଼ା, ୨୫/୦୯ (ଆ.ପ୍ର) : 'ସେବା ସଂକଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ 'ଏକ ପେଡ୍ ମା' କେ ନାମ୍ ୩.୦' କାର୍ଯ୍ୟକ୍ରମ ଅବସରରେ ନୂଆପଡ଼ା ବ୍ଲକର କୁମେରପାଣି ଗ୍ରାମ ପଂଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଖାମାନିଧି ରୋହଙ୍କ ସମେତ ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର, ସମିତି ସଭ୍ୟ ତୂରଣ ମାଝୀ, ସରପଂଚ ଟେକରାମ ସାହୁ ଓ ବିଡିଓ ରୋହିତ ଭୋଇ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଅଭିଯାନ ଅନ୍ତର୍ଗତ ଜିଲ୍ଲାର ସମସ୍ତ ୧୩୧ଟି ଗ୍ରାମ ପଂଚାୟତରେ ୭୦୦ଟି ଲେଖାଏଁ, ମୋଟ ୯୧,୭୦୦ଟି ବୃକ୍ଷ ରୋପଣ କରାଯାଇଛି । ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ଓ ସବୁଜ ଆବରଣ ବୃଦ୍ଧି ଲକ୍ଷ୍ୟରେ ବୃକ୍ଷରୋପଣ କରାଯାଇଥିବା ବେଳେ ରୋପିତ ଚାରାଗୁଡ଼ିକର ଯତ୍ନ ଓ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ଦାଶ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ସହ ରୋପିତ ଚାରାଗୁଡ଼ିକର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ । ଏଥିସହ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାରରୁ ବିରତ ରହି ପରିବେଶ ସୁରକ୍ଷାରେ ସମସ୍ତେ ସହଭାଗୀ ହେବାକୁ ସେ ଆହ୍ୱାନ ଦେଇଥିଲେ । ଗଛ ଆମ ପରିବେଶର ସୁରକ୍ଷା କବଚ ହୋଇଥିବାରୁ ଏହାର ସୁରକ୍ଷାକୁ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ସେ କହିଥିଲେ ।

'ସ୍ୱଚ୍ଛତା ପଖ୍ ୱାଡ଼ା 'କାର୍ଯ୍ୟକ୍ରମ ଅନୁଷ୍ଠିତ

ଦଶପଲ୍ଲା, ୨୫/୦୯ (ଆ.ପ୍ର) : ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ପଂଚାୟତର ଯୁବ ସଂଗଠକ ବିଶ୍ୱରଂଜନ ରଣା ଓ ରାଧାମାଧବ ୟୁଥ କ୍ଲବ ର ସଦସ୍ୟଙ୍କ ତରଫରୁ ସ୍ୱଚ୍ଛତା ପଖ୍ ୱାଡ଼ା ତଥା ସେବା ପଖ ୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଗ୍ରାମର ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅଳିଆ ଆବର୍ଜନା ସବୁ କ୍ଲବର ସମସ୍ତ ସଦସ୍ୟ ସଫେଇ କାର୍ଯ୍ୟ କରିଥିଲେ ଏବଂ ନିଜ ଚାରିପାଖକୁ ସଫା ସୁତୁରା ରଖିବା ଆବର୍ଜନାକୁ ଏଣେ ତେଣେ ନ ଫୋପାଡ଼ି ଆବର୍ଜନା କୁଣ୍ଡ ବ୍ୟବହାର କରିବା, ପଲିଥିନର ବ୍ୟବହାରକୁ ବନ୍ଦ କରିବା ଇତ୍ୟାଦି ଶପଥ ପାଠ କରାଯିବା ସହିତ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଯାଇଥିଲା । କ୍ଲବର ସଭାପତି ବିଟନ କୁମାର ଦଳାଇ, ଉପସଭାପତି ଗଣେଶ୍ୱର ବାରିକି, ସମ୍ପାଦକ ମାନସ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ଏ ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମକୃଷ୍ଣ ପ୍ରଧାନଙ୍କ ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

ଲଗାଣ ବର୍ଷାରେ ଭାଙ୍ଗିଲା ଘର, କାନ୍ଥ ତଳେ ଚାପିହୋଇ ୪ ଆହତ

ଯାଜପୁର, ୨୫/୦୯ (ଆ.ପ୍ର) : ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ଯାଜପୁର ବ୍ଲକ୍ ଅଂଚଳରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ଲୋକେ । ଯାଜପୁର ବ୍ଲକ୍ ଅନ୍ତର୍ଗତ ବେରୁଦା ପଂଚାୟତର ୫ ନମ୍ବର ୱାର୍ଡ ଈଶ୍ୱର ପୁର ଗ୍ରାମର ନାଗାସାହିରେ ଗତ ରାତିରେ ଘଟିଛି ଏକ ଅଘଟଣ । ନାଗାସାହିରେ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ମାଟିରେ ତିଆରି କଚ୍ଚା କାନ୍ଥ ଘରେ ନିଜର ଦୁଇ ପୁଅ ଦୁଇ ଝିଅ ଓ ସ୍ତ୍ରୀଙ୍କ ସହ ମିଶି ରହନ୍ତି ସଦାଶିବ ସେନାପତିଙ୍କ ପରିବାର । ଗତ ଗୁରୁବାର ରାତିରେ ଖାଇ ପିଇ ସମସ୍ତେ ଘରେ ଶୋଇଥିଲେ । ରାତ୍ରିର ଅନ୍ଧାର ଓ ପ୍ରବଳ ବର୍ଷା ସମୟରେ ମା କୁନି ସେନାପତି ବାହାରକୁ ଯାଇଥିଲେ । ସେହି ସମୟରେ ଘରୁ ଚିତ୍କାର ଶୁଣି ପଛକୁ ଚାହିଁ ଦେଖିଲେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି ଓ କାନ୍ଥ ତଳେ ଚାପିହୋଇ ଅନ୍ୟମାନେ ଚିତ୍କାର କରୁଛନ୍ତି । ନିଜେ ଡାକ ପକାଇବାରୁ ଗ୍ରାମର ଲୋକମାନେ ଆସି କାନ୍ଥ ତଳେ ଚାପିହୋଇ ରହିଥିବା ୪ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଆହତ ମାନେ ହେଲେ ସାଗର ସେନାପତି(୧୭) ବନିତା ସେନାପତି(୧୪)ଝରଣା ସେନାପତି(୨୦) ସ୍ତ୍ରୀଙ୍କ ଦୀପକ ଜେନା (୨୧) । ଏମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଆହତ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ୨ ଜଣ ଚିକିତ୍ସିତ ହେଉଥିବା ଜଣାପଡିଛି । ପ୍ରକାଶ ଥାଉକି ଏହି ନାଗା ସାହିରେ ବସ ବାସ କରୁଥିବା ପ୍ରାୟ ୪୦ ଘର ମଧ୍ୟରୁ ଅଧିକାଂଶ ଘର ବହୁ ପୁରାତନ ହୋଇଥିବାରୁ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ୫ ରୁ ଉର୍ଦ୍ଧ୍ୱ ଘର ସମ୍ପୂର୍ଣ୍ଣ ଭାଙ୍ଗିଛି । ହେଲେ ବଡ଼ ଦୁଃଖ ଓ ପରିତାପର ବିଷୟ ଏଠିକି ଯେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଭଳି ଯୋଜନାରୁ ବାଦ ପଡିଛନ୍ତି ନାଗା ସାହିରେ ବସ ବାସ କରୁଥିବା ଲୋକେ । ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଗ୍ରାମ ପରିଦର୍ଶନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇବା ସହ କାନ୍ଥ ତଳେ ଚାପିହୋଇ ଆହତ ହୋଇଥିବା ବ୍ୟକ୍ତି ମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ଜଗତସିଂହପୁରରେ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣୀ ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୨୫/୦୯ (ଆ.ପ୍ର) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଆଗାମୀ ଦଶହରା ପର୍ବ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ରାଉତ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାଶ ଉପସ୍ଥିତ ରହି ଶାରଦୀୟ ପର୍ବ ମା' ଦୁର୍ଗାଙ୍କ ଆଗମନକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ସମସ୍ତଙ୍କର କର୍ତବ୍ୟ ବୋଲି କହିଥିଲେ । ବୈଠକରେ ପୂଜା ଭସାଣୀରେ ଡି ଜେ ସାଉଣ୍ଡ ର ଅପବ୍ୟବହାରକୁ ବନ୍ଦ କରିବା ପାଇଁ ପ୍ରସ୍ତାବ ସର୍ବସମ୍ମତି ରେ ଗୃହୀତ ହୋଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଚଳିତ ବର୍ଷ ୧୭.୧୦.୨୦୨୬ ରିଖ ଠାରୁ ୨୩.୧୦.୨୦୨୬ ରିଖ ପର୍ଯ୍ୟନ୍ତ ଜଗତସିଂହପୁର ପୌର ପରିଷଦ ଅଂଚଳରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବକୁ ଶାନ୍ତି, ଶୃଙ୍ଖଳା ଓ ଉତ୍ସାହ ଉଦ୍ଦୀପନାର ସହିତ ପାଳନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମସ୍ତ ମେଢ଼ କମିଟିର କର୍ମକର୍ତା ମାନଙ୍କର ସହଯୋଗ କାମନା କରିଥିଲେ । ସମସ୍ତ ସରକାରୀ ନିୟମାବଳୀ ସହ ଏହାର ତଦାରଖ ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ଉପଦେଶ ଦେଇଥିଲେ । ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ମଧ୍ୟ ଡି ଜେ ପରିବର୍ତେ ପାରମ୍ପରିକ ବାଦ୍ୟର ବ୍ୟବହାରକୁ ଗୁରୁତ୍ୱ ଦେବା ସହ ପୂଜା ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ପ୍ରତି ସାବଧାନ ରହିବାକୁ ଉପଦେଶ ଦେଇଥିଲେ । ବୈଠକର ନିଷ୍ପତି ଅନୁଯାୟୀ ବିଜୟା ଦଶମୀ ଦିନ ଅର୍ଥାତ୍ ତା ୨୧.୧୦.୨୬ ରିଖ ଦିନ ରାବଣ ପୋଡ଼ି ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ । ଦଶମୀ ପରଦିନ ଗୁରୁବାର ପଡୁଥିବାରୁ ମା'ଙ୍କ ଭସାଣି ଉତ୍ସବ ତା ୨୩.୧୦.୨୬ରିଖ ଦିନ ଅନୁଷ୍ଠିତ ହେବ । ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଉକ୍ତ ୨ ଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ସର୍ବ ସମ୍ମତିରେ ନିଷ୍ପତି ଗ୍ରହଣ କରାଗଲା । ରାବଣ ପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ୍ ଏବଂ ଭସାଣୀ ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ୍ ସମ୍ପାଦନ କରିବା ପାଇଁ ନିଷ୍ପତି ନିଆଗଲା । ମୂର୍ତି ବିସର୍ଜନ ନିମନ୍ତେ ଗାନ୍ଧିପଡ଼ା, ପୁରୋହିତପୁର ଏବଂ କଲେଜ ଛକ ଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଉଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ପାଇଁ ଅଧିକ୍ଷଣ ଯନ୍ତ୍ରୀ (ଜଳ ସମ୍ପଦ), ଅଧିକ୍ଷଣ ଯନ୍ତ୍ରୀ(ରାସ୍ତା ଓ କୋଠାବାଡ଼ି), ଅଧିକ୍ଷଣ ଯନ୍ତ୍ରୀ(ଗ୍ରାମ୍ୟ ଉନ୍ନୟନ), ଅଧିକ୍ଷଣ ଯନ୍ତ୍ରୀ(ଡ୍ରେନେଜ୍)ଙ୍କୁ ଦାୟିତ୍ୱ ଦିଆଗଲା । ରାସ୍ତା ମରାମତି ସମୟରେ କେବଳ ଡଷ୍ଟ ନ ପକାଇ ଉପଯୁକ୍ତ ଉପାୟରେ ଯଥାଶୀଘ୍ର ପରସ୍ପର ସମନ୍ୱୟ ରେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ ନିୟନ୍ତ୍ରଣ ଓ ପୋଲିସ ଶିବିର ଦାୟିତ୍ୱ ଆରକ୍ଷୀ ଅଧିକ୍ଷକ ସମ୍ପାଦନ କରିବେ । ଟାଉନ୍ ହଲ୍ ଠାରୁ ଦଶ ନମ୍ବର, ପୁରୋହିତପୁର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆଳିପିଙ୍ଗଳ ଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ କଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବେ । ଆସନ୍ତା ୧୩.୧୦.୨୬ ତାରିଖ ସୁଦ୍ଧା ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ଅଧିକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି) ଏବଂ ଏନଏଚ ଡିଭିଜନ କଟକ, ଅଧିକ୍ଷଣ ଯନ୍ତ୍ରୀ ଆର ଡି, ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଳିପିଙ୍ଗଳ ଠାରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ଦଶ ନମ୍ବର ଠାରୁ ଚାଟରା ବ୍ରିଜ କେନାଲ, ଜିରା ଠାରୁ ଚର୍ଚ୍ଚିକା ବଜାର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଓହଳ ଠାରୁ ବଡ଼ବଜାର କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିର୍ବାହୀ ଅଧିକାରୀ ପୌର ପରିଷଦ ସମ୍ପାଦନ କରିବେ । ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନ ସ୍ଥଳୀ ଓ ମେଲଣ ପଡିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରିବା ସହିତ ୫ଟି ଜେନେରେଟର ରଖିବା ପାଇଁ ନିର୍ବାହୀ ଅଧିକାରୀ ପୌର ପରିଷଦ ବିହିତ ବ୍ୟବସ୍ଥା ଗ୍ରହଣ କରିବେ । ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାବଣ ପୋଡ଼ି ଓ ଭସାଣୀ ଉତ୍ସବ ଦିନ ମେଲଣ ପଡିଆରେ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟ ଜଳର ବ୍ୟବସ୍ଥା, ସହରରେ ପାଣି ପାଇପ୍ ମରାମତି, ରାବଣ ପୋଡ଼ି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ବିଷୟ ରେ ନିଷ୍ପତି ନିଆଯାଇଥିଲା । ଦୁର୍ଗାପୂଜା ସମୟରେ ଡିଜେ ସାଉଣ୍ଡ ନ ବଜାଇବା, ଶାନ୍ତି ଶୃଙ୍ଖଳାର ସହ ପୂଜା ଓ ଭସାଣୀ କରିବା, ପ୍ରତ୍ୟେକ ମେଢ଼ ପାଖରେ ସି ସି ଟିଭି ଲଗାଇବା, ଡଷ୍ଟବିନ ରଖିବା, ସମୟ ଅନୁଯାୟୀ ମେଲଣ ପଡ଼ିଆକୁ ଆସିବା ଓ ଭସାଣୀ କରିବା ଏବଂ ନିୟମଭଙ୍ଗକାରୀ ବିରୁଦ୍ଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ । ମେଲଣ ପଡିଆ ଓ ବିସର୍ଜନ ସ୍ଥଳୀରେ ଦମକଳ ଗାଡ଼ି ରଖିବା, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବା, ଅସ୍ଥାୟୀ ପୋଖରୀ ନିକଟରେ ଡଷ୍ଟବିନ ରଖିବା, ନିର୍ଦ୍ଧାରିତ ସମୟ ଏବଂ ସ୍ଥାନରେ ମେଢ଼ ମାନଙ୍କ ଉପସ୍ଥିତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପୂଜା ମଣ୍ଡପ ରେ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ମୂର୍ତି ରେ ମାଟି ଓ ପ୍ରାକୃତିକ ରଙ୍ଗର ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା । ପୂଜା କମିଟିର କର୍ମକର୍ତା ମାନେ ସରକାରୀ ଅଧିକାରୀ ମାନଙ୍କୁ ପୂଜା ମଣ୍ଡପ ବୁଲିବା ପାଇଁ ଆମନ୍ତ୍ରଣ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ସମସ୍ତ ମେଢ଼ର କର୍ମକର୍ତା, ଶାନ୍ତି କମିଟିର ସଦସ୍ୟ, ସମସ୍ତ ବିଭାଗୀୟ ଅଧିକାରୀ , ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ସୁନାବେଡ଼ା ମେଗା ଡ୍ରାଇଭ୍: ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସଚେତନତା

ସୁନାବେଡ଼ା, ୨୫/୦୯ (ଆ.ପ୍ର) : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୁନାବେଡ଼ା ସାପ୍ତାହିକ ବଜାର ପିଣ୍ଡିରେ କାର୍ଯ୍ୟକ୍ଷେତ୍ରରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଏକ ଆଇନ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ସୁନାବେଡା ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ସମୀର କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ନୂଆପଡ଼ା ବିଭାଗୀୟ ଶ୍ରମ ଆୟୁକ୍ତ ରବୀନ୍ଦ୍ର ବର୍ମା, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ପରିଷଦର ସ୍ୱତନ୍ତ୍ର ଅଧିକାରୀ ବିଜୟାନନ୍ଦ ମଲ୍ଲିକ, ବ୍ଲକ୍ କଲ୍ୟାଣ ଅଧିକାରୀ କ୍ଷୀତିଶ କୁମାର ସେଠୀ, ସୁନାବେଡ଼ା ସରପଂଚ ରଜନୀ ଜଗତ ଓ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝୀ, ସୁନାବେଡ଼ା ଗୁରୁକୁଳ କନ୍ୟାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ଲତା ଗୁରୁମା' ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରମିକଙ୍କୁ ବାହାର ଜିଲ୍ଲା କିମ୍ବା ରାଜ୍ୟ ମାନଙ୍କୁ ନ ଯାଇ ନିଜ ଅଂଚଳରେ ରୋଜଗାର କରିବାକୁ ଆହ୍ୱାନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ବିଭାଗୀୟ ଶ୍ରମ ଅଧିକାରୀ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଅନ୍ୟାନ୍ୟ ସରକାରୀ ବିଭାଗ ପକ୍ଷରୁ ଏହି ମେଗା ଡ୍ରାଇଭରେ ଶ୍ରମିକ ମାନଙ୍କୁ ଦିଆଯାଉଥିବା ଆଇନ ସହାୟତା ବିଷୟରେ ଆଲୋକପାତ କରିଥିଲେ ।

ଦୀପକ ବିଶ୍ୱାଳଙ୍କୁ ଜଗତସିଂହପୁର ଜିଲ୍ଲା ଯୁବ ମୋର୍ଚ୍ଚାର ସହ-ପ୍ରଭାରୀ ଦାୟିତ୍ୱ

ଜଗତସିଂହପୁର, ୨୫/୦୯ (ଆ.ପ୍ର) : ନାଉଗାଁ ଅଂଚଳର ଜଣାଶୁଣା ଯୁବନେତା ତଥା ସମାଜସେବୀ ଦୀପକ ବିଶ୍ୱାଳଙ୍କୁ ଜଗତସିଂହପୁର ଜିଲ୍ଲା ଯୁବ ମୋର୍ଚ୍ଚାର ସହ-ପ୍ରଭାରୀ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ନୂତନ ଦାୟିତ୍ୱ ପାଇବା ପରେ ଦଳୀୟ କର୍ମକର୍ତା, ଯୁବକ ଓ ଶୁଭେଚ୍ଛୁମାନଙ୍କ ପକ୍ଷରୁ ଦୀପକ ବିଶ୍ୱାଳଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ନୂତନ ଦାୟିତ୍ୱ ପାଇଁ ଦୀପକ ବିଶ୍ୱାଳ ରାଜ୍ୟ ସଭାପତି ମନମୋହନ ସାମଲ, ଜଗତସିଂହପୁର ସାଂସଦ ଡ. ବିଭୁ ପ୍ରସାଦ ତରାଇ ଏବଂ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କୁ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ, ଦଳ ପକ୍ଷରୁ ତାଙ୍କ ଉପରେ ରଖାଯାଇଥିବା ଆସ୍ଥା ଓ ଦାୟିତ୍ୱକୁ ସେ ନିଷ୍ଠାର ସହ ପାଳନ କରିବେ ଏବଂ ଯୁବକମାନଙ୍କୁ ସଂଗଠିତ କରି ଦଳୀୟ କାର୍ଯ୍ୟକୁ ଆହୁରି ମଜବୁତ କରିବା ଦିଗରେ କାର୍ଯ୍ୟ କରିବେ ।

ଆରମ୍ଭ
SEITHO ARAMBHA
ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ପ୍ରତ୍ୟେକ ପରିବାର ସହ ସମବାୟ ସମ୍ବନ୍ଧ ଯୋଡିବାକୁ ସାଂସଦଙ୍କ ପରାମର୍ଶ

ସମବାୟ ସଦସ୍ୟତା ମହାଅଭିଯାନ ସମ୍ବନ୍ଧର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ପୁରୀ, ୨୫/୦୯ (ଆ.ପ୍ର) : ଶୁକ୍ରବାର ପୂର୍ବାହ୍ନରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲା ପ୍ରଶାସନ ସମବାୟ ବିଭାଗ ପକ୍ଷରୁ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଡିଜିଟାଇଜେସନ 'ସମ୍ବନ୍ଧ' ଆପର ଶୁଭାରମ୍ଭ କରାଯାଇଥିଲା । ପୁରୀରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ସମବାୟ ଏକ ଆନ୍ଦୋଳନ ଯାହା ପରିବାରକୁ ଆର୍ଥିକ ସମୃଦ୍ଧି ପଥରେ ନେବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଗୁଜରାଟର ଅମୂଲ ଓ ମହାରାଷ୍ଟ୍ରର ଆଖୁ ସମବାୟ ଶିଳ୍ପର ଉଦାହରଣ ଦେଇ ଆମ ରାଜ୍ୟରେ ମଧ୍ୟ ସମବାୟ ଏକ ପୁରାତନ ସଂସ୍ଥା । ଆସ୍କା, ନୟାଗଡ଼, ବଡମ୍ବାର ତିନି କଳ ଏହାର ଉଦାହରଣ । ପୁନଶ୍ଚ ଏହାର ପୁନରୁଦ୍ଧାର ଓ ଆଧୁନିକିକରଣ ପାଇଁ ପଦକ୍ଷେପ ନିଆଯାଉଛି । ପୁରୀ ଜିଲ୍ଲାରେ ୨୪୭ ଟି ସମବାୟ ସମିତି ରହିଥିବା ବେଳେ ୩ ଲକ୍ଷ ରୁ ଉର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି । ସମ୍ବନ୍ଧ ଆପ ମାଧ୍ୟମରେ ଅତିଶୀଘ୍ର ଆଉ ଏକ ଲକ୍ଷ ସଦସ୍ୟଙ୍କୁ ସାମିଲ କରାଯିବ ବୋଲି ଡା ପାତ୍ର କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଯୋଗ ଦେଇ ସମବାୟ, ସଂଗଠନକୁ ସମୃଦ୍ଧ ଓ ସଂଗଠିତ କରିବା ସହ ଆର୍ଥିକ ସମୃଦ୍ଧିକୁ ସୁନିଶ୍ଚିତ କରିବା ସମ୍ବନ୍ଧର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଆମ ଜିଲ୍ଲାରେ ସମବାୟକୁ ଅଧିକ ମଜବୁତ ଓ କ୍ରିୟାଶୀଳ କରିବା ସମ୍ପର୍କରେ ସମସ୍ତ ସମିତି ସଂକଳ୍ପ ନେବାକୁ ସେ କହିଥିଲେ । ପ୍ରାରମ୍ଭରେ ଜିଲ୍ଲା ସମବାୟ ସମିତିର ଉପ ନିବନ୍ଧକ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ସମବାୟର ସ୍ଥିତି, ଆଗାମୀ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାତପଡାଗଡ କୃଷି ସମବାୟ ସମିତିର ଗୋଦାମ ଗୃହ, ଗଡ ମୃଗୁଣିରା କୃଷି ସମବାୟ ସମିତିର ଧାନ ବିକ୍ରୟ କେନ୍ଦ୍ର ର ଭିତିଭୂମି ବିକାଶ ଓ ମାଲୁଦ କୃଷି ସମବାୟ ସମିତିର କାର୍ଯ୍ୟାଳୟର ଶୁଭ ଉଦଘାଟନ ଓ ମହୁରା ମଡେଲ ମଣ୍ଡିର ଭିତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ଚାରି ଗୋଟି ଲାଭାନ୍ୱିତ ପ୍ୟାକ୍ସର ୧୨ ଜଣ ଚାଷିମାନଙ୍କୁ ଲାଭାଂଶ ଅର୍ଥର ଚେକ ସାଂସଦ ଡା ପାତ୍ର ପ୍ରଦାନ କରିଥିଲେ । ସମବାୟ ସମିତିର ଆସିଷ୍ଟାଣ୍ଡ ଅଡିଟ ଜେନେରାଲ ସନ୍ତୋଷ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପୁରୀ ନିମାପଡା ୟୁନାଇଟେଡ କୋଅପରେଟିଭ ସୋସାଇଟିର ସିଇଓ ତପତୀ ପଟ୍ଟନାୟକ, ସହକାରୀ ନିବନ୍ଧକ ସନାତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶ୍ୟାମ ପ୍ରକାଶ ସେନାପତି ମଂଚ ସଂଚାଳନ କରିଥିଲେ ।

୩ ଚୋରି ମାମଲାରେ ୭ ଅଭିଯୁକ୍ତ ଗିରଫ

ପୁରୀ, ୨୫/୦୯ (ଆ.ପ୍ର) : ପୁରୀ ଟାଉନ ଥାନା ପୋଲିସ ପକ୍ଷରୁ ତିନି ଭିନ୍ନ ଭିନ୍ନ ଚୋରି ମାମଲାରେ ମୋଟ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନଙ୍କ ଠାରୁ ଚୋରି ଟଙ୍କା ଓ ମୋବାଇଲ ଫୋନ୍ ଜବତ କରାଯାଇଛି । ମଛ ମାର୍କେଟ ଗଳି, ପଯୋଗେନ୍ଦ୍ର ପ୍ରମାଣିକଙ୍କ ପାନ ଦୋକାନ ଚୋରି ମାମଲାରେ ୩ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ସେମାନଙ୍କ ଠାରୁ ୩ ଗୋଟି ମୋବାଇଲ ଫୋନ୍ ଏବଂ ଚୋରି ଟଙ୍କା ୨୧୦୦/- ଜବତ ହୋଇଛି । ଅଭିଯୁକ୍ତ ମାନେ ହେଲେ ସଦାମ ହୁସେନ (୨୬ ବର୍ଷ), ଆସିକ୍ ଅଲ୍ଲୀ (୨୦ ବର୍ଷ), ତହିଦ୍ ଶାହା (୧୯ ବର୍ଷ) ସମସ୍ତ ଅଭିଯୁକ୍ତଙ୍କ ଘର ଉତର ପ୍ରଦେଶର ଚିତ୍ରକୂଟ ଅଂଚଳରେ । ଏମାନେ କୁମ୍ଭାରପଡ଼ାରେ ଭଡ଼ାରେ ରହି ଫେରି କରନ୍ତି । ସେହିପରି ମାର୍କେଟ ଛକ ପାଖ ପାର୍ବତୀ ଦାସଙ୍କ ଭଠା ଫଳ ଦୋକାନରୁ ଚୋରି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ଗୋଟିଏ ମୋବାଇଲ ଫୋନ୍ ଏବଂ ଚୋରି ଟଙ୍କା ୪୨୦୦/- ଜବତ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ଆଲୋକ ମହାପାତ୍ର (୨୨ ବର୍ଷ), ମାର୍କଣ୍ଡେଶ୍ୱର ସାହି, ପୁରୀ,ପ୍ରଦୀପ ଡାଙ୍ଗ (୨୬ ବର୍ଷ), ତରଭା, ସୋନପୁର, ବର୍ତମାନ - ଜଗନ୍ନାଥ ବଲ୍ଲଭ, ପୁରୀ । ମଧ୍ୟରାତ୍ରିରେ ପୁରୀ ଟାଉନ ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସୁଗ୍ରୀବ ମହାବୀର ମନ୍ଦିର ନିକଟରେ ଚୋରି ଉଦ୍ୟମ କରୁଥିବା ୨ ଜଣ ଅଭିଯୁକ୍ତଙ୍କୁ ରେଡ୍ ହ୍ୟାଣ୍ଡରେ ଧରାଯାଇଛି । ଉଭୟଙ୍କ ବିରୁଦ୍ଧରେ ପୂର୍ବରୁ ଚୋରି ମାମଲା ରହିଛି । ଅଭିଯୁକ୍ତ ମାନେ ହେଲେ ଅରକ୍ଷିତ ଦାସ (୫୯ ବର୍ଷ), ଯାଜପୁର ଅଜିତ ବାରିକ (୨୮ ବର୍ଷ), ଅନୁଗୁଳ ଉଭୟେ ଜଗନ୍ନାଥ ବଲ୍ଲଭରେ ରହି ମୂଲିଆ କାମ କରନ୍ତି । ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର ମାନ୍ୟବର ଏସ୍‌ଡିଜେଏମ୍ କୋର୍ଟ, ପୁରୀକୁ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ପୁରୀ ଜିଲ୍ଲା ଜେଲକୁ ପଠାଇ ଦିଆଯାଇଛି ।

ପାହାଡ଼ ତଳେ ଚାପିଗଲା ରାସ୍ତା, ରାଣୀଗଡ଼ ଘାଟିରେ ଯାତାୟାତ ଠପ୍

ପାହାଡ଼ ଧସି ରାସ୍ତା ଅବରୋଧ, ଯାତାୟାତ ବନ୍ଦ; ମାଟି ହଟାଇବାରେ ଲାଗିଛି ୫ ଜେସିବି

କୋରାପୁଟ, ୨୫/୦୯ (ଆ.ପ୍ର) : ଲଗାଣ ବର୍ଷା ମଧ୍ୟରେ କୋରାପୁଟ ଜିଲ୍ଲାର ରାଣୀଗଡ଼ ଘାଟିରେ ବଡ଼ ଧରଣର ଭୂସ୍ଖଳନ ଘଟିଛି । ୪୮ ନମ୍ବର ରାଜ୍ୟ ରାଜପଥର ଘାଟି ରାସ୍ତା ଉପରେ ପାହାଡ଼ର ଏକ ବଡ଼ ଅଂଶ ଧସି ପଡ଼ିବା ସହ ବିପୁଳ ପରିମାଣର ମାଟି ଓ ପଥର ରାସ୍ତାକୁ ଅବରୋଧ କରିଛି । ଫଳରେ କୋରାପୁଟ ରାଣୀଗଡ଼ ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟାତ ବନ୍ଦ ରହିଛି । ରାସ୍ତା ବନ୍ଦ ହେବା ଯୋଗୁଁ ଉଭୟ ପାର୍ଶ୍ୱର ପ୍ରାୟ ୪୫ଟି ଗାଁର ଲୋକେ ପ୍ରଭାବିତ ହୋଇଛନ୍ତି । ବିଶେଷକରି ରାଣୀଗଡ଼ ଓ ଆଖପାଖ ଅଂଚଳର ଲୋକଙ୍କ ଦୈନନ୍ଦିନ ଯାତାୟାତ ସହ ଚାଷ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି । ଆମ୍ବୁଲାନ୍ସ, ବସ୍, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଯାତାୟାତରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି । ଏହି ରାସ୍ତା କୋରାପୁଟ ସହ ନବରଙ୍ଗପୁର, କଳାହାଣ୍ଡି, ଇନ୍ଦ୍ରାବତୀ ଓ ଛତିଶଗଡ଼ର ଜଗଦଳପୁର ଅଂଚଳକୁ ଯୋଡ଼ିଥାଏ । ଏହାଛଡ଼ା ଏହି ରାସ୍ତା ଦେଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଅଭିମୁଖେ ମଧ୍ୟ ଶହ ଶହ ଯାନବାହନ ଚଳାଚଳ କରିଥାଏ । ଭୂସ୍ଖଳନ ପରେ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ରାସ୍ତା ଅବରୋଧ ହଟାଇ ଯାତାୟାତ ସ୍ୱାଭାବିକ କରିବାକୁ କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ କାମ ଆରମ୍ଭ କରାଯାଇଛି । ପ୍ରାୟ ୫ଟି ଜେସିବି ମେସିନ୍ ନିୟୋଜିତ ହୋଇ ରାସ୍ତା ଉପରୁ ମାଟି ଓ ପଥର ହଟାଇବା କାର୍ଯ୍ୟ ଚାଲିଛି । ତେବେ ଲଗାଣ ବର୍ଷା ଯୋଗୁଁ ଉଦ୍ଧାର ଓ ମରାମତି କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ଉପରେ ପଡ଼ିଥିବା ବିପୁଳ ମାଟି ଓ ପଥର ସମ୍ପୂର୍ଣ୍ଣ ହଟାଇବାକୁ ଅଧିକ ସମୟ ଲାଗିପାରେ । ତେବେ ଯଥାଶୀଘ୍ର ରାସ୍ତା ସଫା କରି ଯାତାୟାତ ସ୍ୱାଭାବିକ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି ।

ସରକାରୀ ପଞ୍ଜିକୃତ ହେଲା ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ସଂଘ

ବାଲିଗୁଡ଼ା, ୨୫/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ସ୍ତରୀୟ ବରିଷ୍ଠ ନାଗରିକ ସଂଘ ସୋସାଇଟି ଆକ୍ଟ, ୧୮୬୦ ଅନୁଯାୟୀ ସରକାରୀ ଭାବେ ପଞ୍ଜିକୃତ ହୋଇଛି । ସଂଘର ପଞ୍ଜିକରଣ ନମ୍ବର ୧/ ୨୦୨୫୨୬୦୯୦୦୦୦୧/ ୨୦୨୬-୨୭ ବୋଲି ଜଣାପଡ଼ିଛି । ପଞ୍ଜିକରଣ ପରେ ଏହାର ସାର୍ଟିଫିକେଟ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକଙ୍କ ଦ୍ୱାରା ସଂଘର କର୍ମକର୍ତାଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂଘର ସଭାପତି ଡ. ମଧୁସୂଦନ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ, ସହସମ୍ପାଦକ ସନ୍ୟାସୀ ନାୟକ, ନିର୍ବାହୀ କମିଟି ସଦସ୍ୟ ପାଉଲ ମଣ୍ଡଳ, ଯୋଗେନ୍ଦ୍ର ପଟ୍ଟନାୟକ, ବିନୋଦ ମିଶ୍ର, ଲକ୍ଷ୍ମୀଧର ରାଉତ, ସନାତନ ପରିଛା ପ୍ରମୁଖ ଉପସ୍ଥିତ ଥିଲେ । ସଂଘର ପଞ୍ଜିକରଣ ନେଇ ବାଲିଗୁଡ଼ାସ୍ଥିତ ସଂଘ କାର୍ଯ୍ୟାଳୟରେ ସଭ୍ୟସଭ୍ୟାଙ୍କ ପକ୍ଷରୁ କର୍ମକର୍ତାମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା । ପଞ୍ଜିକୃତ ସଂଘ ଆଗାମୀ ଦିନରେ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣମୂଳକ କାର୍ଯ୍ୟରେ ସକ୍ରିୟ ଭୂମିକା ନେବ ବୋଲି ସଦସ୍ୟ ମାନେ କହିଛନ୍ତି । ସ୍ୱାସ୍ଥ୍ୟ ଓ ଶିକ୍ଷାର ପ୍ରସାର, ପାନୀୟ ଜଳ ସମସ୍ୟାର ସମାଧାନ, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା, ବାଲ୍ୟବିବାହ ନିରୋଧ, କ୍ରୀଡ଼ାର ବିକାଶ, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରୀକରଣ, ଅସ୍ପୃଶ୍ୟତା ବିରୋଧୀ ସଚେତନତା ସହ ଯୋଗ ଓ ପ୍ରାଣାୟାମ ଭଳି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ । ଏଥିସହ ଅସହାୟ ବରିଷ୍ଠ ନାଗରିକ, ବୃଦ୍ଧ ଓ ବୃଦ୍ଧାମାନଙ୍କ ପାଇଁ ମାଗଣା ରହିବା ଓ ଖାଇବା ବ୍ୟବସ୍ଥା କରିବା ଦିଗରେ ମଧ୍ୟ ସଂଘ ପଦକ୍ଷେପ ନେବାକୁ ମତ ପ୍ରକାଶ କରିଛି । ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟ ସହ ସମାଜସେବାକୁ ଯୋଡ଼ି ବରିଷ୍ଠ ନାଗରିକମାନଙ୍କ ଅଭିଜ୍ଞତାକୁ ସମାଜର ବିକାଶରେ ବିନିଯୋଗ କରିବା ଏହି ସଂଘର ମୁଖ୍ୟ ଲକ୍ଷ୍ୟ ବୋଲି କର୍ମକର୍ତାମାନେ ପ୍ରକାଶ କରିଛନ୍ତି ।

ଲଗାଣ ବର୍ଷାରେ ପର୍ଲା - ସେମଲା ଯାତାୟାତ ଠପ

ବ୍ରିଜ ଉପରେ ୩ଫୁଟ ପାଣି, ଯାତାୟାତ ବାଧା ପ୍ରାପ୍ତ

ଧର୍ମଗଡ଼, ୨୫/୦୯ (ଆ.ପ୍ର) : ଲଗାଣ ବର୍ଷା ଯୋଗୁଁ ଧର୍ମଗଡ଼ ବ୍ଲକ ପର୍ଲା ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି । ବିଭିନ୍ନ ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହେବାରୁ ଯାତାୟାତ ଠପ୍ ହୋଇଛି । ପର୍ଲା ଦେଇ ପ୍ରବାହିତ ମୁଡ୍ରାନଦୀରେ ଜଳସ୍ତର ବୃଦ୍ଧି ପାଇଛି । ପର୍ଲା ନିକଟ ପୋଲ ଉପରେ ପ୍ରାୟ ୩ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ଫଳରେ ପର୍ଲାରୁ ସେମଲା, ଲଛିପୁର, କଦଳିମୁଣ୍ଡା, ଚିତାମୁଣ୍ଡା, ବେକନାଗୁଡା, ହାତିପଖାନ ଭଳି ଅଂଚଳକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଲୋକେ ଜରୁରୀ କାର୍ଯ୍ୟ

ପାଇଁ ବିପଦକୁ ଖାତିର ନ କରି ୩ଫୁଟ ପାଣିରେ ମଧ୍ୟ ଯାତାୟାତ କରୁଛନ୍ତି । ସେହିପରି ପର୍ଲାରୁ ସେମଲା ଯିବା ରାସ୍ତା ଉପରେ ମଧ୍ୟ ୩ଫୁଟ ପାଣି ଯାଉଅଛି । ଯାହା ଫଳରେ ଯାତାୟାତ ଠପ୍ ହୋଇଛି । ଲୋକେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କଲେ ଯେକୌଣସି ମୁହୂର୍ତରେ ମଧ୍ୟ ଲୋକେ ବିପଦର ସମ୍ମୁଖୀନ ହେଇ ପାରନ୍ତି । ତେଣୁ ପ୍ରଶାସନ ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବା ଉଚିତ । ଏଥିସହ ଜରୁରୀ ସେବା ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି । ପର୍ଲା ଅଂଚଳବାସୀ କହିବା ଅନୁସାରେ ଏହି ବ୍ରିଜ ନିର୍ମାଣ ହୋଇ ପ୍ରାୟ ୭୦ବର୍ଷ ଉପରେ ହୋଇଥିଲେ ମଧ୍ୟ ନିର୍ମାଣ ହେଉନି ଓ ଏ ବନ୍ୟା ବର୍ଷାରେ ଚାଷୀଙ୍କ ଶହ ଶହ ଏକର ଚାଷ ଜମିରେ ପାଣି ମାଡି ଯାଇଥିବାରୁ ଚାଷୀ ମଧ୍ୟ ଚିନ୍ତାରେ । ତେଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ ଓ ଧ୍ୟାନ ଶିବିର

ରାୟଗଡ଼, ୨୫/୦୯ (ଆ.ପ୍ର) : ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନ୍ତର୍ଗତ ଏକ ଦିବସୀୟ ଯୋଗ ଓ ଧ୍ୟାନ ଶିବିର ଶୁକ୍ରବାର ଗୋଲଡ଼େନ୍ ଜୁବିଲି କନଫରେନ୍ସ ହଲରେ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟଙ୍କ ପରିଚାଳନା ଓ ମାର୍ଗଦର୍ଶନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ, ଧ୍ୟାନ ଓ ମାନସିକ ସୁସ୍ଥତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ଏହି ଅବସରରେ ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ, ଏକାଗ୍ରତା ଓ ସୁସ୍ଥ ଜୀବନ ପାଇଁ ଯୋଗ ଓ ଧ୍ୟାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବର୍ତମାନ ସମୟରେ ଶିକ୍ଷା ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ ଚାପ ମଧ୍ୟରେ ଛାତ୍ରଛାତ୍ରୀମାନେ ମାନସିକ ଭାବେ ସୁସ୍ଥ ରହିବା ସହିତ ନିଜର ଶାରୀରିକ ଫିଟ୍‌ନେସ୍ ପ୍ରତି ମଧ୍ୟ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ । ନିୟମିତ ଯୋଗାଭ୍ୟାସ ଓ ଧ୍ୟାନ ଦ୍ୱାରା ମନକୁ ଶାନ୍ତ ରଖିବା, ଚିନ୍ତା ଓ ମାନସିକ ଚାପ କମାଇବା ସହିତ ଏକାଗ୍ରତା ବୃଦ୍ଧି କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ । ଶିବିରରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ସଂଖ୍ୟା ଅଧିକ ଥିଲା । ଛାତ୍ରଛାତ୍ରୀମାନେ ଯୋଗ ଓ ଧ୍ୟାନର ବିଭିନ୍ନ ଦିଗ ସମ୍ପର୍କରେ ଜାଣିବା ସହିତ ଏହାକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବା ପାଇଁ ପ୍ରେରଣା ପାଇଥିଲେ । କାର୍ଯ୍ୟକ୍ରମକୁ ଡ. ଲିଜାରାଣୀ ଶତପଥୀ ଓ ଲେଫ୍ଟନାଂଟ ଉଦୟ ନାଏକ ସଂଯୋଜନା କରିଥିଲେ । କେ କେ ଜାନି, ଅଶୋକ ସାହୁ ଓ ରମେଶ ଚନ୍ଦ୍ର ହୁଇକାଙ୍କ ସମେତ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକାମାନେ ଶିବିରରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଶିବିରରେ ଯୋଗ ଓ ଧ୍ୟାନକୁ କେବଳ ଶାରୀରିକ ବ୍ୟାୟାମ ଭାବେ ନୁହେଁ, ବରଂ ଶାରୀରିକ ସୁସ୍ଥତା, ମାନସିକ ଶାନ୍ତି, ଆତ୍ମନିୟନ୍ତ୍ରଣ ଓ ଏକାଗ୍ରତା ବୃଦ୍ଧିର ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

ବିଧାନସଭା ଅଧିବେଶନ ଛାଡ଼ି କଳିଙ୍ଗା ଘାଟିର ସ୍ଥିତି ପରଖିଲେ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ

ଜି.ଉଦୟଗିରି, ୨୫/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିର ଅନ୍ଧାରକୋଟ ମନ୍ଦିର ପୂର୍ବରୁ ନବନିର୍ମିତ ଗାର୍ଡ ୱାଲ୍ ଧସିଯିବା ଘଟଣାକୁ ନେଇ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଶୁକ୍ରବାର ବିଧାନସଭା ଅଧିବେଶନ ଛାଡ଼ି କଳିଙ୍ଗା ଘାଟିରେ ପହଂଚିଥିଲେ । କଳିଙ୍ଗାରେ ପହଂଚିବା ପରେ ଘାଟିର ଆରମ୍ଭରେ ନାକା ଯାଂଚ ହେଉଥିବା ସ୍ଥାନରେ ସ୍ଥାନୀୟ ତହସିଲଦାର ସମୁଦ୍ର ମିଶ୍ର ଙ୍କ ସହ ବିଧାୟକ ଆଲୋଚନା କରିଥିଲେ । ଘାଟିର ବର୍ତମାନ ସ୍ଥିତି ସମ୍ପର୍କରେ ମୋବାଇଲରେ ଉତୋଳନ କରାଯାଇଥିବା ଭିଡିଓ ଦେଖାଇ ତହସିଲଦାର ବିଧାୟକଙ୍କୁ ସୂଚନା ଦେଇଥିଲେ । ଘାଟିରେ ଲଗାତାର ରାସ୍ତା ଧସି ଯାଉଥିବାରୁ ସୁରକ୍ଷା ଦୃଷ୍ଟିରୁ ରାସ୍ତା ଧସିଥିବା ସ୍ଥାନକୁ ନ ଯିବା ପାଇଁ ତହସିଲଦାର ବିଧାୟକଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବରୁ ରାସ୍ତାରେ ଦେଖାଦେଇଥିବା ଫାଟ ଥିବା ସ୍ଥାନରେ ପୁଣି ଧସି ଯାଇଥିବା ନେଇ ମଧ୍ୟ ସେ ସୂଚନା ଦେଇଥିଲେ । ଆଲୋଚନା ପରେ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ କଳିଙ୍ଗା ଘାଟିର ସୁରକ୍ଷା ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି କହିଥିଲେ । ଏଥିସହ ଘାଟି ପାଇଁ ପ୍ରସ୍ତାବିତ ବିକଳ୍ପ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଶୀଘ୍ର ଟେଣ୍ଡର ଆହ୍ୱାନ କରିବା ନେଇ ଆଲୋଚନା କରିବେ ବୋଲି କହିଥିଲେ । ଜାତୀୟ ରାଜପଥ ବିଭାଗ ସମ୍ବଲପୁର ଡିଭିଜନର ଏସିଇ ଶାନ୍ତନୁ ସାହୁ ଏବଂ ବ୍ରହ୍ମପୁର ଡିଭିଜନର ସିସିଇ ପ୍ରକାଶ ବେହେରା ଘଟଣାସ୍ଥଳରେ ପହଂଚି ଘାଟିର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘାଟିର ବର୍ତମାନ ସ୍ଥିତିକୁ ନେଇ ପରବର୍ତୀ ସମୟରେ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି । କଳିଙ୍ଗା ଘାଟି କନ୍ଧମାଳ ଜିଲ୍ଲା ବାସୀଙ୍କ ନିମନ୍ତେ ଜୀବନ ଜିବୀକାର ମୁଖ୍ୟ ସ୍ରୋତ ହୋଇଥିବା ବେଳେ ଏବେ ଘାଟିର ସ୍ଥିତି ଶୁଣି ଅଂଚଳ ବାସି ଆର୍ଥିକ ସମସ୍ୟା ଦେଇ ଗତି କରିବା ଆଶଙ୍କା କରାଯାଉଛି । ଏପଟେ ଲୋକଙ୍କ ପାଇଁ ଯାତାୟତରେ ବହୁ ସମସ୍ୟା ସୃଷ୍ଟି ହେଉଛି ।

ଶ୍ରୀ ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯକ୍ରମ

ରାୟଗଡ଼, ୨୫/୦୯ (ଆ.ପ୍ର) : ରାୟଗଡ଼ା ଜିଲ୍ଲା ରାୟଗଡ଼ା ବ୍ଲକ୍‌ର ଆମ୍ଲଭଟା ଛକସ୍ଥିତ ଶ୍ରୀ ଦକ୍ଷିଣମୁଖୀ ସଞ୍ଜୀବନୀ ହନୁମାନ ମନ୍ଦିର ପରିସରରେ ଦୀର୍ଘ ୪୧ ଦିନ ଧରି ଚାଲିଥିବା ବିଭିନ୍ନ ଧାର୍ମିକ ଅନୁଷ୍ଠାନର ଭବ୍ୟ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି । ଶହେ ଆଠ କୋଟି ମହାମୃତ୍ୟୁଞ୍ଜୟ ମନ୍ତ୍ର ଅନୁଷ୍ଠାନ ଅନ୍ତର୍ଗତ ଯୋଗୀ ଶ୍ରୀ ଚୈତନ୍ୟ ରାମଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଅଗଷ୍ଟ ତେର ତାରିଖରୁ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା । ଏହି ଅବସରରେ ସତେଇଶି ହଜାର କୋଟି ଶ୍ରୀ ହନୁମାନ ଚାଳିଶା ପାରାୟଣ, ପାଂଚଶହ ଚୌବନ ଶ୍ରୀ ସୁନ୍ଦରକାଣ୍ଡ ପାରାୟଣ ମହାଯଜ୍ଞ, ମହାମୃତ୍ୟୁଞ୍ଜୟ ଜପ ମହାଯଜ୍ଞ, ଦୈନିକ ରୁଦ୍ର ପାରାୟଣ ଓ ବିଶେଷ ଅଭିଷେକ, ବିଶେଷ ରୁଦ୍ର ମହାଆରତୀ, ଶ୍ରୀରାମଚରିତ ମାନସ ପାରାୟଣ ଏବଂ ବିଶେଷ ଶ୍ରୀ ହନୁମାନ ହବନ ଆଦି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଖଣ୍ଡ ରାମଚରିତ ମାନସ ପାରାୟଣର ମଧ୍ୟ ବିଶେଷ ପୂର୍ଣ୍ଣାହୁତି କରାଯାଇଥିଲା । ପୂର୍ଣ୍ଣାହୁତି ଦିବସରେ ବହୁ ସାଧୁସନ୍ଥ ଓ ଧାର୍ମିକ ବ୍ୟକ୍ତିବିଶେଷ ଯୋଗଦେଇଥିଲେ । ସରସ୍ୱତୀ ସ୍ୱାମୀ ଅଭିମନ୍ୟୁ ଗିରି, ଦର୍ଶନ ବିଦ୍ୟାର୍ଥୀ ବିଦ୍ୟାନନ୍ଦଜୀ ମହାରାଜ, ଆସାମ କାମାକ୍ଷା ପୀଠର ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଜୀ ଏବଂ ସାଧ୍ୱୀ ଅନ୍ନପୂର୍ଣ୍ଣା ଗିରି ପ୍ରମୁଖ ଯୋଗଦେଇ ସନାତନ ଧର୍ମର ସୁରକ୍ଷା ଓ ମାତୃଶକ୍ତିର ଜାଗରଣ ନେଇ ସଚେତନତା ବାର୍ତା ଦେଇଥିଲେ । ପରେ ହବନ ଓ ବୈଦିକ ରୀତିନୀତି ଅନୁଯାୟୀ ମହାଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା । ପୂର୍ଣ୍ଣାହୁତି ଅବସରରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏଥିରେ ମନ୍ଦିର କମିଟିର ସଭାପତି ପି. ରମେଶ ବାବୁ, ଉପସଭାପତି ପଦ୍ମନାଭ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପୂଜକ କାଶୀନାଥ ପତି, ଜି. ବିକ୍ରମ ନାଇଡୁ, ଲୀଳାବତୀ ସଡ଼ଙ୍ଗୀ, ପଦ୍ମନାଭ ଦାଶ, ରାଜେନ୍ଦ୍ର ସାହୁ, ତ୍ରିନାଥ ସାହୁ, ରାମକୃଷ୍ଣ ପାଣିଗ୍ରାହୀ, ଧର୍ମେନ୍ଦ୍ର ପାଣ୍ଡେ, ଅଶୁତୋଷ ତ୍ରିପାଠୀ, ରାଜକୁମାର ସିଂହ, ରାମବାବୁ ଓ କିଷାନ ଭାଇଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଏବଂ ବହୁ ସଂଖ୍ୟାରେ ଅଂଚଳବାସୀ ଓ ଭକ୍ତ ଯୋଗଦେଇଥିଲେ ।

ଭାଲୁ ଆକ୍ରମଣରେ ଯୁବକ ଗୁରୁତର ଆହତ

ଦଶପଲ୍ଲା, ୨୫/୦୯ (ଆ.ପ୍ର) : ଦଶପଲ୍ଲା ବନାଂଚଳ ଅଧୀନସ୍ଥ ଦୁଦ୍ରା ପଂଚାୟତ ଅନ୍ତର୍ଗତ କୁରୁଡ଼ାଙ୍ଗି ରେ ଜଣେ ଯୁବକ ଭାଲୁ କାମୁଡ଼ାରେ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯୁବକ ହେଲେ ନିରଞ୍ଜନ ମାଝିଙ୍କ ପୁଅ ସାମନ୍ତ ମାଝୀ (୨୨)ବୋଲି ଜଣାପଡିଛି । ସୂଚନା ଅନୁସାରେ ଗୁରୁବାର ସକାଳ ସମୟରେ ସାମନ୍ତ ଶୌଚ ହେବାପାଇଁ ଗାଁ ଠାରୁ ଦୂରକୁ ଯାଇଥିବା ବେଳେ ଜଙ୍ଗଲୀ ଭାଲୁ ଆକ୍ରମଣ କରିଥିଲା । ଉଭୟଙ୍କ ମଧ୍ୟରେ କିଛି ସମୟ ସଂଘର୍ଷ ହୋଇଥିବା ବେଳେ ଗୁରୁତର ଆହତ କରି ଭାଲୁଟି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା । ପରେ ବହୁ କଷ୍ଟରେ ଗୁରୁତର ଅବସ୍ଥାରେ ସାମନ୍ତ ଘରକୁ ଫେରିଥିବା ବେଳେ ଘରଲୋକ ଓ ଗ୍ରାମବାସୀ ଏହାଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସାମନ୍ତଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ଶରୀରର ସମସ୍ତ ଅଙ୍ଗରେ ଭା ଆଘାତ ସୃଷ୍ଟି ହୋଇଛି । ସଙ୍ଗେ ସଙ୍ଗେ ସାମନ୍ତଙ୍କୁ ଏକ ଅଟୋରେ ଆଣି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା ପରେ ନୟାଗଡ଼ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ସଙ୍କଟ ଜନକ ହେବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ସାମନ୍ତ ଜଣେ ଗରିବ ଅନୁସୂଚିତ ଜାତିର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ପରିବାର ଦାବି କରିଥିବା ବେଳେ ସରକାରଙ୍କ ନିୟମ ଅନୁସାରେ ସାମନ୍ତଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ଦଶପଲ୍ଲା ବନାଂଚଳ ଅଧିକାରୀ ଶ୍ରୀନିବାସ ଦାଶ ସୂଚନା ଦେଇଛନ୍ତି ।

ଭଦ୍ରକରେ ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ

ଭଦ୍ରକ, ୨୫/୦୯ (ଆ.ପ୍ର) : ଓଡ଼ିଶା ସମବାୟ ନୀତି-୨୦୨୬ ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ସମ୍ବନ୍ଧ' ସମବାୟ ସଦସ୍ୟତା ମହାଅଭିଯାନର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ସହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହାର ରାଜ୍ୟସ୍ତରୀୟ ଶୁଭାରମ୍ଭ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ, ଡଟଲେଣ୍ଡଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ହୋଇଯାଇଛି । ଗ୍ରାମୀଣ ଅଂଚଳର ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ସଦସ୍ୟଙ୍କୁ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ ଆକାରର ଆଦିବାସୀ ବହୁମୁଖୀ ସମବାୟ ସମିତି ସହ ସଂଯୋଜିତ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ । ଏଥିସହ ମହିଳା ଓ ଯୁବବର୍ଗଙ୍କ ସମବାୟ ବ୍ୟବସ୍ଥାରେ ଅଧିକ ଅଂଶଗ୍ରହଣ, ନୂତନ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତିକ ସଦସ୍ୟତା ବ୍ୟବସ୍ଥା ଗଠନ ଉପରେ ଅଭିଯାନରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ଜ୍ୟୋତି ପ୍ରକାଶ ମହାନ୍ତ୍ର, ଡେପୁଟି ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି ଦୁଖିଆ ଟୁଡୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶଶିଭୂଷଣ ମହାପାତ୍ର ଓ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯାନ ଅନ୍ତର୍ଗତ ସମବାୟ ସଦସ୍ୟତାରୁ ବଂଚିତ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ସଦସ୍ୟତା ପ୍ରଦାନ କରାଯିବ । ଏଥିପାଇଁ ଗ୍ରାମସ୍ତରରେ ଘରକୁ ଘର ପ୍ରଚାର ସହ ସଦସ୍ୟତା ନାମଲେଖା କରାଯିବ । ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଡିଜିଟାଲ୍ ଭାବେ ଆବେଦନ ଗ୍ରହଣ କରାଯାଇ ସମ୍ପୃକ୍ତ ଚଇଲଇ/ ଖଇଗଚଡଇକୁ ଯାଂଚ ଓ ଅନୁମୋଦନ ପାଇଁ ପଠାଯିବ । ଦୁଇ ମାସ ଧରି ଚାଲିବାକୁ ଥିବା ଏହି ମହାଅଭିଯାନ ମାଧ୍ୟମରେ ଭଦ୍ରକ ଜିଲ୍ଲାର ଅଧିକ ସଂଖ୍ୟକ ଗ୍ରାମୀଣ ପରିବାରକୁ ସମବାୟ ବ୍ୟବସ୍ଥାର ପରିସରଭୁକ୍ତ କରିବା ସହ ଜିଲ୍ଲାରେ ଏକ ବ୍ୟାପକ ଡିଜିଟାଲ୍ ସଦସ୍ୟତା ତଥ୍ୟଭଣ୍ଡାର ଗଠନ ଲକ୍ଷ୍ୟ ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପରିଚାଳନା କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ଲଗାଣ ବର୍ଷାରେ ଭାଙ୍ଗିଲା ମଧୁଝରି ଘାଇ ହିଡ଼, ବିପଦରେ ତଳିଆ ଅଂଚଳ

ଜି.ଉଦୟଗିରି, ୨୫/୦୯ (ଆ.ପ୍ର) : ବାତ୍ୟା ଅର୍ଣ୍ଣବର ପ୍ରଭାବରେ ପ୍ରବଳ ମାତ୍ରାରେ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ରଡିଙ୍ଗିଆ ଗ୍ରାମ ପଂଚାୟତର ଧାଙ୍ଗାଡା ମାହା ଗ୍ରାମ ନିକଟସ୍ଥ ମଧୁଝରି ଘାଇର ହିଡ଼ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଲଗାତାର ବର୍ଷା ଯୋଗୁଁ ପାହାଡ଼ ପାଣି ଘାଇରେ ପଶି ପ୍ରଚୁର ପାଣି ଜମିବାରୁ ଏହାର ହିଡ ଭାଙ୍ଗିଯାଇଛି । ଫଳରେ ସଡଫ୍ଲସ ଦେଇ ପାଣି ନିଷ୍କାସନ ବ୍ୟବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ଏବଂ ସଡଫ୍ଲସର କଂକ୍ରିଟ କାନ୍ଥ ଭାଙ୍ଗି ଯାଇଛି । ସୂଚନା ଅନୁଯାୟୀ, ଘାଇର ପାଣି ଧୀରେ ଧୀରେ ହୁଡ଼ାର ମାଟି ଧୋଇ ନେଉଛି ଯାହା ଦ୍ୱାରା ଘାଇ ହୁଡ଼ା ସମ୍ପୂର୍ଣ୍ଣ ଭାଙ୍ଗିଯିବା ଅବସ୍ଥାରେ ରହିଛି । ଯଦି ଏହି ଅବସ୍ଥା ଆହୁରି ଖରାପ ହୁଏ, ତେବେ ଧାଙ୍ଗାଡାମାହା - କିରାମାହା ଦେଇ ଜି.ଉଦୟଗିରିକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଭୁଷୁଡ଼ିପଡ଼ିବା ସହିତ ପାଣି ପଶି ବୃହ ନଷ୍ଟ ହେବାର ସମ୍ଭାବନା ରହିଛି । ଏଥିସହିତ ଘାଇର ତଳ ଅଂଚଳରେ ଥିବା ଅନେକ ଚାଷ ଜମିର ଫସଲ ନଷ୍ଟ ହେବା ସହିତ ଅନେକ ରାସ୍ତା ଓ ଗ୍ରାମ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି । ଗତ ବର୍ଷ ମଧ୍ୟ ଏହି ଘାଇର ହିଡ ଧୋଇ ଯାଇଥିଲା, ଯାହା ଫଳରେ ରାସ୍ତାର ବ୍ୟାପକ କ୍ଷତି ହୋଇଥିଲା । ଚଳିତ ବାତ୍ୟାରେ ପୁନର୍ବାର ହିଡ ଭାଙ୍ଗିଯିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଉଛି । ଏହି ପଂଚାୟତ ଅନ୍ତର୍ଗତ କଳାନାସୁ ଡ୍ୟାମରେ ମଧ୍ୟ ଜଳସ୍ତର ଅଧିକ ରହିଛି ଏବଂ ସିର୍କି ଘାଇରେ ମଧ୍ୟ ଜଳସ୍ତର ବିପଦ ସଙ୍କେତରେ ରହିଛି । ଅଂଚଳର ଅନ୍ୟାନ୍ୟ ଘାଇ ଗୁଡ଼ିକରେ ମଧ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅତ୍ୟଧିକ ପାଣି ପଶିବା ସହିତ ପାଣି ସ୍ତର ବିପଦ ସଙ୍କେତରେ ରହିଥିବା ଦେଖିବାକୁ ମିଳିଛି । ପାଣିପାଗ ସୂଚନା ଅନୁସାରେ ଜି. ଉଦୟଗିରିରେ ଶୁକ୍ରବାର ୧୫୭ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଗୁରୁବାର ଦିନ ୧୧୪ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ସେପଟେ ବର୍ଷା କିଛି ସମୟ ପାଇଁ ହ୍ରାସ ପାଇଥିଲେ ମଧ୍ୟ ମାତ୍ରାଧିକ ବର୍ଷା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଓ ଚିନ୍ତା ଦେଖାଦେଇଛି । ସ୍ଥାନୀୟ ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଥିବା ବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ପ୍ରଶାସନ ପ୍ରସ୍ତୁତ ରହିଥିବା କହିଛନ୍ତି ସ୍ଥାନୀୟ ତହସିଲଦାର ସମୃଦ୍ଧ ମିଶ୍ର ।

"ଏକ ପେଡ୍ ମା' କେ ନାମ" ଅଭିଯାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଟିକାବାଲି, ୨୫/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ କଇଁଝର ଗ୍ରାମପଂଚାୟତରେ "ଏକ ପେଡ୍ ମା' କେ ନାମ" ଅଭିଯାନ ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ସରପଂଚ ସୁନିତା କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୃକ୍ଷରୋପଣ କରାଯିବା ସହିତ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ପାଇଁ ସମସ୍ତେ ସଚେତନ ହେବାର ବାର୍ତ୍ତା ଦିଆଯାଇଥିଲା । "ବୃକ୍ଷ ହିଁ ଜୀବନ"-ବୃକ୍ଷ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ମଣିଷ ସମାଜକୁ ଶୁଦ୍ଧ ବାୟୁ, ଛାୟା, ଫଳ ଓ ପ୍ରାକୃତିକ ସନ୍ତୁଳନ ପ୍ରଦାନ କରିବାରେ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଇଁଝର ପଂଚାୟତକୁ ସବୁଜ ଓ ସୁନ୍ଦର କରିବା ସହ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଉପସ୍ଥିତ ସମସ୍ତେ ସଂକଳ୍ପ ନେଇଥିଲେ । ରୋପଣ କରାଯାଇଥିବା ଚାରାଗଛଗୁଡ଼ିକର ଯତ୍ନ ନେଇ ସେଗୁଡ଼ିକୁ ବଡ଼ କରିବା ପାଇଁ ମଧ୍ୟ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କଇଁଝର ଗ୍ରାମପଂଚାୟତର ପୂର୍ବତନ ସରପଂଚ ପ୍ରକାଶ କହଁର, ଅଂଚଳର ମେଟ୍ ଭାଇମାନେ ଓ ବହୁ ଜନସାଧାରଣ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆସନ୍ତୁ, ଗଛ ଲଗାଇବା- ପରିବେଶ ବଂଚାଇବା । ଆଜିର ଏକ ଚାରା, ଆସନ୍ତାକାଲିର ଅନେକ ଜୀବନର ଆଶା ।

ଉଦ୍‌ଯାପିତ ହେଲା ପଂଚ ଦିବାସୀୟ ଇଂରାଜୀ ଭାଷା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଶିବିର

ନବରଙ୍ଗପୁର, ୨୫/୦୯ (ଆ.ପ୍ର) : ଆଜି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର ତତ୍ୱାବଧାନରେ ନବରଙ୍ଗପୁର ପୌରପାଳିକା ସ୍ଥିତ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ଠାରେ, ପ୍ରାଥମିକ ଶିକ୍ଷକଙ୍କ ପାଇଁ ଇଂରାଜୀ ଭାଷା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ରାଜ୍ୟ ଭାଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଓଡ଼ିଶା ଏବଂ ଆଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ, ବାଙ୍ଗାଲୋର ଦ୍ୱାରା ଏହି ତାଲିମ ଶିବିରର ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବରରେ ବିଭିନ୍ନ ବ୍ଲକର ସର୍ବମୋଟ ୬୦ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଭାଗ ନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ, ଯେଉଁ ମାନେକି ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରିବେ । ଏହା ପରେ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଦୀର୍ଘ ୮ ସପ୍ତାହ ଅନଲାଇନ ଓ୍ୱେବିନାର ମାଧ୍ୟମରେ ପ୍ରଶିକ୍ଷଣ ଗ୍ରହଣ କରିବେ । ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଉପସ୍ଥିତ ରହି ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଉଚିତ ମାର୍ଗ ଦର୍ଶନ ଦେବା ସହ ପ୍ରଶିକ୍ଷଣ ଶିବିରର ମୂଳ ବିଷୟ ବସ୍ତୁକୁ ଶ୍ରେଣୀ ଗୃହରେ କାର୍ଯ୍ୟକରି କରିବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ବ୍ଲକ ସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ସାଖାନୀୟ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ଉପସ୍ଥିତ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଏହି ସମୟରେ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତରଞ୍ଜନ ପଟ୍ଟନାୟକ, ପେଡାଗୋଜି କବିତା ପଣ୍ଡା ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏହି ପ୍ରଶିକ୍ଷଣ ଶିବିର ତା ୨୧.୦୯.୨୦୨୬ରୁ ୨୫.୦୯.୨୦୨୬ ପର୍ଯ୍ୟନ୍ତ ଚାଲୁ ରହିଥିଲା । ଏହି ପ୍ରଶିକ୍ଷଣ ଶିବିରରେ ଅନିଲ କୁମାର ଜେନା, ଦେବେବ୍ରତ ସାମନ୍ତରାୟ କି ରିସୋରସ ପର୍ଶନ ଏବଂ ମେଂଟର ଭାବରେ ନିବେଦିତା ସାହୁ, ରାଜେନ୍ଦ୍ର କୁମାର ଦତ, ପଂଚାନନ ବେହେରା ଏବଂ ବିଚିତ୍ରା ନନ୍ଦ ସିଂ ଦାଇତ୍ୱ ନିର୍ବାହ କରିଥିଲେ ।

ମା' ଦୁର୍ଗା ଅଟୋଟେକ ପକ୍ଷରୁ ଏମ୍‌ସିଏମ୍ ମିନି କଷ୍ଟମର ମିଟ୍ ଅନୁଷ୍ଠିତ ହୋଇଛି

ବାସୁଦେବପୁର, ୨୫/୦୯ (ଆ.ପ୍ର) : ଗାଡ଼ି ବ୍ୟବସାୟରେ ନୂଆ ପ୍ରଯୁକ୍ତି । ନୂଆ ମଡେଲ୍ ଆଉ ଗ୍ରାହକଙ୍କ ବ୍ୟବସାୟକୁ ଅଧିକ ଲାଭଦାୟକ କରିବାର ଲକ୍ଷ୍ୟ । ଏହାକୁ ନେଇ ବାସୁଦେବପୁରନୀଳମଣି ଟାଉନ୍ ହଲ୍‌ରେ ଆୟୋଜିତ ହୋଇଛି ଗରଗ ମିନି କଷ୍ଟୋମ୍ବର ମିଟ୍ । ମା' ଦୁର୍ଗା ଅଟୋଟେକ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଗଷ୍ଟ ୧୫ ତାରିଖରେ ନୂଆ ବ୍ଲାଜୋ ଏବଂ ଆଇ-ଟ୍ରକ୍ ଲଂଚ କରାଯାଇଥିଲା । ଗ୍ରାହକଙ୍କୁ ଏହି ନୂଆ ଟ୍ରକ୍‌ର ବିଶେଷତା ଓ ଉପଯୋଗିତା ସମ୍ପର୍କରେ ଦିଆଯାଇଥିଲା ଲାଇଭ୍ ଡେମୋ ।ବାସୁଦେବପୁର ନୀଳମଣି ଟାଉନ୍ ହଲ୍‌ରେ ଜମିଲା ଗାଡ଼ି ମାଲିକଙ୍କ ମିଳନୀ ଗ୍ରାହକଙ୍କ ସହ ସିଧାସଳଖ ଆଲୋଚନା ନୂଆ ଟେକ୍ନୋଲୋଜିର ପରିଚୟ ଆଉ ଅତ୍ୟାଧୁନିକ ଟ୍ରକ୍‌ର ବିଶେଷତାର ଲାଇଭ୍ ଡେମୋ । ମା' ଦୁର୍ଗା ଅଟୋଟେକ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ଶୁଭେନ୍ଦୁ ଭୂଷଣ ବେହେରାଙ୍କ ତତ୍ୱାବଧାନରେ ଆୟୋଜିତ ହୋଇଥିଲା ଏହି ଗରଗ ମିନି କଷ୍ଟମର ମିଟ୍ କାର୍ଯ୍ୟକ୍ରମ ।ଏହି ଅବସରରେ ନୂଆ ବ୍ଲାଜୋ ଏବଂ ଆଇ-ଟ୍ରକ୍ ଲଂଚ କରାଯାଇଥିଲା । ଟ୍ରକ୍‌ର ବିଭିନ୍ନ ବୈଶିଷ୍ଟ୍ୟ, ଆଧୁନିକ ପ୍ରଯୁକ୍ତି, ଉପଯୋଗିତା ଏବଂ ଗ୍ରାହକଙ୍କ ପାଇଁ ଏହାର ବ୍ୟବହାରିକ ସୁବିଧା ସମ୍ପର୍କରେ ଦିଆଯାଇଥିଲା ବିସ୍ତୃତ ସୂଚନା । ଟ୍ରକ୍ ବ୍ୟବସାୟରେ ମାଇଲେଜ୍, ପରିଚାଳନା ଖର୍ଚ୍ଚ, ରକ୍ଷଣାବେକ୍ଷଣ ଏବଂ ଗାଡ଼ିର କାର୍ଯ୍ୟକ୍ଷମତା ଗାଡ଼ି ମାଲିକଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ।ଏହି ସବୁ ଦିଗକୁ ନଜରରେ ରଖି ନୂଆ ଟ୍ରକ୍‌ର ବିଶେଷତା ବିଷୟରେ ଗ୍ରାହକଙ୍କୁ ବୁଝାଇଥିଲେ କମ୍ପାନୀର ସେଲ୍ସ ଓ ଟେକ୍ନିକାଲ୍ ଟିମ୍ । ନୂଆ ଗାଡ଼ି କିଣିବା ପରେ ଏହାକୁ କିପରି ଉପଯୋଗ କରି ବ୍ୟବସାୟରେ ଅଧିକ ଲାଭ ହାସଲ କରାଯାଇପାରିବ । ଗାଡ଼ିରରକ୍ଷଣାବେକ୍ଷଣ କିପରି କରାଯିବ ଏବଂ ଆଧୁନିକ ପ୍ରଯୁକ୍ତିର ସୁବିଧା କିପରି ମିଳିବ- ସେନେଇ ଗ୍ରାହକଙ୍କ ସହ ହୋଇଥିଲା ବିସ୍ତୃତ ଆଲୋଚନା । କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ରିଜିଓନାଲ୍ ସେଲ୍ସ ମ୍ୟାନେଜର ଗୌରବ ପ୍ରକାଶ, ସେଲ୍ସ ମ୍ୟାନେଜର ପ୍ରବୀଣ ମହାପାତ୍ର, ଏରିଆ କଷ୍ଟମର କେୟାର ମ୍ୟାନେଜର ଗୋପାଳ ସାହୁ, କଷ୍ଟମର କେୟାର ମ୍ୟାନେଜର ଆଲୋକ ମହାକୁଡ଼, ଫିଲ୍ଡ ଟେକ୍ନିକାଲ୍ ଏକ୍ସପର୍ଟ ବିଶ୍ୱନାଥ ପଲେଇ ଏବଂ ଡ଼ିଏସ୍‌ଏମ୍ ପ୍ରବୀଣ୍ଣୁ ଖୁଂଟିଆ । ଏରିଆ ମେନେଜର ସତ୍ୟକାନ୍ତ ନାୟକ ଓ ପ୍ରବୀଣ୍ଣୁ ଖୁଂଟିଆଙ୍କ ସମେତ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ଗାଡ଼ି ମାଲିକ ଏବଂ ଗ୍ରାହକ ଉପସ୍ଥିତ ରହି ନୂଆ ଟ୍ରକ୍‌ର ବିଭିନ୍ନ ସୁବିଧା ସମ୍ପର୍କରେ ଜାଣିଥିଲେ । ନୂଆ ମଡେଲ୍ ନୂଆ ଟେକ୍ନୋଲୋଜି ଆଉ ଗ୍ରାହକଙ୍କ ସହ ମଜବୁତ ସମ୍ପର୍କ । ଗ୍ରାହକଙ୍କଆବଶ୍ୟକତା ବୁଝିବା ସହ ନୂଆ ପ୍ରଯୁକ୍ତି ଏବଂ ନୂଆ ଟ୍ରକ୍‌ର ସୁବିଧା ସମ୍ପର୍କରେ ସଚେତନ କରିବାର ଲକ୍ଷ୍ୟ ନେଇ ମା ଦୁର୍ଗା ଅଟୋଟେକ୍‌ର ଏହି ଏମ୍‌ସିଏମ୍ କଷ୍ଟମର ମିଟ୍ ଗ୍ରାହକଙ୍କଭରସା.ଅତ୍ୟାଧୁନିକ ପ୍ରଯୁକ୍ତି ଆଉ ବ୍ୟବସାୟରେ ଆଗକୁ ବଢ଼ିବାର ନୂଆ ସମ୍ଭାବନାଏହି ବାର୍ତ୍ତା ନେଇ ଶେଷ ହୋଇଛି କାର୍ଯ୍ୟକ୍ରମ ।

ଅରୁଣ ପ୍ରସାଦ ଦାଶ ନିମାପଡ଼ା ନିର୍ବାଚନ ମଣ୍ଡଳୀର ଉପସଭାପତି ଭାବେ ମନୋନୀତ

ନିମାପଡ଼ା, ୨୫/୦୯ (ଆ.ପ୍ର) : ଶଙ୍ଖ ଭବନ ବିଜୁ ଜନତା ଦଳ ଚିଠି ନମ୍ବର ୭୫/ପିଆରଏସ / ଓ ଆରଜି ବିଜେଡି / ୨୦୨୬. ତାରିଖ ୨୪. ୯. ୨୦୨୬ ରେ ନିମାପଡା ନିର୍ବାଚନ ମଣ୍ଡଳୀର ଉପ ସଭାପତି ଭାବେ ଅରୁଣ ପ୍ରସାଦ ଦାଶ, ମହିଳା ଉପ ସଭାପତି ଭାବେ କୁଞ୍ଜଲତା ସାମଲ, ସାଧାରଣ ସମ୍ପାଦକ ଭାବେ ବିଜୟ ପଟ୍ଟନାୟକ, ନିରଞ୍ଜନ ମହାପାତ୍ର, ନିରଞ୍ଜନ ସାଗଡ଼ିଆଙ୍କୁ ନିଯୁକ୍ତି ମିଳିଥିବାରୁ ନିମାପଡା ବିଜେଡି ଦଳ କର୍ମୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି । ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ସହିତ ନିମାପଡା ଓ ଗୋପ ବ୍ଲକରେ ଅଧକ୍ଷ ଓ ଅଧିକ ସରପଂଚ ଓ ସମିତି ସଭ୍ୟ ଜିତାଇବା ସହିତ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ଏବଂ ଆଗାମୀ ୨୦୨୯ ମସିହା ସାଧାରଣ ନିର୍ବାଚନରେ ବିଜେଡି କିପରି ଜିତାପଟ କରିବ ସେଥିଲାଗି ଉଦ୍ୟମ ଜାରୀ ରହିବ ବୋଲି ସୂଚନା ଦେଇଛନ୍ତି । ଆମକୁ ଉକ୍ତ ପଡ ମିଳିଥିବାରୁ ମାନ୍ୟବର ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତିଙ୍କୁ କୃତଜ୍ଞ ତା ଜଣାଇଛନ୍ତି ।

ସନ୍ଧିକୁଲିହାରିରେ ବନ୍ୟା ଘେରାରୁ ଦୁଇପରିବାର ଉଦ୍ଧାର

ଧର୍ମଗଡ଼, ୨୫/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସନ୍ଧିକୁଲିଆରୀ ଗ୍ରାମର ଦୁଇ ପରିବାରର ଘର ପ୍ରବଳ ବନ୍ୟାରେ ଅଧା ବୁଡ଼ି ଯାଇଥିବାରୁ ସନ୍ଧିକୁଳିଆରୀ ଗ୍ରାମର ସରପଂଚ ଜଗତରାମ ବାଗ ଓ ପିଓଙ୍କ ଜରିଆରେ ପରିବାରର ଆଠଜଣ ସଦସ୍ୟଙ୍କୁ ଉଦ୍ଧାର କରି ପିଏମ୍ ଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ସନ୍ଧିକୁଲିଆରୀରେ ରହିବା ପାଇଁ ବ୍ୟବସ୍ଥା କରିଥିଲେ । ପ୍ରଧାନ ଶିକ୍ଷକ ରିଖୀରାମ ବେହେରା ଓ ସହ ଶିକ୍ଷକ ଓ କର୍ମଚାରୀ ମାନଙ୍କ ସହଯୋଗ ରେ ଏକ କୋଠରୀ ରେ ରହିବା ବ୍ୟବସ୍ଥା କରିଥିଲେ । ସେମାନଙ୍କୁ ତୁରନ୍ତ କିଛି ଶୁଖିଲା ଖାଦ୍ୟ, ଜାଳେଣି କାଠ ଓ କିଛି ରୋଷେଇ ସାମଗ୍ରୀ ଯୋଗାଇ ଦେଇଥିଲେ । ସଂଧିକୁଳିହାରି ଗ୍ରାମ ପଂଚାୟତ ସରପଂଚ ମଧ୍ୟ କିଛି ରୋଷେଇ ସାମଗ୍ରୀ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଉକ୍ତ ପରିବାରକୁ ଯୋଗାଇ ଦେଇଥିଲେ । ଏଭଳି ମାନବିକତା କାର୍ଯ୍ୟ ପାଇଁ ଅଂଚଳବାସୀ ଧନ୍ୟବାଦ ଜଣାଇଛନ୍ତି ।

ଘରଉପରେ ପଡ଼ିଲାଗଛ, ଅଳ୍ପକେ ବର୍ତ୍ତିଲେ ପରିବାର

ଧର୍ମଗଡ଼, ୨୫/୦୯ (ଆ.ପ୍ର) : ଲାଗି ରହିଥିବା ଝଡ଼ ବର୍ଷା ଓ ପବନ ମଧ୍ୟରେ ଏକ ଅଘଟଣରୁ ଅଳ୍ପକେ ବର୍ତ୍ତିଛନ୍ତି ଏକ ପରିବାର । ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ପର୍ଲା ପଂଚାୟତ ଲାଞ୍ଜିପୁର ପଟେଲପଡା ଗ୍ରାମର ଦୁର୍ଯୋଧନ ଗୋପାଳଙ୍କ ଘର ନିକଟରେ ଥିବା ଏକ ବଡ଼ ଗଛ ଉପୁଡ଼ି ଘର ଉପରେ ପଡ଼ିଯାଇଛି । ଫଳରେ ଘରର ଛାତ ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଛି । ଗଛର ବିଶାଳ ଡାଳ ଘରକୁ ସମ୍ପୂର୍ଣ୍ଣ ଢାଙ୍କି ଦେଇଥିବାରୁ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି । ଘରେ ଥିବା ସମସ୍ତ ସଦସ୍ୟ ସୁସ୍ଥ ଅଛନ୍ତି । ହଠାତ ଘରର ବାଡ଼ି ପଟେ ବଡ଼ ଶବ୍ଦ ଶୁଣିଥିଲେ ପରିବାରର ସଦସ୍ୟ । ସମସ୍ତେ ଘର ଭିତରେ ଥିବାବେଳେ ହଠାତ୍ ଗଛଟି ଘର ଉପରେ ପଡ଼ିଥିଲା । ତେବେ ସୌଭାଗ୍ୟବଶତଃ କାହାରି ଜୀବନହାନି ହୋଇନାହିଁ । ଘରର ଟିଣ, କାନ୍ଥ ଓ ଘରେ ଥିବା ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ମହିଳା ଜୀବିକା ସୁରକ୍ଷା ମଂଚ ପକ୍ଷରୁ ଶିକ୍ଷା ଚୌପାଲ କାର୍ଯ୍ୟକ୍ରମ

ଜି.ଉଦୟଗିରି, ୨୫/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ଲୋକ ସଂଗଠନ ମହିଳା ଜୀବିକା ସୁରକ୍ଷା ମଂଚ ଓ ଜୀବିକା ସୁରକ୍ଷା ମଂଚ କନ୍ଧମାଳ ପରିବାର ପକ୍ଷରୁ ଗ୍ରାମୀଣ ସ୍ତରରେ ଶିକ୍ଷାର ପ୍ରସାର ପ୍ରଚାର ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ନିମନ୍ତେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି । ସୂଚନା ଅନୁସାରେ କାର୍ଯ୍ୟକ୍ରମକୁ ଶିକ୍ଷା ଚୌପାଲ ଭଳି ଏକ ନାମ କରଣ କରି ଗାଁ ଗାଁରେ ଶିକ୍ଷାକୁ ନେଇ ଏକ ସଚେତନତା ବାର୍ତ୍ତା ପହଂଚଇବା ପାଇଁ ଏକ ମାଧ୍ୟମ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଂଚଳରେ କୌଣସି ପିଲା ସ୍କୁଲକୁ ନ ଯାଇ ଘରେ ରହିବେ ନାହିଁ । ଝିଅ ମାନଙ୍କ ପାଇଁ ପାଠ ପଢ଼ିବା ସୁନିଶ୍ଚିତ କରିବା, ଏବଂ ଭିନ୍ନକ୍ଷମ ଓ ଅସହାୟ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବା । ବିଦ୍ୟାଳୟରେ ପିଲାଙ୍କ ଶିକ୍ଷା ଗ୍ରହଣ ପାଇଁ ଆବଶ୍ୟକ ସୁବିଧା ଗୁଡ଼ିକକୁ ସୁ-ବ୍ୟବସ୍ଥା କରିବା ସହ ବାଲ୍ୟ ବିବାହକୁ ନା କରିବା ଭଳି ଏକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି ମହିଳା ଜିବୀକା ସୁରକ୍ଷା ମଂଚ ସଂଗଠନ । ଏଭଳି କାର୍ଯ୍ୟକ୍ରମ ଓଡିଶାର ୧୦ ଟି ଜିଲ୍ଲାରେ ପ୍ରାୟ ୪୬୦ ଟି ଗ୍ରାମରେ ୨୨ଜଣ ଉର୍ମୀ ଲିଡର ମାନେ ଆଗକୁ ନେବା ପାଇଁ ନେତୃତ୍ୱ ନେଇଥିବା ବେଳେ ଜିଲ୍ଲାର ବିଭିନ୍ନ ସଂଗଠନ ମାନେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରୁଛନ୍ତି । କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ବ୍ଲକର ବିଭିନ୍ନ ପଂଚାୟତର ୨୦ ଟି ଗାଁରେ ଏହି କାର୍ଯ୍ୟକ୍ରମ ଚାଲିଥିବା ନେଇ ସଂଗଠନର କର୍ମୀ ସସ୍ମିତା ମଲ୍ଲିକ, ବ୍ଲକ ସଂଗଠନ ସଭାନେତ୍ରୀ ମଣି ପ୍ରଧାନ ସୂଚନା ଦେଇଛନ୍ତି ।

ଜିଆଇଇଟି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ଗୁଣପୁର, ୨୫/୦୯ (ଆ.ପ୍ର) : ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଫାର୍ମାସି ପକ୍ଷରୁ ଶୁକ୍ରବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ଭବିଷ୍ୟତ ଗଠନରେ ଫାର୍ମାସିଷ୍ଟମାନଙ୍କୁ ସଶକ୍ତୀକରଣ' ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଔଷଧର ସଠିକ୍ ବ୍ୟବହାର, ରୋଗୀ ସୁରକ୍ଷା ଓ ସ୍ୱାସ୍ଥ୍ୟସେବାରେ ଫାର୍ମାସିଷ୍ଟଙ୍କ ଭୂମିକା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ସର୍ଜନ ଡା. ଲକ୍ଷ୍ମୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫାର୍ମାସିଷ୍ଟମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଂଟିମାଇକ୍ରୋବିଆଲ୍ ପ୍ରତିରୋଧର ବଢ଼ୁଥିବା ବିପଦ ଉପରେ ଆଲୋକପାତ କରି ସେ ଔଷଧର ଯୁକ୍ତିଯୁକ୍ତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ସଂକ୍ରମଣ ନିୟନ୍ତ୍ରଣ ଏବଂ ରୋଗୀଙ୍କ ସୁରକ୍ଷା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଗୁରୁତ୍ୱ ବିଷୟରେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଫାର୍ମାସିଷ୍ଟ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ । ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ୍ ଚାନ୍ସେଲର୍ (କମ୍ପ୍ୟୁଟେସନାଲ୍ ସାଇନ୍ସେସ୍) ଡ. ବାଳକୃଷ୍ଣ ତ୍ରିପାଠୀ, ପ୍ରୋ-ଭାଇସ୍ ଚାନ୍ସେଲର୍ (ମ୍ୟାଟେରିଆଲ୍ ସାଇନ୍ସେସ୍) ଡ. ଏଭିଏନ୍‌ଏଲ୍ ଶର୍ମା ଏବଂ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଧକ୍ଷ ଡ. କେ ମୁରଲୀ ଗୋପାଳ ମଂଚାସୀନ ଥିଲେ । ସ୍କୁଲ୍ ଅଫ୍ ଫାର୍ମାସିର ଅଧକ୍ଷ ଡ. କାହ୍ନୁ ଚରଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଚନ୍ଦନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କୁଇଜ୍, ବକ୍ତୃତା, ପୋଷ୍ଟର ପ୍ରଦର୍ଶନୀ ଓ ରିଲ୍ ନିର୍ମାଣ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଏଥିସହ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ଫାର୍ମାସିଷ୍ଟଙ୍କୁ ଉପଢୌକନ ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସ୍କୁଲ୍ ଅଫ୍ ଫାର୍ମାସିର ଅଧ୍ୟାପକ ପ୍ରବୀଣ କୁମାର ମିଶାଲ, ସମୀକ୍ଷା ପଣ୍ଡା ଓ ପ୍ରତ୍ୟାଶା ମୁନି ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପରେ ବିଶ୍ୱବିଦ୍ୟାଳୟ ନିକଟସ୍ଥ ନରସିଂହମୁଣ୍ଡା ଗ୍ରାମରେ ଆଂଟିମାଇକ୍ରୋବିଆଲ୍ ପ୍ରତିରୋଧ (ଏଏମ୍‌ଆର୍) ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।

କଳାହାଣ୍ଡିରେ 'ମାଇ ଭାରତ' ଜିଲ୍ଲା ପରାମର୍ଶଦାତା କମିଟି ବୈଠକ, ଯୁବବର୍ଗଙ୍କୁ ନେଇ ପ୍ରସ୍ତୁତ ହେବ କାର୍ଯ୍ୟଯୋଜନା

ଭବାନୀପାଟଣା, ୨୫/୦୯ (ଆ.ପ୍ର) : କଳାହାଣ୍ଡି ଜିଲ୍ଲାରେ 'ମାଇ ଭାରତ'ର ବିଭିନ୍ନ ଯୁବ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରିବା, ଯୁବକମାନଙ୍କ ଅଂଶଗ୍ରହଣ ବଢ଼ାଇବା ଏବଂ ଆଗାମୀ କାର୍ଯ୍ୟକ୍ରମର ସୁଚାରୁ ରୂପାୟଣ ନେଇ ମାଇ ଭାରତ କଳାହାଣ୍ଡି ଜିଲ୍ଲା ପରାମର୍ଶଦାତା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା କମିଟିର ଅଧକ୍ଷ ତନ୍ମୟ କୁମାର ବରଣ୍ଡାଳ ଅଧକ୍ଷତା କରିଥିଲେ । ମାଇ ଭାରତ କଳାହାଣ୍ଡିର ଜିଲ୍ଲା ଯୁବ ଅଧିକାରୀ ବଂଶ ଶର୍ମା ଏଜେଣ୍ଡା ଅନୁଯାୟୀ ବୈଠକର ବିଭିନ୍ନ ବିଷୟ ଉପସ୍ଥାପନ କରିଥିଲେ । ବୈଠକ ଆରମ୍ଭରେ ପୂର୍ବତନ ଜିଲ୍ଲା ପରାମର୍ଶଦାତା କମିଟି ବୈଠକର କାର୍ଯ୍ୟବିବରଣୀର ଅନୁମୋଦନ କରାଯିବା ସହ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତି ଓ ତାହାର କାର୍ଯ୍ୟାନ୍ୱୟନର ସମୀକ୍ଷା କରାଯାଇଥିଲା । ଏହାପରେ ଜିଲ୍ଲାରେ ମାଇ ଭାରତ ଯୁବ ପଞ୍ଜୀକରଣର ସ୍ଥିତି ଏବଂ ଅଧିକ ଯୁବକ-ଯୁବତୀଙ୍କୁ ମାଇ ଭାରତ ସହିତ ଯୋଡ଼ିବା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା । ମହାବିଦ୍ୟାଳୟ, ବିଦ୍ୟାଳୟ, ଯୁବ କ୍ଲବ, ଜାତୀୟ ସେବା ଯୋଜନା, ନେହେରୁ ଯୁବ କେନ୍ଦ୍ର ସଂଗଠନ ଏବଂ ଅନ୍ୟାନ୍ୟ ଯୁବ ସମ୍ବନ୍ଧୀୟ ଅନୁଷ୍ଠାନ ମାଧ୍ୟମରେ ମାଇ ଭାରତର କାର୍ଯ୍ୟକ୍ରମଗୁଡ଼ିକର ପ୍ରଚାର-ପ୍ରସାର କରିବା ଏବଂ ଯୁବକମାନଙ୍କୁ ଅଧିକ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ, ବିକଶିତ ଭାରତ ଯୁବ ସଂଯୋଗ, ଯୁବ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ, ସଚେତନତା ଅଭିଯାନ ଓ ସମୁଦାୟ ସେବା କାର୍ଯ୍ୟକ୍ରମର ଯୋଜନା ଓ ରୂପାୟନ ନେଇ ଆଲୋଚନା କରାଯାଇଥିଲା । ଏଥିସହିତ ମାଇ ଭାରତ କାର୍ଯ୍ୟକ୍ରମର ପ୍ରଚାର ପାଇଁ ନୋଡାଲ ଅଧିକାରୀ ଓ ନୋଡାଲ ରାଷ୍ଟ୍ରଦୂତଙ୍କ ଚିହ୍ନଟ, ବିଭିନ୍ନ ସରକାରୀ ବିଭାଗ ଓ ଶିକ୍ଷାନୁଷ୍ଠାନ ସହ ସମନ୍ୱୟ ଏବଂ ଯୁବ କାର୍ଯ୍ୟକ୍ରମର ପ୍ରଭାବୀ ରୂପାୟଣ ଉପରେ ଆଲୋଚନା ହୋଇଥିଲା । ଯୁବମାନଙ୍କୁ ସ୍ୱଚ୍ଛତା ଅଭିଯାନ, ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ସାମାଜିକ ଓ ସମୁଦାୟ ବିକାଶମୂଳକ କାର୍ଯ୍ୟ ଏବଂ ନାଗରିକ ସହଭାଗିତାରେ ଅଧିକ ସକ୍ରିୟ କରିବା ନେଇ ମଧ୍ୟ ମତବିନିମୟ କରାଯାଇଥିଲା । ଆଗାମୀ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ଭବାନୀପାଟଣା ତହସିଲଦାର କ୍ଷୀରୋଦ ନାଗ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁର ନିଶା, ଜାତୀୟ ସେବା ଯୋଜନାର ନୋଡାଲ ଅଧିକାରୀ ଜୟନ୍ତ କୁମାର ଦଣ୍ଡସେନା, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଓ୍ୱିଲିୟମ ରାକେଶ କୁପ୍, ମାଇ ଭାରତ ଯୁବ ନେତା ସମ୍ଭୁ ବିଶି, ମାଇ ଭାରତର ସହକାରୀ ପ୍ରକଳ୍ପ ଅଧିକାରୀ ବୁଡିଆ ବାଞ୍ଛୋରଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ । ବୈଠକର ଶେଷରେ "ନିଶାମୁକ୍ତ ଯୁବା" ଅଭିଯାନ ଅଧୀନରେ ଉପସ୍ଥିତ ସମସ୍ତେ ନିଶାଠାରୁ ଦୂରେଇ ରହିବା, ଅନ୍ୟମାନଙ୍କୁ ନିଶାରୁ ଦୂରେଇ ରହିବା ପାଇଁ ସଚେତନ କରିବା ଏବଂ ସୁସ୍ଥ, ସଚେତନ ଓ ଦାୟିତ୍ୱବାନ ଯୁବ ସମାଜ ଗଠନ ପାଇଁ ନିଶାମୁକ୍ତ ଯୁବ ଶପଥ ଗ୍ରହଣ କରିଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA
ଶନିବାର ୨୬ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଏସିଆନ ଗେମ୍ସ: ୪ ଗୁଣା ୪୦୦ ମିଟର ମିକ୍ସଡ୍ ଇଭେଂଟରେ ଭାରତକୁ ରୌପ୍ୟ ପଦକ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଏସିଆନ ଗେମ୍ସରେ ଚମିକିଛନ୍ତି ଭାରତର ଆଥଲେଟ । ୪ ଗୁଣା ୪୦୦ ମିଟର ରିଲେର ମିକ୍ସଡ ଇଭେଂଟରେ ଭାରତକୁ ମିଳିଛି ରୌପ୍ୟ ପଦକ । ଶେଷ ରାଉଣ୍ଡରେ ବିଥିୟା ରାମରାଜଙ୍କ ଜବରଦସ୍ତ ଦୌଡ଼ ଯୋଗୁ ଭାରତକୁ ଏପରି ସଫଳତା ମିଳି ପାରିଛି । ଏହି ଇଭେଂଟରେ ବାହାରିନ ହାସଲ କରିଛି ସ୍ୱର୍ଣ୍ଣ ପଦକ । ଭାରତ ରୌପ ପଦକ ଜିତିବା ପରେ ଚଳିତ ଏସିଆନ ଗେମ୍ସରେ ଦେଶର ମେଡାଲ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ବିଶାଲ ଥେନ୍ନାରାସୁ, ପୋରକ୍କା ରାଜୁ, ମନୁ ଟିଏ ଓ ରାମରାଜଙ୍କୁ ନେଇ ଗଠିତ ଭାରତୀୟ ମିକ୍ସଡ ଟିମ ୪୦୦ ମିଟର ରିଲେକୁ ୩.୧୪.୪୬ ସମୟରେ ଶେଷ କରି ପୁଣି ରୌପ୍ୟ ପଦକ ନିଜ ପାଖରେ ରଖି ପାରିଛି । କାରଣ ଏହି ମିକ୍ସଡ ଟିମ ୨୦୨୩ ଏସିଆନ ଗେମ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲା । ବିଶାଲ ଭାରତ ପାଇଁ ଦୌଡ଼ ଆରମ୍ଭ କରିଥିଲେ । ତେବେ ସେ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନଥିଲେ । ଏହାପରେ ପୋରାକ୍କା ଭାରତର ମଙ୍ଗ ସମ୍ଭାଳିଥିଲେ । ସେ ଧୀମା ଆରମ୍ଭ କରିଥିଲେ ହେଁ ଶେଷ ୫୦ ମିଟର ଦୌଡ଼ରେ ଜାନ ଲଗାଇ ଦେଇଥିଲେ । ଭାରତ ମେଡାଲ ଦୌଡ଼ରେ ସାମିଲ ହୋଇଥିଲା । ୩ ରାଉଣ୍ଡରେ ଭାରତର ବାଂଟନ ମନୁଙ୍କ ହାତକୁ ଯାଇଥିଲା । ମନୁ ଠିକଠାକ ପ୍ରଦର୍ଶନ କରିବା ପରେ ଶେଷ ରାଉଣ୍ଡ ପାଇଁ ବିଥିୟାଙ୍କୁ ବାଂଟନ ଦେଇଥିଲେ । ନିଜର ଶକ୍ତିଶାଳୀ ଫିନସ ପାଇଁ ଜଣାଶୁଣା ବିଥିୟା କାହାକୁ ନିରାଶ କରି ନଥିଲେ । ସେ ଶେଷ ଲ୍ୟାପରେ ନିଜର ଦମଦାର ପ୍ରଦର୍ଶନ କରିଥିଲେ । ଭାରତ ବ୍ରୋଞ୍ଜ ପଦକ ଜିତିବାକ ବୋଲି କୁହାଯାଉଥିଲା । ହେଲେ ଠିକଣା ସମୟରେ ବିଥିୟା ନିଜର ସ୍ପିଡକୁ ବଢ଼ାଇଥିଲେ । ଏହାପରେ ଭାରତକୁ ନାଟକୀୟ ଢଙ୍ଗରେ ରୌପ୍ୟ ପଦକ ଭେଟି ଦେଇଥିଲେ । ବାହାରିନ ଗେମ ରେକର୍ଡ ୩.୧୨.୮୭ ସମୟ ସହ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଭିଏତନାମର ଖେଳାଳି ବ୍ରୋଞ୍ଜ ପଦକ ପାଇଛନ୍ତି । ସେମାନଙ୍କ ସମୟ ୩.୧୪.୫୪ ରହିଛି । ଭାରତ ୩.୧୪.୪୬ ସମୟ ସହ ରୌପ୍ୟ ପଦକ ହାସଲ କରିଛି । ୩ ବର୍ଷ ତଳେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ଭାରତ ୪ ଗୁଣା ୪୦୦ ମିଟର ରେସରେ ରୌପ୍ୟ ପଦକ ଜିତିଥିଲା । ୪ ଗୁଣା ୪୦୦ ମିଟର ପୂର୍ବରୁ ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସର ୧୦ ହଜାର ମିଟର ଫାଇନାଲରେ ଭାରତର ସୀମା କୁମାରୀ ବ୍ରୋଞ୍ଜ ପଦକ ଜିତିଥିଲେ । ସୀମା ୩୨.୫୦.୦୫ ସମୟ ସୀମା ସହ ବ୍ରୋଞ୍ଜ ପଦକ ଜିତି ୧୬ ବର୍ଷ ଧରି ଭାରତ ଏହି ଇଭେଂଟରୁ ଆଶା କରିଥିବା ପଦକ ଅପେକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ଗୁରୁବାର ୨ ଇଭେଂଟରୁ ୨ଟି ପଦକ ସହ ଭାରତର ମେଡାଲ ସଂଖ୍ୟା ଚଳିତ ଏସିଆନ ଗେମ୍ସରେ ୧୭କୁ ବୃଦ୍ଧି ପାଇଛି ।

ଶୁଟିଂରେ ଭାରତକୁ ପ୍ରଥମ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଏସିଆନ୍ ଗେମ୍ସ ୨୦୨୬ରେ ଭାରତର ପଦକ ଅଭିଯାନକୁ ଶୁଟିଂରୁ ବଡ଼ ବୁଷ୍ଟ । ଷଷ୍ଠଦିନ ଆରମ୍ଭରେ ଭାରତକୁ ମିଳିଛି ସ୍ୱର୍ଣ୍ଣ ଓ ରୌପ୍ୟ । କମଲଜିତ ଓ ସୁରୁଚିଙ୍କ ଯୋଡ଼ି ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଶୁଟରଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି । ଶୁଟିଂରେ ଭାରତ ହାସଲ କରିଛି ତା'ର ପ୍ରଥମ ସ୍ୱର୍ଣ୍ଣ ପଦକ । ଏହା ପୂର୍ବରୁ କ୍ରିକେଟରେ ମହିଳା ଦଳ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲା । ୧୦ ମିଟର ଏୟାର ପିସ୍ତଲ୍ ମିକ୍ସଡ୍ ଟିମ୍ ଇଭେଂଟରେ କମଲଜିତ ଓ ସୁରୁଚି ଇନ୍ଦର ସିଂହ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଛନ୍ତି । ୪୮୪.୬ ପଏଂଟ ସହ ଏହି ଯୋଡ଼ି କେବଳ ସ୍ୱର୍ଣ୍ଣ ଜିତିନାହାନ୍ତି, ଏକ ଏସିଆନ୍ ରେକର୍ଡ ମଧ୍ୟ ସ୍ଥାପନ କରିଛନ୍ତି । ଫାଇନାଲରେ ଭାରତୀୟ ଯୋଡ଼ି ୪୮୪.୬ ପଏଂଟ ସହ ପ୍ରଥମ ସ୍ଥାନରେ ରହିଥିଲେ । ଦକ୍ଷିଣ କୋରିଆ ୪୭୮.୦ ପଏଂଟ ସହ ରଜତ ଏବଂ ଇରାନ ୪୧୫.୮ ପଏଂଟ ସହ କାଂସ୍ୟ ପଦକ ଜିତିଛି । ଏହି ପ୍ରଦର୍ଶନ ଭାରତର ଶୁଟିଂ ଦଳ ପାଇଁ ବିଶେଷ ମହତ୍ୱ ରଖୁଛି । ଅନ୍ୟପଟେ ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଟିମ୍ ଇଭେଂଟରେ ଭାରତ ରଜତ ପଦକ ଜିତିଛି । ନୀରଜ କୁମାର, ରୁଦ୍ରାଂକ୍ଷ ପାଟିଲ୍ ଓ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମରଙ୍କ ଯୋଡ଼ି ୧୭୬୨-୯୪ଙ୍ଗ ସ୍କୋର ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ । ଚୀନ୍ ଏହି ଇଭେଂଟରେ ସ୍ୱର୍ଣ୍ଣ ଜିତିଛି । ଏହି ସ୍ୱର୍ଣ୍ଣ ଓ ରଜତ ସହ ଭାରତର ପଦକ ସଂଖ୍ୟା ମଧ୍ୟ ବଢ଼ିଛି । ସେପ୍ଟେମ୍ବର ୨୫ ସକାଳର ଅପଡେଟ୍ ଅନୁସାରେ ଭାରତର ମୋଟ ପଦକ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି । ଏଥିରେ ୨ ସ୍ୱର୍ଣ୍ଣ, ୮ ରଜତ ଓ ୯ କାଂସ୍ୟ ସାମିଲ ରହିଛି । ଷଷ୍ଠ ଦିନରେ ଭାରତକୁ ଅନେକ ପଦକ ମିଳିବାର ଆଶା ରହିଛି । ଅନେକ ପ୍ରତିଯୋଗୀ ସେମି କିମ୍ବା ଫାଇନାଲକୁ ଉତୀର୍ଣ୍ଣ ହୋଇଛନ୍ତି । ତେବେ ଗତ ୨୦୨୩ ହାଙ୍ଗଝୋଉ ଏସିଆନ୍ ଗେମ୍ସରେ ଭାରତ ୨୮ ସ୍ୱର୍ଣ୍ଣ ସହ ରେକର୍ଡ ୧୦୬ ପଦକ ଜିତିଥିଲା । ଏଥର ଆଇଚି-ନାଗୋୟାରେ ଭାରତୀୟ ଦଳ ସେହି ପ୍ରଦର୍ଶନକୁ ଟପିବା ଲକ୍ଷ୍ୟରେ ରହିଛି । ବର୍ତ୍ତମାନ ଶୁଟିଂରେ ମିଳିଥିବା ଏହି ସ୍ୱର୍ଣ୍ଣ ଓ ରଜତ ଭାରତର ପଦକ ଅଭିଯାନକୁ ନୂଆ ଗତି ଦେଇଛି ।

ମଣିପୁରରେ ବଳବତର ରହିଲା କଠୋର ଆଫସା ଆଇନ; ଘୋଷିତ ହେଲା 'ଅଶାନ୍ତ ଅଂଚଳ'

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ମଣିପୁରରେ ପୁଣି ବଳବତର ରହିଲା ଆଫସା । ୧୩ଟି ଥାନା ଅଂଚଳକୁ ଛାଡ଼ି ସମଗ୍ର ରାଜ୍ୟକୁ 'ଅଶାନ୍ତ ଅଂଚଳ' ଘୋଷଣା କଲା କେନ୍ଦ୍ର ଗୃହ ମନ୍ତ୍ରଣାଳୟ । ମଣିପୁରରେ ଆଇନଶୃଙ୍ଖଳା ଓ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଗ୍ରହଣ ଏକ ବଡ଼ ନିଷ୍ପତି ନେଇଛି । ସଶସ୍ତ୍ର ବାହିନୀ ବିଶେଷ କ୍ଷମତା ଆଇନ, ୧୯୫୮ର ଧାରା ୩ ଅନୁଯାୟୀ, ୧୩ଟି ନିର୍ଦ୍ଦିଷ୍ଟ ଥାନା ଅଂଚଳକୁ ବାଦ୍ ଦେଇ ସମଗ୍ର ରାଜ୍ୟକୁ 'ଅଶାନ୍ତ ଅଂଚଳ' ଭାବେ ଘୋଷଣା କରାଯାଇଛି । ଏହି ନିର୍ଦ୍ଦେଶନାମା ଅକ୍ଟୋବର ୧, ୨୦୨୬ରୁ ଲାଗୁ ହୋଇ ଆଗାମୀ ୬ ମାସ ପର୍ଯ୍ୟନ୍ତ କିମ୍ବା ପରବର୍ତୀ ଆଦେଶ ପର୍ଯ୍ୟନ୍ତ ବଳବତର ରହିବ । ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ଗୁଇନ୍ଦା ରିପୋର୍ଟକୁ ସମୀକ୍ଷା କରିବା ପରେ କେନ୍ଦ୍ର ସରକାର ଅକ୍ଟୋବର ୧ରୁ ଏହି ନିଷ୍ପତିକୁ ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି । ଇମ୍ଫାଲ, ସିଙ୍ଗଜାମେଇ, ପାଟସୋଇ, ୱାଙ୍ଗୋଇ, ପୋରୋମପାଟ, ହେଇଙ୍ଗାଙ୍ଗ, ଇରିଲବୁଙ୍ଗ, ଥୌବାଲ, ବିଷ୍ଣୁପୁର, ନାମବୋଲ ଏବଂ କାକଚିଙ୍ଗ୍ ଭଳି ୧୩ଟି ଥାନା ଅଂଚଳକୁ ଏହି ବିଜ୍ଞପ୍ତିରୁ ବାଦ୍ ଦିଆଯାଇଛି । ୧୩ଟି ଥାନାକୁ ଛାଡ଼ି ପାହାଡ଼ିଆ ଜିଲ୍ଲା ସମେତ ରାଜ୍ୟର ବାକି ସମସ୍ତ ଅଂଚଳରେ ସେନା ଓ କେନ୍ଦ୍ରୀୟ ସୁରକ୍ଷା ବଳକୁ ସ୍ୱତନ୍ତ୍ର କ୍ଷମତା ମିଳିବ । ମଣିପୁରରେ ଗତ କିଛି ବର୍ଷ ଧରି ଲାଗିରହିଥିବା ଜାତିଗତ ହିଂସା, ଉତେଜନା ଏବଂ ବେଆଇନ ଅସ୍ତ୍ରଶସ୍ତ୍ରର ଚୋରାଚାଲାଣ କାରଣରୁ ସୁରକ୍ଷା ସ୍ଥିତି ଏବେ ମଧ୍ୟ ସମ୍ବେଦନଶୀଳ ରହିଛି । ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନଥିବାରୁ ସେନା ଓ ସୁରକ୍ଷା ବାହିନୀର ହାତକୁ ଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପୁଣିଥରେ ଏହି କଠୋର ଆଇନକୁ ବଳବତର ରଖିଛନ୍ତି । ତେବେ ଶାନ୍ତି ପ୍ରତିଷ୍ଠା ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସମ୍ବେଦନଶୀଳ ଅଂଚଳରେ କଡ଼ା ପହରା ଜାରି ରହିଛି ।

ମୋତେ ଏନକାଉଂଟର କରାଯାଇପାରେ : ସୋନମ୍ ୱାଙ୍ଗଚୁକ୍

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଲଦାଖର ଜଳବାୟୁ କାର୍ଯ୍ୟକର୍ତା ସୋନମ୍ ୱାଙ୍ଗଚୁକ୍ ଗୁରୁବାର କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ଗୁରୁତର ଅଭିଯୋଗ ଆଣିବା ସହ ତାଙ୍କୁ ଏନକାଉଂଟର କରି ହତ୍ୟା କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଗତବର୍ଷ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ସମୟରେ ସୁରକ୍ଷା ବାହିନୀର ଗୁଳିଚାଳନାରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣାର ପ୍ରଥମ ବାର୍ଷିକୀ ଅବସରରେ ସେ ଏହି ବୟାନ ଦେଇଛନ୍ତି । ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିଧାସଳଖ ଦାୟୀ କରିବା ସହ ସେ ତାଙ୍କର ଇସ୍ତଫା ଦାବି କରିଛନ୍ତି । ୱାଙ୍ଗଚୁକ୍ ଅଭିଯୋଗ କରିଛନ୍ତି ଯେ ଲଦାଖରେ ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଲଗାଇବା ପାଇଁ ଗୁପ୍ତ ଷଡ଼ଯନ୍ତ୍ର କରାଯାଇଥିଲା । ଗୁଳିଚାଳନା ନିର୍ଦ୍ଦେଶ ଦେବା ପାଇଁ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ ଅଫିସରମାନେ ମନା କରିବା ସତ୍ୱେ ବେଆଇନ ଭାବେ ଗୁଳିଚାଳନା କରାଯାଇଥିଲା । ସେହିପରି ସରକାର ଗଠନ କରିଥିବା ଜଷ୍ଟିସ୍ ବି.ଏସ୍. ଚୌହାନଙ୍କ ନ୍ୟାୟିକ ତଦନ୍ତ କମିଟିର ରିପୋର୍ଟକୁ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି । ଲଦାଖକୁ ରାଜ୍ୟ ପାହ୍ୟା ପ୍ରଦାନ କରିବାକୁ ଦେଇଥିବା ପ୍ରତିଶ୍ରୁତିରୁ କେନ୍ଦ୍ର ସରକାର ଓହରି ଯାଇଥିବାରୁ ଏହି ଅସନ୍ତୋଷ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ନି ଷ୍ଟ୍ରାଇକରେ ସଚିନଙ୍କ ଏସିଆ ରେକର୍ଡ

ଭୁବନେଶ୍ୱର, ୨୫/୯(ଆ.ପ୍ର):ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ପୁଣି ଏକ ଗର୍ବ ଓ ଗୌରବର ଖବର ସାମ୍ନାକୁ ଆସିଛି । ପୂର୍ବରୁ ୩ ଥର ଗିନିଜ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରି 'ନି ଷ୍ଟ୍ରାଇକର ଅଫ୍ ଇଣ୍ଡିଆ' ଭାବେ ଖ୍ୟାତି ଅର୍ଜନ କରିଥିବା ଯୁବ କ୍ରୀଡ଼ାବିତ୍ ସଚିନ ବେହେରା ଆଉ ଏକ ନୂଆ ମାଇଲଖୁଂଟ ଛୁଇଁଛନ୍ତି । ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପରେ ଏବେ ସେ 'ଏସିଆ ବୁକ୍ ଅଫ୍ ରେକର୍ଡସ'ରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଗୋଡ଼ରେ ଏକ କିଲୋଗ୍ରାମ ଓଜନର ଆଙ୍କଲ ୱେଟ୍ ବାନ୍ଧି, ମାତ୍ର ଏକ ମିନିଟ୍ ମଧ୍ୟରେ ଗୋଟିଏ ଗୋଡ଼ରେ ୧୦୩ ଥର 'ଫୁଲ୍ କଂଟାକ୍ଟ ନି ଷ୍ଟ୍ରାଇକ୍' କରି ସେ ଏହି ଚମତ୍କାର କୀର୍ତିମାନ ସ୍ଥାପନ କରିଛନ୍ତି । ଏହି ଚ୍ୟାଲେଞ୍ଜିଂ ରେକର୍ଡ ପ୍ରଚେଷ୍ଟା ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ୍ ଏକାଡେମୀ ପରିସରରେ ଗତ ୧୦ ସେପ୍ଟେମ୍ବର ୨୦୨୬ରେ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଥିଲା । ଏହି କଠିନ ପ୍ରତିଯୋଗିତା ସମୟରେ ବିଶେଷଜ୍ଞ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ, କିକ୍ ପ୍ୟାଡ୍ ଧାରକ ଭାବେ କୃପାସିନ୍ଧୁ ବାରିକ ଏବଂ ଟାଇମ୍ କିପର ଭାବେ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ରହି ସମଗ୍ର ପ୍ରକ୍ରିୟା ତଦାରଖ କରିଥିଲେ । ସମସ୍ତ ଭିଡିଓ ଫୁଟେଜ୍ ଓ ପ୍ରମାଣପତ୍ର ଯାଂଚ କରିବା ପରେ, ଏସିଆ ବୁକ୍ ଅଫ୍ ରେକର୍ଡସ କର୍ତୃପକ୍ଷ ୨୪ ସେପ୍ଟେମ୍ବର ୨୦୨୬ରେ ଇମେଲ୍ ଜରିଆରେ ଏହି ଐତିହାସିକ ରେକର୍ଡକୁ ଆନୁଷ୍ଠାନିକ ମାନ୍ୟତା ପ୍ରଦାନ କରିଛନ୍ତି । ନୂଆପଡ଼ା ଜିଲ୍ଲା ବୋଡେନ୍ ବ୍ଲକ୍‌ର ଇର୍କା ଗାଁର ବାସିନ୍ଦା ତଥା ଲକ୍ଷ୍ମୀ ପ୍ରସାଦ ବେହେରା ଓ ଆରତୀ ବେହେରାଙ୍କ ସୁପୁତ୍ର ସଚିନ ନିଜ ପ୍ରତିଭା ବଳରେ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିଛନ୍ତି । ନୂଆପଡ଼ା ଜିଲ୍ଲାର ପ୍ରଥମ ବ୍ୟକ୍ତି ଭାବେ ସେ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରିଥିଲେ । ପୂର୍ବରୁ ୨୦୧୯ ମାର୍ଚ୍ଚ ୧୦ରେ ୧୩୭ ଥର ନି ଷ୍ଟ୍ରାଇକ୍ କରି ପ୍ରଥମ ଗିନିଜ୍ ରେକର୍ଡ ଏବଂ ୨୦୨୨ରେ ଦ୍ୱିତୀୟ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ । ରାଜ୍ୟ ଓ ଜାତୀୟ ସ୍ତରରେ ସ୍ପ୍ରିଂଟର ଭାବେ ବହୁ ପଦକ ଜିତିଥିବା ସଚିନ, ହାଇ-ଟେକ୍ ମେଡିକାଲ କଲେଜରୁ ବିପିଟି ଡିଗ୍ରୀ ହାସଲ କରି ଏବେ ସେହିଠାରେ ଏମପିଟି (ଅର୍ଥୋପେଡିକ୍ସ) ଅଧ୍ୟୟନ କରୁଛନ୍ତି । ନିଜର ଏହି ଅତୁଳନୀୟ ସଫଳତା ସମ୍ପର୍କରେ ସଚିନ କହିଛନ୍ତି ଯେ, ଜଣେ ସ୍ପ୍ରିଂଟର ହୋଇଥିବାରୁ ନି ଷ୍ଟ୍ରାଇକ୍ ତାଙ୍କ ଦୈନନ୍ଦିନ ଫିଟନେସ୍ ଅଭ୍ୟାସର ଏକ ମୁଖ୍ୟ ଅଂଶ ଥିଲା । କୋଚ୍ ସୌମ୍ୟ ରଞ୍ଜନ ଦାସଙ୍କ ଉପଯୁକ୍ତ ମାର୍ଗଦର୍ଶନ ଏବଂ କଠିନ ଅଭ୍ୟାସ ବଳରେ ହିଁ ଏହି ସଫଳତା ମିଳିପାରିଛି । ଏଥିସହ ହାଇ-ଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କ ନିରନ୍ତର ପ୍ରେରଣା ଓ ସହଯୋଗ ପାଇଁ ସେ କୃତଜ୍ଞତା ଜଣାଇଛନ୍ତି । ସଚିନଙ୍କ ଏହି ବିରଳ ସଫଳତା ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ସିକ୍କିମରେ ଭୟଙ୍କର ଭୂସ୍ଖଳନ: ୩୦ରୁ ଅଧିକ ଘର ପ୍ରଭାବିତ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟରେ ସିକ୍କିମର ଗ୍ୟାଲସିଂ ଜିଲ୍ଲାର ରିମ୍ବି ଗାଁରେ ଭୟଙ୍କର ଭୂସ୍ଖଳନ ଘଟିଛି । ଗୁରୁବାର, ସେପ୍ଟେମ୍ବର ୨୪ ରାତିରେ ଘଟିଥିବା ଏହି ଭୂସ୍ଖଳନ ଯୋଗୁଁ ଅନେକ ଘର ଓ ସରକାରୀ ଆବାସ କ୍ଷତିଗ୍ରସ୍ତ ହୋଇଛି । ପାହାଡ଼ ଉପରୁ ବହୁ ପରିମାଣର ମାଟି, ପଥର ଓ ଆବର୍ଜନା ତଳକୁ ଖସି ଜନବସତି ଅଂଚଳକୁ ପ୍ରଭାବିତ କରିଥିଲା । ସ୍ଥାନୀୟ ରିପୋର୍ଟ ଅନୁସାରେ, ଭୂସ୍ଖଳନରେ ୩୦ରୁ ଅଧିକ ଘର ପ୍ରଭାବିତ ହୋଇଛି । ଏଥିରେ କିଛି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଅନ୍ୟ କେତେକ ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି । ବିଦ୍ୟୁତ ବିଭାଗର ସରକାରୀ କ୍ୱାର୍ଟର୍ସ ମଧ୍ୟ ଭୂସ୍ଖଳନର ପ୍ରଭାବରେ ଆସିଛି । ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ । ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ପରିବାରଙ୍କୁ ବିପଦପୂର୍ଣ୍ଣ ଅଂଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପ୍ରଶାସନ ପକ୍ଷରୁ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ ଉପରେ ନଜର ରଖାଯାଉଛି । ଏହି ଘଟଣାକୁ ନେଇ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଚିନ୍ତା ପ୍ରକାଶ କରିଛନ୍ତି । ପ୍ରଭାବିତ ଅଂଚଳରେ ଲୋକଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସେ କହିଛନ୍ତି । ସ୍ଥାନୀୟ ପ୍ରଶାସନକୁ ହାଇଆଲର୍ଟରେ ରହିବା ସହ ପରିସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଲଗାତାର ବର୍ଷା ଯୋଗୁଁ ସିକିମର ବିଭିନ୍ନ ଅଂଚଳରେ ଭୂସ୍ଖଳନ ଘଟଣା ବଢ଼ିଛି । ରିମ୍ବି ଅଂଚଳରେ ମଧ୍ୟ ପୂର୍ବରୁ ଭୂସ୍ଖଳନ ଯୋଗୁଁ ଘର, ରାସ୍ତା ଓ ଅନ୍ୟାନ୍ୟ ସର୍ବସାଧାରଣ ସମ୍ପତି ପ୍ରଭାବିତ ହୋଇଥିଲା । ସେପ୍ଟେମ୍ବର ମଧ୍ୟଭାଗରେ ରିମ୍ବି ଓ ସିଙ୍ଗଲିଡାମ୍ବର ବିପଦପ୍ରବଣ ପରିବାରଙ୍କ ପାଇଁ ରିଲିଫ୍ କ୍ୟାମ୍ପ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ବର୍ଷା ଜାରି ରହିଥିବାରୁ ଆଗକୁ ଆହୁରି ଭୂସ୍ଖଳନର ଆଶଙ୍କା ରହିଛି । ତେଣୁ ପ୍ରଶାସନ ପକ୍ଷରୁ ଜାରି ସତର୍କତା ଓ ସୁରକ୍ଷା ନିର୍ଦ୍ଦେଶ ପାଳନ କରିବା ସହ ବିପଦପ୍ରବଣ ସ୍ଥାନଠାରୁ ଦୂରେ ରହିବାକୁ ଲୋକଙ୍କୁ ଅପିଲ୍ କରାଯାଇଛି ।

ଇସିଆଇ-ନେଟ୍ କୁ ନେଇ ବଡ଼ ବିବାଦ

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ନିର୍ବାଚନ କମିଶନଙ୍କ ଡିଜିଟାଲ୍ ପ୍ଲାଟଫର୍ମ ଇସିଆଇ-ନେଟକୁ ନେଇ ବିବାଦ ଜୋର ଧରିଛି । ଗୋଆରେ ଏସଆଇଆର ପରେ ୯୭ ଜଣ ଯୋଗ୍ୟ ଭୋଟରଙ୍କ ନାଁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇନଥିବା ଘଟଣା ପରେ ଏହି ପ୍ରସଙ୍ଗ ଚର୍ଚ୍ଚାକୁ ଆସିଛି । ଏସଆଇଆର ସମୟରେ ପୁରୁଣା ଭୋଟର ତାଲିକାରେ ଭୋଟରଙ୍କ ନାଁ ସହ ମାତା-ପିତା କିମ୍ବା ଜେଜେବାପା-ଜେଜେମାଙ୍କ ତଥ୍ୟ ମେଳ ନଖାଇବା ଭଳି ଯୁକ୍ତିଗତ ଅସଙ୍ଗତି ଆଧାରରେ କିଛି ନାଁ ଚିହ୍ନଟ କରାଯାଇଥିଲା । ଏହାପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମ୍ପୃକ୍ତ ଭୋଟରଙ୍କୁ ଦସ୍ତାବିଜ ଦେବା ଓ ନିଜ ପକ୍ଷ ରଖିବାର ସୁଯୋଗ ମିଳିଥିଲା । ଗୋଆରେ ୬୪୯ ଜଣ ଭୋଟର ଆଗକୁ ଆସିଥିବା ବେଳେ, ଯାଂଚ ପରେ ୯୭ ଜଣଙ୍କୁ ଇଆରଓ ଏବଂ ଏଇଆରଓ ଯୋଗ୍ୟ ବୋଲି ଘୋଷଣା କରିଥିଲେ । କିନ୍ତୁ ଏଠି ଆସିଥିଲା ଇସିଆଇ-ନେଟ୍ ରେ ଟେକ୍ନିକାଲ୍ ସମସ୍ୟା । ଭୋଟରଙ୍କ ନାଁ ଥରେ ଫର୍ମ-୭ ମାଧ୍ୟମରେ ବାଦ ଦିଆଯିବା ପରେ ତାହାକୁ ପୁଣି ଫେରାଇବା ପାଇଁ ଇସିଆଇ-ନେଟ୍ ରେ ପୂର୍ବ ଅବସ୍ଥାକୁ ଫେରିବା ସୁବିଧା ନଥିବା କହିଛି ନିର୍ବାଚନ କମିଶନ । ଗୋଆ ସିଇଓଙ୍କ କାର୍ଯ୍ୟାଳୟ ଫେବ୍ରୁଆରୀ ୧୧ରୁ ୧୭ ମଧ୍ୟରେ ଏହି ସୁବିଧା ପାଇଁ ୮ ଥର ଯୋଗାଯୋଗ କରିଥିଲେ ମଧ୍ୟ, ଫେବୃଆରୀ ୨୧ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପୂର୍ବରୁ ଏହା ସକ୍ରିୟ ହୋଇପାରିନଥିଲା । ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କର ଭୋଟର ତାଲିକାରେ ନାଁ ଯୋଡ଼ିବା, ସଂଶୋଧନ କରିବା ଓ ବାଦ ଦେବାର ଆଇନଗତ ଦାୟିତ୍ୱ ରହିଛି । ଡିଇଓ ଜିଲ୍ଲା ସ୍ତରରେ ନିର୍ବାଚନୀ କାର୍ଯ୍ୟର ସମନ୍ୱୟ କରନ୍ତି, ଯେତେବେଳେ ସିଇଓ ରାଜ୍ୟ ସ୍ତରରେ ନିର୍ବାଚନୀ ବ୍ୟବସ୍ଥାର ତଦାରଖ କରନ୍ତି । ଇସିଆଇର କହିବା ହେଉଛି, ଇସିଆଇ-ନେଟ୍ କେବଳ ଏକ ସୁବିଧା ପ୍ରଦାନକାରୀ ପ୍ଲାଟଫର୍ମ ଏବଂ ଇଆରଓଙ୍କ statutory powers ଅବିକୃତ ରହିଛି ।

ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି : ଅକ୍ଟୋବର ୨ରୁ ଦେଶବ୍ୟାପୀ ଆନ୍ଦୋଳନ ଡାକରା

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଓ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସାରା ଦେଶରେ ବିବାଦ ତୀବ୍ର ହେବାରେ ଲାଗିଛି । ମୁଖ୍ୟ ନିର୍ବାଚନ କମିସନର୍ (ସିଇସି) ଜ୍ଞାନେଶ କୁମାର ସ୍ୱେଚ୍ଛାକୃତ ଭାବେ ଇସ୍ତଫା ନଦେଲେ, ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ମୁମ୍ବାଇରୁ ଦେଶବ୍ୟାପୀ ବୃହତ୍ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ''କାକରୋଚ୍ ଜନତା ପାର୍ଟି'' (ସିଜେପି) ଚେତାବନୀ ଦେଇଛି । ଦଳର ଜାତୀୟ ସଂଯୋଜକ ଅଭିଜିତ୍ ଦୀପକେ ସୋସିଆଲ୍ ମିଡିଆ ''ଏକ୍ସ'' ଜରିଆରେ ଏହି ସୂଚନା ଦେଇଛନ୍ତି । ସିଜେପି ପକ୍ଷରୁ ସିଇସି ଜ୍ଞାନେଶ କୁମାର ଭୋଟରଙ୍କ ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ଆଣି ତାଙ୍କର ତୁରନ୍ତ ଇସ୍ତଫା ଦାବି କରାଯାଇଛି । ଆଗାମୀ ୪୮ ଘଂଟା ମଧ୍ୟରେ ଇସ୍ତଫା ନମିଳିଲେ ଦେଶରେ ''ଜନ୍ତର ମନ୍ତର ୨.୦'' ଭଳି ସ୍ଥିତି ସୃଷ୍ଟି ହେବ ବୋଲି ଦଳ କହିଛି । ଏହାସହ ବିରୋଧୀ ଦଳଗୁଡ଼ିକୁ କଟାକ୍ଷ କରି ଦୀପକେ କହିଛନ୍ତି ଯେ, ନିର୍ବାଚନରେ କାରସାଦି ହେଉଥିବା ଜାଣି ମଧ୍ୟ କେବଳ ନିଜର ଅସ୍ତିତ୍ୱ ବଂଚାଇବା ପାଇଁ ଅଂଶଗ୍ରହଣ କରିବା ଏକ ଅବୈଧ ପ୍ରକ୍ରିୟାକୁ ସ୍ୱୀକୃତି ଦେବା ସହ ସମାନ । ଏହି ସମଗ୍ର ବିବାଦ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପରେ ସାମ୍ନାକୁ ଆସିଛି । ଏହି ରିପୋର୍ଟ ଅନୁଯାୟୀ, ନିର୍ବାଚନ କମିସନର ସୁଖବୀର ସିଂହ ସନ୍ଧୁ ଏବଂ ବିବେକ ଯୋଶୀ ବିଗତ ୧୦ ମାସ ମଧ୍ୟରେ ସେମାନଙ୍କ ଅଜ୍ଞାତରେ ନିଆଯାଇଥିବା ଏସଆଇଆର-ସମ୍ବନ୍ଧୀୟ ସିଦ୍ଧାନ୍ତ ଓ ପ୍ରକ୍ରିୟାଗତ ତ୍ରୁଟି ଉପରେ ଅତି କମରେ ୧୪ ଥର ଲିଖିତ ଆପତି ଜଣାଇଥିଲେ । ନିର୍ବାଚନ ଆୟୋଗ ଏହି ନୋଟଗୁଡ଼ିକୁ ନିଷ୍ପତି ପ୍ରକ୍ରିୟାର ଅଂଶ ବୋଲି ସ୍ୱୀକାର କରିଥିଲେ ହେଁ, କୌଣସି ନିର୍ଦ୍ଦିଷ୍ଟ କାରଣ କିମ୍ବା ଆପତିର ସମାଧାନ ବାବଦରେ ସ୍ପଷ୍ଟୀକରଣ ଦେଇନାହାନ୍ତି । ଏହି ପରିପ୍ରେକ୍ଷୀରେ, ଏସଆଇଆର ପ୍ରକ୍ରିୟାର ନିରପେକ୍ଷ ତଦନ୍ତ ଏବଂ ସମସ୍ତ ରେକର୍ଡ ସୁପ୍ରିମ୍ କୋର୍ଟ କିମ୍ବା ଏକ ସ୍ୱାଧୀନ ନ୍ୟାୟିକ ତଦନ୍ତ କମିଟିକୁ ହସ୍ତାନ୍ତର କରିବାକୁ ସିଜେପି ଦାବି କରିଛି ।

ଇଲେକ୍ସନ୍ କମିସନଙ୍କ 'ବିଏଲଓ ଆପ୍'ରେ 'ମାର୍କ ଭିଆଇପି' ଫିଚରକୁ ନେଇ ଚର୍ଚ୍ଚା

ନୂଆଦିଲ୍ଲୀ, ୨୫/୯(ନ୍ୟୁ.ଏ): ଦେଶର ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସଆଇଆର୍) ମଧ୍ୟରେ ଭାରତୀୟ ନିର୍ବାଚନ କମିସନ୍ (ଇସିଆଇ) ବୁଥ୍ ଲେଭଲ୍ ଅଫିସର (ବିଏଲଓ)ଙ୍କ ବ୍ୟବହୃତ ଆପରେ 'ମାର୍କ ଭିଆଇପି' ନାମକ ଏକ ନୂଆ ଫିଚର ସାମିଲ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁଲାଇ ୩୦ ତାରିଖରେ 'ବିଏଲଓ ଆପ୍'କୁ ଅପଡେଟ୍ କରାଯାଇ ଏହି ସୁବିଧା ଯୋଡ଼ାଯାଇଥିବା ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ନିର୍ବାଚନ ଆୟୋଗଙ୍କ ମାନୁଆଲ୍ ଅନୁଯାୟୀ, ସାଂସଦ, ବିଧାୟକ, ବିଚାରପତି, ପ୍ରଶାସନିକ ଅଧିକାରୀ, ସାମ୍ବାଦିକ, କ୍ରୀଡ଼ା ଏବଂ କଳା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ 'ମାର୍କଡ୍ ଭୋଟର' କିମ୍ବା ଭିଆଇପି ଶ୍ରେଣୀରେ ରଖାଯାଏ । ଏହି ନୂଆ ଫିଚର ଜରିଆରେ ବିଏଲଓମାନେ ସେମାନଙ୍କ ଅଂଚଳରେ ଥିବା ଭିଆଇପି ଭୋଟରଙ୍କୁ ଚିହ୍ନଟ କରି ସେମାନଙ୍କ ଫର୍ମ ପ୍ରକ୍ରିୟାକରଣକୁ ପ୍ରାଥମିକତା ଦେଇପାରିବେ । ତେବେ ରାଜଧାନୀ ଦିଲ୍ଲୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଉପପ୍ରଧାନମନ୍ତ୍ରୀ ଏଲ୍.କେ. ଅଡଭାଣୀ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ନିର୍ବାଚନ କମିସନର ଏସ୍.ଏସ୍. ସନ୍ଧୁଙ୍କ ଭଳି ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ 'ଲଜିକାଲ୍ ଡିସକ୍ରେପାନସି' (ତଥ୍ୟଗତ ଅସଙ୍ଗତି) ନୋଟିସ୍ ପଠାଯିବା ପରେ ଏହି ଭିଆଇପି ଭୋଟର ପ୍ରସଙ୍ଗକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି । ଏ ବାବଦରେ ସ୍ପଷ୍ଟୀକରଣ ଦେଇ ନିର୍ବାଚନ ଅଧିକାରୀମାନେ କହିଛନ୍ତି ଯେ, ୨୦୧୮ରୁ ନିର୍ବାଚନ ଆୟୋଗଙ୍କ ନିୟମାବଳୀରେ ଭିଆଇପି ଭୋଟରଙ୍କ ତାଲିକା ରଖିବାର ପ୍ରାବଧାନ ରହିଛି । ଭିଆଇପି ଭୋଟରମାନେ ଗଣନା ଫର୍ମ ପୂରଣ ନକଲେ ମଧ୍ୟ ସେମାନଙ୍କ ନାମ ଖସଡ଼ା ଭୋଟର ତାଲିକାରେ ସାମିଲ କରାଯାଏ, ମାତ୍ର ସେମାନେ ଦାବି ଓ ଆପତି ନୋଟିସରୁ ବାଦ୍ ପଡ଼ନ୍ତି ନାହିଁ । କେବଳ ନିର୍ବାଚନ ସମୟରେ ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇଦେବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ଆପରେ ଏହି ଫିଚର ସଂଯୋଗ କରାଯାଇଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das